


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୪ ଫେବୃୟାରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 04 FEBRUARY 2021

Vol.No. 31 ■ No. 33 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଓଡ଼ିଶାରେ ଆନ୍ଧ୍ର କରୁଛି ନିର୍ବାଚନ !



କୋରାପୁଟ/ଜୟପୁର,୦୩।୦୨ (ନି.ପ୍ର): ସୀମା ଡେଇଁଲା ଓଡ଼ିଶା-ଆନ୍ଧ୍ର ସୀମା ବିବାଦ ଚରମ ପର୍ଯ୍ୟାୟରେ ପହଞ୍ଚିଲା ପଡ଼ୋଶୀ ରାଜ୍ୟର ଦାଦାଗିରି। ବର୍ଷ ବର୍ଷ ଧରି କୋରାପୁଟ ସୀମାନ୍ତ ପଞ୍ଚାୟତ କୋଟିଆରେ ନିଜ ଆଧିପତ୍ୟ ବିସ୍ତାର କରୁଥିବା ଆନ୍ଧ୍ର ପ୍ରଶାସନ ଏବେ ପାର କରିଛି ସବୁ ସୀମା । କୋଟିଆ ପଞ୍ଚାୟତର ତଳଗଞ୍ଜେଇପଦର, ପଟୁ ସିନେରୀ ଓ ଫଗୁଣ ସିନେରୀ ଭଳି ୩ଟି ଗାଁକୁ ନିଜ ଦଖଲକୁ ନେଇଛି ଆନ୍ଧ୍ର ସରକାର । ଉଦ୍‌ବେଗର ବିଷୟ ହେଉଛି, ଏହି ଗାଁରେ ଖାଲି ପ୍ରଶାସନିକ ରାଜ୍ କରୁନି ବରଂ ଆନ୍ଧ୍ରରେ ଚାଲିଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ବି ଆରମ୍ଭ କରିଦେଇଛି। ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକାଶ ପାଇଥିବା ନୋଟିଫିକେସନରେ କୋଟିଆ ପଞ୍ଚାୟତର ତିନି ଗାଁର ନାଁ ସାଲୁର ବ୍ଲକରେ ସାମିଲ କରାଯାଇଛି। ଏହି ୩ଟି ଗାଁକୁ ଗଞ୍ଜାଇବାଦରା, ପଟ୍ଟୁଚେନୁରୁ ଓ ପଗୁଲୁଚେନୁରୁ ପଞ୍ଚାୟତ ଭାବେ ନାମକରଣ କରି ଏଠି ନିର୍ବାଚନ ପ୍ରକ୍ରିୟା ଚଳାଇଛି । ଏମିତିକି ଏ ତିନି ଗାଁରେ ଭୋଟ୍ ଲାଗି ନୋମିନେସନ୍ ବି ଦାଖଲ କରିଛନ୍ତି କିଛି ଆଶାୟୀ ପ୍ରାର୍ଥୀ। ଆନ୍ଧ୍ର-ଓଡ଼ିଶା ସୀମା ବିବାଦ, ବିଶେଷକରି କୋଟିଆ କାହାର, ତାହା ଏବେ ବି ସୁପ୍ରିମକୋର୍ଟରେ ବିଚାରାଧୀନ ଅଛି । ହେଲେ ଏପଟେ କିନ୍ତୁ ଆନ୍ଧ୍ରର ଏ ମନମାନୀ ଓ ଦାଦାଗିରିକୁ ନେଇ କୋରାପୁଟ ଜିଲ୍ଲା ପ୍ରଶାସନ ନିକଟରେ ଖବର ନାହିଁ। କୋରାପୁଟର ସୁଦୂର ଆଦିବାସୀ ଇଲାକା କୋଟିଆରେ ପ୍ରଶାସନିକ ଦୃଷ୍ଟି ପଡୁନଥିବା ନେଇ ବାରମ୍ବାର ଅଭିଯୋଗ ପରେ ଏବେ ସେଠାରେ କିଛି ଠୋସ୍ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି ରାଜ୍ୟ ସରକାର । ଆସନ୍ତା ୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭିଡିଓ କନଫରେନ୍ସିଂ ଜରିଆରେ ଉଦ୍‌ଘାଟନ କରିବାକୁ ଯାଉଥିବା ବେଳେ ତା ପୂର୍ବରୁ ତିନି ଗାଁକୁ କବଜାକୁ ନେଇ ଚ୍ୟାଲେଞ୍ଜ୍ ଦେଇଛି ଆନ୍ଧ୍ର ।

## ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗ : ବିନିକା ରେଞ୍ଜ୍ ଫରେଷ୍ଟରଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ସୁବର୍ଣ୍ଣପୁର,୦୩।୦୨ (ନି.ପ୍ର): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ସୁବର୍ଣ୍ଣପୁର ଜିଲ୍ଲା ବିନିକା ରେଞ୍ଜ୍ ର ଫରେଷ୍ଟର ଜଗବନ୍ଧୁ ବାରିକଙ୍କ ଘରେ ଓ ବିନିକା ବନ ବିଭାଗ କାର୍ଯ୍ୟାଳୟରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି । ସୋନପୁର ଓ ସମ୍ବଲପୁରର ଦୁଇଟି ଭିଜିଲାନ୍ସ ଟିମ୍ ବୁଧବାର ଏକକାଳୀନ ସୋନପୁର ସହର ଶାନ୍ତି ନଗର ପଡାରେ ଥିବା ଘର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାଖରେ ଥିବା ଘର ଓ ବିନିକା ରେଞ୍ଜ୍ ଅଫିସରେ ଏକକାଳୀନ ଚଢ଼ଉ ଜାରୀ ରହିଛି । ଚଢ଼ଉ ବେଳେ ଘରେ ଥିବା ସମସ୍ତ ଆସବାବପତ୍ର, ଟଙ୍କା, ବ୍ୟାଙ୍କ ପାସବୁକ୍, ଜମିବାଡ଼ି ର କାଗଜପତ୍ର ଆଦି ବାବଦରେ ଭିଜିଲାନ୍ସ ଟିମ୍ ଛାନଭିନ୍ ଜାରୀ ରଖିଛି।

# ଚାଷୀ ଆନ୍ଦୋଳନକୁ ନେଇ ବିଦେଶରେ ଚର୍ଚ୍ଚା

## ପପ ଷ୍ଟାର ରିହାନାଙ୍କ ଟୁଇଟ ପରେ ବହୁ ଅନ୍ତର୍ଜାତୀୟ ସେଲିବ୍ରିଟିଙ୍କ ସମର୍ଥନ, ବିଦେଶ ମନ୍ତ୍ରାଳୟ କହିଲା ପ୍ରକୃତ କଥା ନବୁଝି କରାଯାଉଛି ଟୁଇଟ



ନୂଆଦିଲ୍ଲୀ,୦୩।୦୨ (ନି.ପ୍ର): ପପ୍ ଷ୍ଟାର ରିହାନା ଚାଷୀ ଆନ୍ଦୋଳନକୁ ନେଇ ଟ୍ୱିଟ କରିବା ପରେ ସେଲିବ୍ରିଟିଙ୍କ ମଧ୍ୟରେ ଜଙ୍ଗଲର ନିଆଁ ଭଳି ଖେଳିଗଲା । ଏହାପରେ ଜଣକ ପରେ ଜଣେ ଟ୍ୱିଟ କରିବାକୁ ଲାଗିଲେ । ବ୍ରିଟିଶ ସାଂସଦ, କ୍ଲାଉଡିଆ ୱେବ ଲେଖିଛନ୍ତି, ଏହା ଭାରତୀୟ କୃଷକଙ୍କ ଏକତାକୁ ଦର୍ଶାଉଛି । ଧନ୍ୟବାଦ ରିହାନା । ଏପରି ଏକ ଯୁଗ ଯେବେ ରାଜନୈତିକ ନେତୃତ୍ୱର ଅଭାବ ରହିଛି, ସେହି ସମୟରେ ଅନ୍ୟମାନେ ଆଗକୁ ଆସିବା ପାଇଁ ଧନ୍ୟବାଦ । ସେହିପରି ଆମେରିକାର ହାଉସ ଅଫ ରିପ୍ରେଜେନଟେଟିଭ ସଦସ୍ୟ ଜିମ କୋଷ୍ଟା ଟ୍ୱିଟ କରି ପ୍ରତିକ୍ରିୟା ରଖିଛନ୍ତି । ସେ ଲେଖିଛନ୍ତି, ଭାରତରେ ଘଟୁଥିବା ଘଟଣା ଚିନ୍ତାଜନକ । ବିଦେଶ ବ୍ୟାପାର ସମିତିର ସଦସ୍ୟ ଭାବେ ମୁଁ ଏହି ଘଟଣା ଉପରେ ନଜର ରଖିଛି ।

▶▶ପୃଷ୍ଠା ୭

## ତିନୋଟି ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କଲେ ମନ୍ତ୍ରୀ ତୁଷାରକାନ୍ତି ବେହେରା

ଭୁବନେଶ୍ୱର,୦୩।୦୨ (ନି.ପ୍ର): ଆଜି ଅପରାହ୍ନରେ ଇଲେକ୍‌ଟ୍ରୋନିକ୍ସ ସୂଚନା ପ୍ରଯୁକ୍ତି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ତିନୋଟି ସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିଛନ୍ତି । ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ଏବଂ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ ସାଂସଦ, ବିଧାୟକ ଏବଂ ବରିଷ୍ଠ ସରକାରୀ ଅଧିକାରୀଙ୍କ ସମତେ ବିଶିଷ୍ଟ ବ୍ୟକ୍ତିଙ୍କୁ ଏଥବରେ ସାମିଲ ହେବା ପାଇଁ ନିକଟରେ ଆହ୍ୱାନ ଦେଇଥିଲେ ।

▶▶ପୃଷ୍ଠା ୭

## ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ନାମରେ ଲୋକାୟୁକ୍ତରେ ମାମଲା ପ୍ରସଙ୍ଗ

# ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶକୁ ଖାରଜ କଲେ ହାଇକୋର୍ଟ



କଟକ,୦୩।୦୨ (ନି.ପ୍ର): ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ନାମରେ ଲୋକାୟୁକ୍ତରେ ମାମଲା ପ୍ରସଙ୍ଗରେ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶକୁ ଖାରଜ କରିଛନ୍ତି ହାଇକୋର୍ଟ । ମାମଲାରେ ଆବେଦନକାରୀ ଖୋଦ୍ ଭିଜିଲାନ୍ସ ହୋଇଥିବାରୁ ଏହାକୁ ଖାରଜ କରିଛନ୍ତି କୋର୍ଟ । ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ପ୍ରଦୀପଙ୍କ ବିରୋଧରେ ଥିବା ଅଭିଯୋଗର ତଦନ୍ତ ଚାଲିଛି । ଭିଜିଲାନ୍ସ ଡିଏସପିଙ୍କ ନେତୃତ୍ୱରେ ଏହାର ଖୋଳତାଡ଼ ହେଉଛି । ତେଣୁ ଏହାକୁ ଯୁକ୍ତିଯୁକ୍ତ ନମାନି ଆବେଦନକୁ ଖାରଜ କରିଛନ୍ତି ହାଇକୋର୍ଟ । ଏଠାରେ ଉଲ୍ଲେଖଯୋଗ୍ୟ, ପ୍ରଦୀପଙ୍କ ବିରୋଧରେ ଆସିଥିବା ଅଭିଯୋଗରେ ଲୋକାୟୁକ୍ତଙ୍କ ଠାରେ ମାମଲା ପରେ ଏହାକୁ ଭିଜିଲାନ୍ସକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ତେବେ ଏହାକୁ ଚ୍ୟାଲେଞ୍ଜ୍ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବିଧାୟକ ପ୍ରଦୀପ ପାଣିଗ୍ରାହି । ପ୍ରକାଶ ଥାଉକି, ଟାଟାରେ ଚାକିରୀ କରାଇଦେବା ନାମରେ ହୋଇଥିବା ଠକେଇ ଅଭିଯୋଗ ମାମଲାରେ ପ୍ରଦୀପ ଗିରଫ ହୋଇଛନ୍ତି । କ୍ରାଇମବ୍ରାଂଚ ମାମଲାର ତଦନ୍ତ କରୁଥିବା ବେଳେ ପରବର୍ତି ସମୟରେ ଭିଜିଲାନ୍ସ ମଧ ପ୍ରଦୀପଙ୍କ ନାମରେ ଆସିଥିବା ବିଭିନ୍ନ ଅଭିଯୋଗର ଖୋଳତାଡ଼ କରୁଛି ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା : ଶିଶୁକନ୍ୟା ମୃତ, ୪ ଗୁରୁତର

ଗଞ୍ଜାମ,୦୩।୦୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟ ରାସ୍ତାର ଗଣିଆ ନାଳ ଛକରେ ମା ଖେମୁଣ୍ଡି କାଳୁଆ ଫାଟକ ନିକଟରେ ଗତକାଲି ରାତିରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଏକ ଦେଢ଼ ବର୍ଷିୟା ଶିଶୁକନ୍ୟାର ମୃତ୍ୟୁ ଘଟିଛି । ୪ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତ ଶିଶୁକନ୍ୟା ହେଉଛି ଦିଗପହଣ୍ଡି ଥାନା ଅନ୍ତର୍ଗତ ବି.ତୁରୁଗୁଡି ପଚାଂୟତ ମରେଇବାଡି ଗ୍ରାମର ଚାନ୍ଦିନୀ ମଲ୍ଲିକ।

▶▶ପୃଷ୍ଠା ୭

# ଗୋବର୍ଦ୍ଧନ୍ ଯୋଜନାର ଏକୀକୃତ ପୋର୍ଟାଲ ଶୁଭାରମ୍ଭ

## ଦେଶର କୋଣ ଅନୁକୋଣରେ ସ୍ୱଚ୍ଛତାର କ୍ରାନ୍ତି ଆଣିବା ଲକ୍ଷ୍ୟ : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୦୩।୦୨ (ନି.ପ୍ର): ଭାରତବର୍ଷର କୃଷକଙ୍କ ଅତିରିକ୍ତ ଆୟକୁ ବଢ଼ାଇବା ଓ ଦେଶର କୋଣ ଅନୁକୋଣରେ ସ୍ୱଚ୍ଛତାର କ୍ରାନ୍ତି ଆଣିବା ଦିଗରେ ବୁଧବାର ଗୋବର୍ଧନ୍ ଯୋଜନାର ଏକୀକୃତ ପୋର୍ଟାଲର ଶୁଭାରମ୍ଭ କରାଯାଇଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆଦିଲ୍ଲୀ ଠାରେ ଶ୍ରୀ ପ୍ରଧାନଙ୍କ ସମେତ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏବଂ କେନ୍ଦ୍ର ଜଳଶକ୍ତି ରାଷ୍ଟ୍ର ମନ୍ତ୍ରୀ ରତନ ଲାଲ୍ କଟାରିଆଙ୍କ ଉପସ୍ଥିତିରେ ଏହି ଗୋବରଧନ ଯୋଜନାର ଏକୀକୃତ ପୋର୍ଟାଲ http://sbm.gov.in/gbdw20/ର ଶୁଭାରମ୍ଭ କରାଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୱେଷ୍ଟ ଟୁ ୱେଲଥ୍ ମନ୍ତ୍ରକୁ ଫଳପ୍ରଦ କରିବା ଏବଂ ଅନ୍ନଦାତାଙ୍କୁ ଉର୍ଜାଦାତା

▶▶ପୃଷ୍ଠା ୭

# ଆଗଧାଡ଼ିର ଯୋଦ୍ଧାମାନଙ୍କ ପାଇଁ ଅଫିସରେ ହେବ ଟିକାକରଣ



ଭୁବନେଶ୍ୱର,୦୩।୦୨ (ନି.ପ୍ର): ଏବେ ଆଗଧାଡ଼ିର ଯୋଦ୍ଧାମାନଙ୍କ ପାଇଁ ବିଭିନ୍ନ ଅଫିସରେ ଟିକା ରୁମ୍ କରାଯାଇ ଟିକାକରଣ ହେବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ସମୁଦାୟ ୧ ଲକ୍ଷ ୯୨ ହଜାର ଡାଟାବେସ ପ୍ରସ୍ତୁତ ହୋଇସାରିଛି। ଏହି ଟିକାକରଣ କାର୍ଯ୍ୟକ୍ରମ ଆସନ୍ତା ୬ ତାରିଖରୁ ଆରମ୍ଭ ହେବକୁ ଯାଉଛି। ତେବେ ୩ ସପ୍ତାହ ମଧ୍ୟରେ ଆଗଧାଡ଼ିର ଯୋଦ୍ଧାମାନଙ୍କର ଟିକାକରଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ ରଖାଯାଇଛି। ଓଡ଼ିଶାକୁ ଆଜି ୬୩ ହଜାର ୯୦ ଡୋଜ କୋଭିସିଲଡ଼ ଓ ୮୩ ହଜାର ୫୦୦ କୋଭାକ୍ସିନ ଟିକା ଆସିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨ ଲକ୍ଷ ୮ ହଜାର୨୦୫ ଜଣଙ୍କୁ ଟିକା ଦିଆଯାଇଛି। ଯାହା ୬୨ ପ୍ରତିଶତ ଅଟେ । ପ୍ରଥମ ପର୍ଯ୍ୟାୟ ଟିକାକରଣ ୧୦ ତାରିଖ ଭିତରେ ଶେଷ ହେବ ବୋଲି ଆଶା କରାଯାଉଛି। ଆସନ୍ତା ଫେବ୍ରୁଆରି ୧୫ ତାରିଖରୁ ପ୍ରଥମ ପର୍ଯ୍ୟାୟର ଦ୍ୱିତୀୟ ଡୋଜ ଟିକା ଦିଆଯିବ ବୋଲି ସେ କହିଛନ୍ତି ।

## ନକଲି ମୃଦୁ ପାନୀୟ ଫ୍ୟାକ୍ଟ୍ରିର ମାଲିକ ଗିରଫ

ଭୁବନେଶ୍ୱର,୦୩।୦୨ (ନି.ପ୍ର): କମିଶନରେଟ ପୋଲିସ ଭୁବନେଶ୍ୱର ମଂଚେଶ୍ୱରରୁ ନକଲି ମୃଦୁ ପାନୀୟ ଜବତ ଘଟଣାରେ ଫ୍ୟାକ୍ଟ୍ରି ମାଲିକ ଶ୍ରୀପତି ରଞ୍ଜନ ବେହେରାଙ୍କୁ ଆଜି ଗିରଫ କରିଛି। ଉଲ୍ଲେଖନୀୟ ଯେ କାରଖାନାରେ ବଜାରରେ ବିକ୍ରି ହେଉଥିବା ବଡ ବଡ ବ୍ରାଣ୍ଡର ଭେଜାଲ ମୃଦୁ ପାନୀୟ ତିଆରି ହେଉଥିଲା। ଗତକାଲି ଚଢ଼ାଉ କରି ଫ୍ୟାକ୍ଟ୍ରି ସିଲ୍ କରିଥିଲା ପୁଲିସ୍। ବିଭିନ୍ନ ବ୍ରାଣ୍ଡର କୋଲ ଡ୍ରିଙ୍କସ ବୋତଲରେ ନକଲି ଲେବୁଲ ଲଗାଇ ଅପମିଶ୍ରିତ ମୃଦୁ ପାନୀୟ ତିଆରି କରୁଥିବା ଜଣା ପଡିଥିଲା ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କଟକ-ପୁରୀ ବାଇପାସ୍ ରୋଡରେ ଏଲଇଡି ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା ଲୋକାର୍ପିତ

ଭୁବନେଶ୍ୱର,୦୩।୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ସଂଧ୍ୟାରେ ଭୁବନେଶ୍ୱରର ଟଙ୍କପାଣି ରୋଡସ୍ଥିତ ସାଇମନ୍ଦିର ଛକ ଠାରେ କଟକ-ପୁରୀ ବାଇପାସ୍ ରୋଡରେ ଏଲ୍‌ଇଡି ଷ୍ଟ୍ରିଟଲାଇଟ ଆଲୋକୀକରଣ ବ୍ୟବସ୍ଥାକୁ ଲୋକାର୍ପିତ କରିଛନ୍ତି । ଏହି ଆଲୋକୀକରଣ ବ୍ୟବସ୍ଥା ବାଇପାସ୍ ରୋଡର ପଳାଶୁଣୀ ଛକ ଠାରୁ ଲିଙ୍ଗିପୁର ଛକ ପର୍ଯ୍ୟନ୍ତ ୧୨ କିଲୋମିଟର ରାସ୍ତାରେ ଆଲୋକୀକରଣ କାର୍ଯ୍ୟକାରୀ କରାଯାଇଛି। ଏହାଦ୍ୱାରା ବିଦ୍ୟୁତ ଶକ୍ତି ଖର୍ଚ୍ଚ କମିବା ସହିତ ଜନସାଧାରଣ ବିଶେଷକରି ଗାଡିଚାଳକ ଓ ପଥଚାରୀ ମାନଙ୍କ ଯାତାୟତ ଅଧିକ ନିରାପଦ ହେବ ଏବଂ ଉତମ ଆଲୋକୀକରଣ ବ୍ୟବସ୍ଥା ଦ୍ୱାରା ସଡକ ଦୁର୍ଘଟଣା କମିବା ସହିତ ଚୋରୀ ଓ ଲୁଟପାଟ ଭଳି ଅପରାଧିକ କାର୍ଯ୍ୟକଳାପ ମଧ କମିପାରିବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ ଯେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏଥିରେ ୩୮୭ଟି ଖୁଂଟିରେ ୧୨୦ ୱାଟ ବିଶିଷ୍ଟ ୭୭୪ଟି ଏଲ୍‌ଇଡି ଲାଇଟ ଲଗାଯାଇଛି ଏବଂ ଲିଙ୍ଗିପୁର, କେଶୁରା ଓ ପାଣ୍ଡରା ଠାରେ ୩ଟି ହାଇମାଷ୍ଟ ଲାଇଟ ଲଗାଯାଇଛି। ଏଥିପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨.୮୫ କୋଟି ଟଙ୍କା ବ୍ୟୟ କରାଯାଇଛି। ଭୁବନେଶ୍ୱର ମହାନଗର ଅଂଚଳ ମଧ୍ୟରେ ନିଗମ ପକ୍ଷରୁ ଉଜ୍ଜଳ ଆଲୋକୀକରଣ କାର୍ଯ୍ୟକ୍ରମ ଜାରି ରହିଛି। ବର୍ତମାନ ସହରର ବିଭିନ୍ନ ସ୍ଥାନରେ ୪୦ ହଜାରରୁ ଅଧିକ ଲାଇଟ ଲଗାଯାଇଛି। ଖୁବ୍‌ଶୀଘ୍ର ଅଧିକ ଆଲୋକୀକରଣ ପାଇଁ ଆଉ ୬.୭ କୋଟି ଟଙ୍କା ବିନିଯୋଗ କରାଯିବ। ଏହି କାର୍ଯ୍ୟକ୍ରମରେ ପଂଚାୟତିରାଜ ଓ ପାନୀୟ ଜଳ

▶▶ପୃଷ୍ଠା ୭

# ଟେମ୍ପୋକୁ ପିଟିଲା ଟ୍ରକ୍ : ୧୦ ଗୁରୁତର, ବାଲେଶ୍ୱର ସ୍ଥାନାନ୍ତର



ଜଳେଶ୍ୱର, ୩/୨ (ନିପ୍ର) : ଆଜି ଅପରାହ୍ନରେ ୫୭ନଂ ଜାତୀୟ ରାଜପଥ ସୁଗୋ ପେଟ୍ରୋଲ ପମ୍ପ ନିକଟରେ ଏକ ବିଭତ୍ସ ସଡକ ଦୁର୍ଘଟଣା ଘଟିଯାଇଛି । ଓଡି୦୧ଏଜି୦୭୭୮ ନଂ ଟେମ୍ପୋରେ ମୟୁରଭଂଜ ଶଂଖାଭଂଗା ଅଂଚଳର କେତେକ କୃଷି ଶ୍ରମିକ ଭୋଗରାଇ ନାଚିନ୍ଦା ଅଂଚଳକୁ କାମ କରିବାପାଇଁ ଯାଉଥିବା ବେଳେ ନାମ୍ପୋ ଆଡୁ ଏକ ଟ୍ରକ ଓଡି୦୧ଡି୯୪୧୧ ଦ୍ରୁତଗତିଆରେ ଆସି ମୁହାଁମୁହିଁ ଧକ୍କା ଦେଇଥିଲା । ଫଳରେ ଟେମ୍ପୋରେ ବସିଥିବା ୧୨ଜଣ ଗୁରୁତର ହୋଇ ପ୍ରଥମେ ଜିକେଭଟର ହସ୍‌ପିଟାଲ ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି । ଗୁରୁତର ମାନଙ୍କ ମଧ୍ୟରେ ସପନ ପାଇକରାୟ, କାଜଲ ଦେହୁରୀ, ରାଜୁ ଦେହୁରୀ, ସପନ କୁମାର ଦେ, ଟିପିରି ଦେହୁରୀ, ଦାନ ଦେହୁରୀ, ଗେହ୍ଲି ଦେହୁରୀ, କୁନି ଦେହୁରୀ, ଶିବା ଦେହୁରୀ, ଲଳିତା ଦେହୁରୀ ପ୍ରମୁଖ ଦିନ ମଜୁରିଆଭାବେ ଆସିଥିଲେ । ଘଟଣାସ୍ଥଳ ଏପରି ହୋଇଥିଲା ଯେ ରାସ୍ତା ରକ୍ତ ରଂଜତ ହୋଇଯାଇଥିଲା । ଏହି ଦୁର୍ଘଟଣା ପରେ ସ୍ଥାନୀୟ ଗ୍ରାମବାସୀମାନେ ରାସ୍ତାରେ ହମ୍ପସ୍ ନିର୍ମାଣ ଓ ଦ୍ରୁତ ଗାଡିଚାଳନକୁ ବିରୋଧ କରି ଟାୟାର ଜାଳି ଅବରୋଧ କରିଥିଲେ । ସୂଚନାଯୋଗ୍ୟ ଏହି ରାସ୍ତାଟି ବ୍ୟସ୍ତବହୁଳ ହୋଇଥିବାରୁ ଜଳେଶ୍ୱର ଠାରୁ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ରାସ୍ତାରେ ଦ୍ରୁତ ଓ ବେପରୁଆ ଗାଡିଚାଳନା ଯୋଗୁଁ ପ୍ରତିଦିନ ଦୁର୍ଘଟଣା ବଢ଼ି ଚାଲିଛି । ଏହି ରାସ୍ତାର ବିଭିନ୍ନ ସ୍ଥାନରେ ପୋଲିସ୍ ଫାଣ୍ଡି ରହିଥିଲେ ମଧ୍ୟ କୌଣସି ପୋଲିସ୍ ପେଟ୍ରୋଲିଂର ବ୍ୟବସ୍ଥା ନ ଥିବାରୁ ଏପରି ଦୁର୍ଘଟଣା ଘଟୁଥିବା ଗ୍ରାମବାସୀମାନେ ଦାବି କରିଛନ୍ତି ।

# ଆଇ.ଟି.ଆଇ ଛାତ୍ରଛାତ୍ରୀଙ୍କ ୯ ମାସର ହଷ୍ଟେଲ ଫି ଛାଡ୍ : ଉପକୃତ ହେବେ ୩୦ ହଜାର ଛାତ୍ରଛାତ୍ରୀ





ଭୁବନେଶ୍ୱର,୦୩।୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ସରକାରୀ ଆଇ.ଟି.ଆଇ.ରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କର ୯ ମାସର ହଷ୍ଟେଲ ଫି ଛାଡ କରାଯାଇଛି। ଏହାଦ୍ୱାରା ସରକାରୀ ଆଇ.ଟି.ଆଇ.ରେ ପଢୁଥିବା ରାଜ୍ୟର ୩୦ ହଜାର ଛାତ୍ରଛାତ୍ରୀ ଉପକୃତ ହେବେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ୨୦୨୦ ଅପ୍ରେଲ ଠାରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ୯ ମାସର ହଷ୍ଟେଲ ଫି ଛାଡ କରାଯାଇଛି। କୋଭିଡ ଯୋଗୁ ଏହି ସମୟରେ ଛାତ୍ରଛାତ୍ରୀ ହଷ୍ଟେଲରେ ରହୁ ନ ଥିଲେ। ଆଇ.ଟି.ଆଇ ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀମାନେ ହଷ୍ଟେଲର ଦେୟ ବାବଦରେ ମାସିକ ୧୨୫ ଟଙ୍କା ଦେଇଥାନ୍ତି। ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀ ୯ ମାସରେ ୧୧୨୫ ଟଙ୍କା ଦେୟ ହଷ୍ଟେଲ ଫି ବାବଦରେ ଛାଡ ପାଇବେ।

## ମାଟ୍ରିକ ଫର୍ମ ପୂରଣ ଫେବୃଆରୀ ୧୦ ଯାଏଁ ବୃଦ୍ଧି

ଭୁବନେଶ୍ୱର,୦୩।୦୨ (ନି.ପ୍ର): ମାଟ୍ରିକ ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ଅବଧି ଫେବୃଆରୀ ୧୦ ତାରିଖ ମଧ ରାତ୍ରୀ ଯାଏଁ ବୃଦ୍ଧି କରାଯାଇଛି। ପୂର୍ବରୁ ୨ ଫେବୃଆରୀ ଯାଏଁ ଫର୍ମ ପୂରଣର ଅବଧି ରହିଥିଲା। ଏନେଇ ମାଧମିକ ଶିକ୍ଷା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି । ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ଜାନୁଆରୀ ୧୦ ତାରିଖରୁ ମାଟ୍ରିକ ଫର୍ମ ପୂରଣ ଆରମ୍ଭ ହୋଇଛି। ଜାନୁଆରୀ ୮ ତାରିଖରୁ ସରକାର ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଠ ପଢା ଆରମ୍ଭ କରିଛନ୍ତି।

# କୋଶଳ ସାହିତ୍ୟ ପରିଷଦ ବାର୍ଷିକ ଉତ୍ସବ ୧୪ରେ



ବାଲେଶ୍ୱର,୩।୨ (ନି.ପ୍ର): କଶୋଳ ସାହିତ୍ୟ ପରିଷଦର ତୃତୀୟ ବାର୍ଷିକ ଉତ୍ସବ ସମ୍ପର୍କିତ ଏକ ବୈଠକ ଚାନ୍ଦିପୁରସ୍ଥିତ ମିର୍ଜାପୁର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । କବି ଇନାୟତ ଅଲି ଖାଁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପରିଷଦର ପ୍ରତିଷ୍ଠାତା ସମ୍ପାଦକ କବି ଗଗନ ସେଠୀ, ସହ-ସମ୍ପାଦକ କବି ମଧୁସୂଦନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଓଡ଼ିଆ ଭାଷା ସାହିତ୍ୟ ସମୃଦ୍ଧି ପାଇଁ ଏହି ସଂଗଠନ ପ୍ରତିଷ୍ଠା ହୋଇଥିବା କହିଥିଲେ । ସାହିତ୍ୟ ଚର୍ଚ୍ଚାକୁ କେବଳ ସହର ମଧ୍ୟରେ ସୀମିତ ନ ରଖି ଗ୍ରାମାଞ୍ଚଳରେ ସାରସ୍ୱତ କ୍ଷେତ୍ରର ବିକାଶ ପାଇଁ ପ୍ରୟାସ କରିବା ଉଚିତ ବୋଲି ସେମାନେ କହିଥିଲେ । ଚଳିତ ମାସ ୧୪ ତାରିଖ ସଂଧ୍ୟାରେ ପରିଷଦର ବାର୍ଷିକ ଉତ୍ସବ ଆୟୋଜନ ପାଇଁ ଏହି ବୈଠକରେ ନିଷ୍ପତି ନିଆଯାଇଥିଲା । ମିର୍ଜାପୁର କଓ୍ୱାଲି ପଡ଼ିଆରେ ଏହି ଉତ୍ସବ ଅନୁଷ୍ଠିତ ହେବ । ବାଲେଶ୍ୱରର ଲୋକପ୍ରିୟ ସାରସ୍ୱତ ସାଧକଙ୍କ ସମେତ କୋଲକାତା, କଟକ ଓ ଭଦ୍ରକ ଅଞ୍ଚଳରୁ ପ୍ରତିଷ୍ଠିତ କବି ସାହିତ୍ୟିକ ଏଥିରେ ଅତିଥି ଭାବେ ଯୋଗଦେବା ପାଇଁ ସ୍ଥିର କରାଯାଇଛି । ଉତ୍ସବକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଶେଖ ମଜିବୁର, ଗୁଲଫାମ ଅଲି ସାହା, ଅଜୁ ସାହା, ଶେଖ ଆବାସ, ଶେଖ ମୁଜାଫର, ଶେଖ କସିମୁଦ୍ଦିନ, ଶେଖ ମୁକ୍ତାର, ଶେଖ ଦିଲଓ୍ୱାର ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆସନ୍ତା ୧୪ ତାରିଖରେ ହେବାକୁ ଥିବା ଉତ୍ସବର ସମ୍ଭାବ୍ୟ ସଫଳତାାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ ।

# ସ୍ୱୟଂସଂପୂର୍ଣ୍ଣ କ୍ୟାପିଟାଲ୍ ହସ୍‌ପିଟାଲ୍ କାର୍ଡିଓଲୋଜି ବିଭାଗ : ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର ,୩।୨ (ନି.ପ୍ର): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବକିଶୋର ଦାସଙ୍କ ଅଧକ୍ଷତାରେ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଉପସ୍ଥିତିରେ କ୍ୟାପିଟାଲ୍ ହସ୍‌ପିଟାଲ୍ ର କାର୍ଡିଓଲୋଜି ବିଭାଗର କାର୍ଯ୍ୟକାରିତା ସଂପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକର ଆଲୋଚନା ଅନୁଯାୟୀ କ୍ୟାପିଟାଲ୍ ହସ୍‌ପିଟାଲ୍‌ର କାର୍ଡିଓଲୋଜିର ବହିର୍ବିଭାଗରେ ୨୦୧୯ରେ ୧୫ ହଜାରରୁ ଉର୍ଦ୍ଧ୍ୱ ହୃଦ୍‌ରୋଗୀ ପଂଜୀକୃତ ହୋଇଥିବାବେଳେ ୨୦୨୦ ମସିହାରେ ଏହି ସଂଖ୍ୟା ହୋଇଛି ପ୍ରାୟ ୧୬ ହଜାର । ଦିନକୁ ଦିନ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ବିଭାଗର ପରିସର ବୃଦ୍ଧି ପାଇଁ ବର୍ତମାନ ଭିତିଭୂମି ଉନ୍ନୟନ କାର୍ଯ୍ୟ ଜାରି ରହିଛି । ଏଠାରେ ବର୍ତମାନ ବହିର୍ବିଭାଗ ସହ କାର୍ଡିଓଲୋଜିକାଲ୍ ଇନ୍‌ଭେଷ୍ଟିଗେସନ୍ ଯଥା-ଇସିଜି, ଟୁଡିଇକୋ, ଟିଏମ୍‌ଟି ସେବା ସହ ୧୬ଟି ଶଯ୍ୟା ରହିଛି ଓ ସେହିପରି କ୍ୟାଥ୍ ଲ୍ୟାବ୍ ସର୍ଭିସ୍ ରେ ଆଞ୍ଜିଓଗ୍ରାମ୍ ଓ ଆଞ୍ଜିଓପ୍ଲାଷ୍ଟ ଭଳି ନିଦାନ ବ୍ୟବସ୍ଥା ଚାଲୁ ରହିଛି । କ୍ୟାପିଟାଲ୍ ହସ୍‌ପିଟାଲ୍ ର କାର୍ଡିଓଲୋଜି ବିଭାଗରେ ପ୍ରଫେସର ପି.କେ. ଦାସ ନିର୍ଦ୍ଦେଶକ ଭାବେ ଯୋଗଦେବା ପରେ ବିଭାଗର ନବକଳେବର ଆରମ୍ଭ ହୋଇଛି ଓ ଏବେ ସ୍ୱୟଂକ୍ରିୟ ତଥା ଚଳଚଂଚଳ ହୋଇଉଠିଛି । ବିଭାଗର ସଂପ୍ରସାରଣ ପାଇଁ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଏହା ସହିତ ଆଇସିୟୁ ଓ ଗ୍ୟାସ୍ ପାଇପ୍ ଲାଇନ୍ କାର୍ଯ୍ୟ ମଧ ଚାଲିଛି । କାର୍ଡିଓଲୋଜି ବିଭାଗ ସୁପର ସ୍ପେସିଆଲିଟି ବ୍ରାଂଚ ହୋଇଥିବାବେଳେ ଏଥି ପାଇଁ ଇସିଜି, କ୍ୟାଥ୍ ଲାବ, ଓଟି, ଆଇସିୟୁ ଓ ଇକୋ ଟେକ୍ନିସିଆନ୍ ଭଳି ପଦବୀର ବହୁଳ ଆବଶ୍ୟକତା ଥିବାରୁ ପଦବୀ ସବୁ ଖୁବ୍ ଶୀଘ୍ର ପୂରଣ ହେବ । ଏହା ସହିତ ନୂଆକରି ଏକ ଇଲେକ୍‌ଟ୍ରୋଫିଜିଓଲୋଜି ମେସିନ୍ କିଣିବା ପାଇଁ ବୈଠକରେ ନିଷ୍ପତି ହୋଇଥିଲା । ଏହି ଅତ୍ୟାଧୁନିକ ମେସିନ କିଣିବା ଦ୍ୱାରା ହୃଦ୍ ରୋଗ ଚିକିତ୍ସା କ୍ଷେତ୍ରରେ ସୁବିଧା ହୋଇପାରିବ । ଅନ୍ୟପକ୍ଷରେ କ୍ୟାଥ୍‌ଲାବ ପାଇଁ ବାର୍ଷିକ ହାରାହାରି ୧୫ କୋଟିରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହେବ ବୋଲି ବୈଠକରେ ହୋଇଥିବା ନିଷ୍ପତିରୁ ଜଣାପଡ଼େ । ଏହି ଅବସରରେ ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡଙ୍ଗୀ, ଡିଏମ୍ ଇଟି ପ୍ରଫେସର ସି.ବି.କେ. ମହାନ୍ତି, କ୍ୟାପିଟାଲ୍ ହସ୍‌ପିଟାଲ୍ କାର୍ଡିଓଲୋଜି ବିଭାଗର ନିର୍ଦ୍ଦେଶକ ପ୍ରଫେସର ପି.କେ. ଦାସ, ପୂର୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଜୟପୁର୍ ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କଲେ ଯାଜପୁର୍ ବିଧାୟକ

ଜୟପୁର ,୩।୨ (ନି.ପ୍ର): ଜୟପୁର ସରକାରି ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଗ୍ରହଣ କରିଛନ୍ତି । ସେ ଆଜି ଉକ୍ତ ବିଦ୍ୟାଳୟ ଗସ୍ତ କରି ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ ଓ ପୁରୁଣା ଛାତ୍ରଙ୍କ ସହ ଆଲୋଚନା କରିଥିଲେ । ଉକ୍ତ ବିଦ୍ୟାଳୟ ପରିଦର୍ଶନ କରି ସେ ଖୁସି ପ୍ରକଟ କରିଥିଲେ । ଓ ଏତେ ବଡ ବିଦ୍ୟାଳୟ ରାଜ୍ୟରେ ସେ କେଉଁଠି ଦେଖି ନଥିବା ପ୍ରକାଶ କରିଥିଲେ । ସେ ବିଦ୍ୟାଳୟ ଗୁଡିକର ଭିତିଭୂମିର ବିକାଶ, ସ୍ମାର୍ଟ କ୍ଲାସ ରୁମର ବ୍ୟବସ୍ଥା, ପୁରୁଣା କୋଠାର ସଂଗ୍ରକ୍ଷଣ ଓ ରକ୍ଷଣା ବେକ୍ଷଣର ବ୍ୟବସ୍ଥା, ଖେଳ ପଡିଆର ବିକାଶ, ଜୈବବିଭିଦତା ସଂରକ୍ଷଣ କରିବାକୁ ଉପରେ ଗୁରୁତ୍ୱ ଦେଇଥିଲେ । ଖୁବ ଶିଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ପ୍ରତିଶୃତି ଦେଇଥିଲେ ବିଧାୟକ । ଏହି ବିଦ୍ୟାଳୟ ୧୯୧୦ ମସିହାରେ ସ୍ଥାପିତ ହୋଇଥିବା ବେଳେ ୧୯୬୦ ରେ ବିଦ୍ୟାଳୟର ନୂତନ ଗୃହ ଆରମ୍ଭ ହୋଇ ୧୯୬୨ ରେ ଶେଷ ହୋଇଥିଲା । ବର୍ତମାନ ବିଦ୍ୟାଳୟରେ ୬ ରୁ ୧୦ମ ଶ୍ରେଣି ରହିଥିବା ବେଳେ ୭୮୬ ଛାତ୍ର ଛାତ୍ରୀ ଓ ୨୫ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଅଛନ୍ତି । ରାଜ୍ୟରେ ଶ୍ରେଷ୍ଠ ବିଦ୍ୟାଳୟ କରିବା ପାଇଁ ସେ ପ୍ରତିଶୃତି ଦେଇ ଫେରିଥିଲେ । ବିଧାୟକ ଶ୍ରୀ ଦାସଙ୍କ ସହ କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା, ବିହନ ନିଗମ ଅଧକ୍ଷ ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଇନ୍ଦିରା ନନ୍ଦ, ପୂର୍ବତନ ଉପାଧକ୍ଷ ସୂର୍ଯ୍ୟ ନାରାୟଣ ରଥ, ବାଲା ରାୟ, ରମାକାନ୍ତ ରାଉଳ, ଦେବେନ୍ଦ୍ର ଅଧକାରି ପ୍ରମୁଖ ଉପସ୍ଥିତ ଥିଲେ ।

# ଧାମନଗର ଫାଇଟର କ୍ଲବ ଆନୁକୂଲ୍ୟରେ ରାତ୍ରୀକାଳିନ ଭଲିବଲ ଟୁର୍ଣ୍ଣାମେଣ୍ଟ : ଫାଇନାଲରେ ସୂର୍ଯ୍ୟଶିକ୍ଷା ବିଜୟୀ

ଧାମନଗର ,୩।୨ (ନି.ପ୍ର): ଧାମନଗର ଫାଇଟର କ୍ଲବ ଆନୁକୂଲ୍ୟରେ ଏକ ଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ପଞ୍ଜାବ ଟିମ୍, ସୂର୍ଯ୍ୟଶିକ୍ଷା, ରାଉରକେଲା, ମୟୁରଭଞ୍ଜ, ବାଲେଶ୍ୱର, ଯାଜପୁରକୁ ମିଶାଇ ମୋଟ ୬ଟି ଟିମ୍ ଅଂଶ ଗ୍ରହଣ କରିଥିଲେ । ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବିଜୁ ପଟ୍ଟନାୟକ (କାଟଣାପାହି) ଷ୍ଟାଡ଼ିୟମ ପରିସରରେ ରାତ୍ରୀ କାଳିନ ଭଲିବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନ ହୋଇଯାଇଛି । ପଞ୍ଜାବ ଓ ସୂର୍ଯ୍ୟଶିଖା କ୍ଲବ ଭଦ୍ରକ ମଧରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିବାବେଳେ ପଞ୍ଜାବକୁ ହରାଇ ସୂର୍ଯ୍ୟଶିଖା କ୍ଲବ ବିଜୟ ଲାଭ କରିଥିଲା । ଏହି କାର୍ଯ୍ୟକ୍ରମରେ ଧାମନଗର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ, ବିବିସିସି ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା, ବରିଷ୍ଠ ସମିତି ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ବିଜେଡ଼ି ବ୍ଲକ ସଭାପତି ଉମେଶଚନ୍ଦ୍ର ମହାନ୍ତି, ନଗର ସଭାପତି ସୁଶାନ୍ତ କୁମାର ରାଉତ, ନଗର ବିଜୁ ଯୁବ ସଭାପତି ସେକ୍ ସଇଫୁଦ୍ଦିନ୍, ଆଇନ୍‌ଜୀବୀ ଅମରେନ୍ଦ୍ରନାଥ ମହାନ୍ତି, ସମାଜସେବୀ ଡ଼ାକ୍ତର ସାଦ୍ଦିକ, ଲମ୍ବୋଦର ଜେନା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଏମ୍‌ଡ଼ି ଫକିରୁଦ୍ଦିନ୍, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, କୃଷ୍ଣଚନ୍ଦ୍ର ଜେନା, ସେକ୍ ଜାଫର ଅଲ୍ଲୀ, ସରୋଜ ସେଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । କ୍ରୀଡ଼ା ମଣିଷ ପାଇଁ ଶାରିରୀକ ଓ ମାନସିକ ସ୍ତରରେ ସୁସ୍ଥତାର ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ଏଥିରେ ମନୋନିବେଶ କରିଥିବା ଖେଳାଳି ମାନଙ୍କୁ ଅତିଥିମାନେ ବକ୍ତବ୍ୟ ମାଧମରେ କହିବା ସହ ଉତ୍ସାହିତ କରିଥିଲେ । ଫାଇଟର କ୍ଲବର ମୁଖ୍ୟ ଆୟୋଜକ ସେକ୍ ରୋସ୍ତମ (ବାଟୋ), ସମେତ କ୍ଲବର କର୍ମକର୍ତ୍ତା ସେକ୍ କଲିମ୍, ସେକ୍ ରଫିକ୍, ବୁଲୁ ମହାନ୍ତି, ସେକ୍, ଲାଲୋ, ଏମ୍‌ଡ଼ି ଅଝାର ପ୍ରମୁଖ ଖେଳ ପରିଚ୍ଳନାରେ ସହଯୋଗ କରିଥିଲେ । ଏହି ଅବସରରେ ବିଜୟୀ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ । ବହୁତ ଥଣ୍ଡା ସତ୍ୱେ ଏହି ଭଲିବଲ ଟୁର୍ଣ୍ଣାମେଣ୍ଟକୁ ଶତାଧିକ ଦର୍ଶକ ଉପସ୍ଥିତ ରହି ଖେଳ ଦେଖିବା ସହିତ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।



## ନେହେନା ଗ୍ରାମରୁ ଉଦ୍ଧାର ହେଲା ସୋମବଂଶୀୟ ଶିବଲିଙ୍ଗ

ନୂଆପଡା,୩।୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହର ଠାରୁ ୩ କିଲୋମିଟର ଦୂର ନେହେନା ଗ୍ରାମରୁ ସୋମବଂଶୀୟ ଶିବଲିଙ୍ଗର ସନ୍ଧାନ ମିଳିଥିବା ଜଣାପଡିଛି । ଏହି ଗାଁରେ ପତ୍ନତାତ୍ୱିକ ଗବେଷକ ଜିତେନ୍ଦ୍ର ନାଗ ଏକ ଶିବ ଲିଙ୍ଗ ସହ ଏକ ଦେବୀଙ୍କ ମୂ ି ଉଦ୍ଧାର କରିଛନ୍ତି । ନେହେନା ଗ୍ରାମରେ ଐତିହାସିକ ଗୁରୁତ୍ୱ ରହିଥିବା ଶ୍ରୀନାଗ ପ୍ରକାଶ କରିଛନ୍ତି । ଏହି ଶିବଲିଙ୍ଗ ଭଗ୍ନାବସ୍ଥାରେ ରହିଅଛି । ଏହି ଶିବ ଲିଙ୍ଗ ଦେଖିବାକୁ ଛୋଟ ରହିଥିବା ବେଳେ ରାଜ୍ୟର କମ ସ୍ଥାନରେ ଦେଖିବାକୁ ମିଳେ । ଏହି ଶିବ ଲିଙ୍ଗ ସୋମବଂଶୀ ରାଜା ମହାଶିବ ଗୁପ୍ତ ବାଲାର୍ଜ୍ଜୁନଙ୍କ ରାଜତ୍ୱ କାଳ ବୋଲି ସୂଚନା ମିଳିଛି । ତାଙ୍କ ରାଜତ୍ୱ କାଳରେ ନେହେନା ଗ୍ରାମରେ ଏକ ଭବ୍ୟ ଶିବ ମନ୍ଦିରର କିଛି ଭଗ୍ନାବଶେଷ ମଧ୍ୟ ଦେଖିବାକୁ ମିଳିଅଛ । ୫୯୫-୬୫୫ ଖ୍ରୀଷ୍ଟାବ୍ଦର ମହାଶିବ ଗୁପ୍ତ ବାଲାର୍ଜ୍ଜୁନଙ୍କର ଶୈବ ଧର୍ମବିଶିଷ୍ଟ ମୋହର ଉଦ୍ଧାର ହୋଇଥିଲା । ଏହି ମୋହରରୁ ପ୍ରମାଣିତ ହୁଏ ସୋମବଂଶୀ ରାଜା ମହାଶିବ ଗୁପ୍ତ ବାଲାର୍ଜ୍ଜୁନ ଶୈବ ଧର୍ମର ପ୍ରଚାର ଓ ପ୍ରସାର ପାଇଁ ଗୋଟିଏ ମଠ ଏବଂ ମନ୍ଦିର ନିର୍ମାଣ କରାଇଥିଲେ ।

## ସହର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଜୟପୁର,୩।୨ (ନି.ପ୍ର): ଜୟପୁର ସହରର ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ସାହାଯ୍ୟ ଦି ହେଲପିଙ୍ଗ ଗ୍ରୁପ୍ ର ସଦସ୍ୟ ମାନେ ଉପ ଜିଲାପାଳଙ୍କୁ ଭେଟି ଏ ସଂକ୍ରାନ୍ତୀୟ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜାତୀୟ ରାଜପଥ ନିକଟରେ ସ୍ୱର୍ଗତ ଇନ୍ଦିରା ପଣ୍ଡା ଛକ ଏବଂ ଜୟନଗର ବରଗଛ ନିକଟରେ ଗୋଟିଏ ଲେଖାଏଁ ଟ୍ରାଫିକ ପୋଷ୍ଟ ଲଗାଯାଉ, ଟେଙ୍ଗାଡୁଟା ଶ୍ମଶାନ ନିକଟରେ ଯେଉଁ ବୁଲାଣି ଅଛି ସେଠାରେ ହମ୍ପସ କରାଯାଉ, ସହରରେ ବିଭିନ୍ନ ସ୍ଥାନରେ ଏଲଇଟି ଲାଇଟ ଲାଗୁଥିଲା । କିଛି ସ୍ଥାନ ଯଥା ପାର୍କ ଲାଇନ ଛକରୁ ହାନାଗୁଡା ଛକ ଡେଙ୍ଗା ତୋଟା ଶ୍ମଶାନରୁ ପାର୍କ ଯାଏ ଲାଇଟ ଚୋରି ହୋଇଯାଇଛି । ତୁରନ୍ତ ଏଠାରେ ଲାଇଟ ବ୍ୟବସ୍ଥା କରାଯାଉ । କେନ୍ଦୁଗୁଡା ଠାରୁ ଏନଏଚ ୨୬ ରାସ୍ତାରେ ଷ୍ଟାଟ ଲାଇଟ ଲଗାଯାଉ, ପଂଚବଟି ନଗର ଠାରୁ ପଟ୍ଟନାୟକ ଗୁଡା ରାସ୍ତା ନିର୍ମାଣ କରାଯାଉ, ଓ୍ୱାର୍ଡ ନଂ ୭ରେ ଆଲୋକର ବ୍ୟବସ୍ଥା କରାଯାଉ, ସହରରେ ଥିବା ଷ୍ଟିଟ ଲାଇଟ ଦିନ ରାତି ଜଳୁଛି ଏହାର ନିରାକରଣ କରାଯାଉ, ଓ୍ୱାର୍ଡ ନଂ ୧୪ ର ଅଧପନ୍ତରିଆ ରାସ୍ତା ନିର୍ମାଣ କରାଯାଉ, ପାର୍କ ଲାଇନରୁ ହାନାଗୁଡା ଛକ ରାସ୍ତା ନିର୍ମାଣ ନଚେତ ମରାମତି କରାଯାଉ ବୋଲି ଦାବୀ ହୋଇଛି । ଅନୁଷ୍ଠାର ସଦସ୍ୟ ମୁରଲି ପଟ୍ଟନାୟକ, ସତ୍ୟ ନାରାୟଣ ତ୍ରିପାଠି, ଶ୍ରୀକାନ୍ତ ଦାସ, ଜୟନ୍ତ ଦାସ, କାର୍ତିକ ରାଉତ, ରାମ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଦାବୀ ପତ୍ର ପ୍ରଦାନ କରିଥିଲେ ।

# ପ୍ରବାସୀ ଅନୁଷ୍ଠାନଗୁଡିକ ସାହିତ୍ୟରେ କ୍ରିୟାଶୀଳ ହୁଅନ୍ତୁ

ଭୁବନେଶ୍ୱର,୩।୨ (ନି.ପ୍ର): ଓଡ଼ିଶା ବାହାରେ ଓଡ଼ିଆ ସାହିତ୍ୟର ପାଠକୀୟ ଆଦର ରହିଛି । ସାହିତ୍ୟର ପ୍ରଚାର, ପ୍ରସାର ଓ ଅନୁବାଦ ଉପରେ ପ୍ରବାସୀ ଓଡ଼ିଆ ଅନୁଷ୍ଠାନଗୁଡିକ ଯତ୍ନବାନ୍ ହେଲେ ଆମ ସାହିତ୍ୟକୁ ଅଧିକ ଆଦୃତି ମିଳିବ । ପ୍ରବାସୀ ଅନୁଷ୍ଠାନଗୁଡିକ ସାହିତ୍ୟିକ କାର୍ଯ୍ୟକଳାପରେ ତତ୍ପର ହେବା ଆବଶ୍ୟକ ବୋଲି ଅଗ୍ରଣୀ ସଂଗଠନ ଭୁବନେଶ୍ୱର ସାହିତ୍ୟ ସମାଜର ଅଧିବେଶନରେ ବହୁମତ ପ୍ରକାଶ ପାଇଛି । କୃଷକ ସମାଜରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନ୍ୟାସନାଲ ବୁକ୍ ଟ୍ରଷ୍ଟର ଓଡ଼ିଆ ବିଭାଗର ପୂର୍ବତନ ସମ୍ପାଦକ ତଥା ସ୍ୱନାମଧନ୍ୟ କବି ମାନସ ରଞ୍ଜନ ମହାପାତ୍ର ଯୋଗଦେଇ "ଓଡ଼ିଶା ବାହାରେ ଓଡ଼ିଆ ସାହିତ୍ୟ" ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଓଡ଼ିଶା ବାହାରେ ଥିବା ଓଡ଼ିଆ ଅନୁଷ୍ଠାନଗୁଡିକ କେବଳ ବାର୍ଷିକସଭା କି ସାଂସ୍କୃତିକ କାର୍ଯ୍ୟକ୍ରମରେ ସୀମିତ ନରହି ପୁସ୍ତକ ଓ ପତ୍ରିକା ପ୍ରକାଶନ, ଅନୁବାଦ, ସାହିତ୍ୟ ସଭା ଇତ୍ୟାଦିରେ କ୍ରିୟାଶୀଳ ରହିଲେ ଓଡ଼ିଆ ଭାଷା-ସାହିତ୍ୟ ବୃହତର ପାଠକଗୋଷ୍ଠୀ ପାଖରେ ପହଂଚିପାରିବ ବୋଲି ଅନୁଷ୍ଠାନର ଉପସଭାପତି ରକ୍ଷକ ନାୟକ, ଡ.ଦେବାଶିଷ ମହାପାତ୍ର, ଡ. ରମେଶ ପ୍ରସାଦ ମହାନ୍ତି, ରାଜକିଶୋର ଦାସ ଓ ପବିତ୍ର ମୋହନ କର ପ୍ରମୁଖ ମତାମତ ରଖିଥିଲେ । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର ଅଧକ୍ଷତା କରିଥିଲେ । ଆଲୋଚନା ପର୍ଯ୍ୟାୟ ପରେ ନିରୁପମା କର ଓ ରଶ୍ମୀ ଦାସଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ପାଠୋତ୍ସବରେ ଡ. ଅଭୟ ନାରାୟଣ ନାୟକ, ବିଜନବାଳା ପାଟଯୋଶୀ, ମଞ୍ଜୁଳା ତ୍ରିପାଠୀ, ଶ୍ରୀବାସ ମହାପାତ୍ର, ପୀତାମ୍ବର ଭୋଇ, ଯଶୋବନ୍ତ ସେଠୀ, ଶାକ୍ୟସିଂହ ମହାପାତ୍ର, ମନମୋହନ ମିଶ୍ର, ଶତ୍ରୁଜିତ୍, ବିଧୁଭୂଷଣ ତ୍ରିପାଠୀ, ତପନ କୁମାର କର ଓ ସୂର୍ଯ୍ୟ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ ।

## ବେଆଇନ୍ ବାଲି ବୋଝେଇ ୪ ଟିପର୍ ଜବତ

କୋରେଇ,୩।୨ (ନି.ପ୍ର): ଆଜି ବ୍ୟାସନଗର ତହସିଲ ପକ୍ଷରୁ ସଠିପୁର ବରୁଣ୍ଡାଇ ରାସ୍ତାର କରଦା ନିକଟରୁ ୪ଟି ବାଲି ବୋଝେଇ ଟିପର ଜବତ କରାଯାଇଛି । ବାଲି ଟିପରକୁ ଯାଂଚ ସମୟରେ ସେମାନଙ୍କ କାଗଜପତ୍ର ନଥିବାରୁ ସେମାନଙ୍କୁ ପାଣିକୋଇଲି ପୁଲିସ ଜିମା ଦିଆଯାଇଥିଲା । ପରେ ଉକ୍ତ ୪ଟି ଟିପର(ଓଡି ୨୨କେ ୨୩୦୯, ଓଆର୦୯କେ ୩୯୮୫, ଓଡି ୦୯ଇ ୯୦୮୦, ଓଡି୦୧ଏନ ୭୦୩୦) ଉପରେ ଜରିମାନା ଆଦାୟ କରି ଛାଡାଯାଇଛି । ବ୍ୟାସନଗର ତହସିଲ ପକ୍ଷରୁ ଟିପର ପ୍ରତି ୨୪ହଜାର ୨୪୫ ଟଙ୍କା ଲେଖାଁଏ ୪ଟିପରରୁ ୯୬ହଜାର ୯୮୦ଟଙ୍କା ଜରିମାନା ଆଦାୟ ହୋଇଥିଲ । । ଏ ଚଢାଉରେ ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, କଂଟାଝରୀ ରାଜସ୍ୱ ନିରୀକ୍ଷକ କାଟେ ପୂର୍ତି, ପଚ୍ଛିକୋଟ ଆରଆଇ ରବିନାରାୟଣ ସାହୁ ଓ କର୍ମଚାରୀ ସାମିଲ ହୋଇଥିଲେ ।

# ଧାନ କିଣାରେ ଅନିୟମିତତା ଅଭିଯୋଗରେ ୧୦ ଜଣ ପ୍ୟାକ୍ସ ସଂପାଦକ ନିଲମ୍ବିତ

ଭୁବନେଶ୍ୱର , ୦୨ ଫେବୃଆରୀ - ଧାନ କିଣାରେ ଅନିୟମିତତା, ବିଭାଗ ତରଫରୁ ଧାନସଂଗ୍ରହ ବାବଦରେ ଜାରି ହୋଇଥିବା ମାର୍ଗଦର୍ଶିକାର ଉଲ୍ଲଘନ ଓ କାର୍ଯ୍ୟରେ ଅବହେଳା ଅଭିଯୋଗରେ ୧୦ ଜଣ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ସଂପାଦକଙ୍କୁ ନିଲମ୍ବନ କରାଯାଇଛି । ନିଲମ୍ବିତ ହୋଇଥିବା ପ୍ରାଥମିକ କୃଷି ସମବାୟ ସମିତିର ସଂପାଦକମାନଙ୍କ ମଧରେ ବରଗଡ଼ ଜିଲ୍ଲାର ଝାରବନ୍ଧ ପ୍ରାଥମିକ କୃଷି ସମବାୟ ସମିତିର ସଂପାଦକ ଉମାକାନ୍ତ ପ୍ରଧାନ, ଡଭା ପ୍ୟାକ୍ସର ସହକାରୀ ସଂପାଦକ ଗୋବିନ୍ଦ ସାହୁ, ସୋହେଲା ପ୍ୟାକ୍ସର ସଂପାଦକ ରାଜେଶ ପ୍ରଧାନ, କଟାପାଲି (ବିପିଏଲ୍) ପ୍ୟାକ୍ସର ସଂପାଦକ ବିଦ୍ୟାଧର ପ୍ରଧାନ, ପାହାରଶ୍ରିଗିଡ଼ା ପ୍ୟାକ୍ସର ସଂପାଦକ ଶମ୍ଭୁ କ୍ଷେତ୍ରୀ, ନାରାୟଣ ପ୍ୟାକ୍ସର ସଂପାଦକ ସୁଦାମ ସାହୁ, ଭୁକ୍ତା ପ୍ୟାକ୍ସର ସଂପାଦକ ହୃଷିକେଶ ପ୍ରଧାନ, ଚଢେଇଗାଁ ପ୍ୟାକ୍ସର ଭାରପ୍ରାପ୍ତ ସଂପାଦକ ଲିଙ୍ଗରାଜ ସାହୁ ଓ କନ୍ଦପାଳ ପ୍ୟାକ୍ସର ସଂପାଦକ କ୍ଷୀରୋଦ୍ର ସାହୁ ଅନ୍ତର୍ଭୁକ୍ତ । ସେହିଭଳି ବଲାଙ୍ଗୀର ଜିଲ୍ଲାର ଚୁଡ଼ାପଲ୍ଲୀ ପ୍ରାଥମିକ କୃଷି ସମବାୟ ସମତିର ସଂପାଦକ ଗୋପବନ୍ଧୁ ସାହୁଙ୍କୁ ମଧ ନିଲମ୍ବିତ କରାଯାଇଛି । ଏଥି ସହିତ ସୋହେଲା ପ୍ୟାକ୍ସ ସଂପାଦକ, କ୍ଲର୍କ ତଥା ଡାଟା ଏଂଟ୍ରି ଅପରେଟର ଏବଂ ଅନ୍ୟ ଖିଲାପୀ କର୍ମଚାରୀଙ୍କ ବିରୁଦ୍ଧରେ ଥାନାରେ ଏତଲା ଦିଆଯାଇଛି ବୋଲି ନିବନ୍ଧକ, ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

# ଅଷ୍ଟମ ଦିନରେ ଆଦିବାସୀ ମେଳା : ରାଜଧାନୀରେ ଜନଜାତି ଶିଳ୍ପକଳାର ନିଖୁଣ ସ୍ୱାକ୍ଷର

ଭୁବନେଶ୍ୱର,୩।୨ (ନି.ପ୍ର): ରାଜଧାନୀର ଆଦିବାସୀ ମେଳା ପରିସରରେ ଖୋଲା ଯାଇଥିବା କେତୋଟି ସୁଦୃଶ୍ୟ ଷ୍ଟଲରେ ରାଜ୍ୟର ଆଦିବାସୀ ବହୁଳ ଅଂଚଳର ଚିତ୍ରକଳା, ହସ୍ତକଳା ଓ ହସ୍ତଶିଳ୍ପ ଜାତ ସାମଗ୍ରୀର ପ୍ରଦର୍ଶନ କରାଯାଇଛି । କେତେକ ଷ୍ଟଲରେ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ଓ ଭାସ୍କର୍ଯ୍ୟ ଏପରି ମନଲୋଭା ହୋଇଛି ଯେ, ଦର୍ଶକମାନେ ସ୍ୱତଃସ୍ଫୁର୍ତ ଭାବରେ ସେ ସବୁ କ୍ରୟ କରିବା ପାଇଁ ଆଗେଇ ଆସିବା ସଙ୍ଗେ ସଙ୍ଗେ ସଂପୃକ୍ତ ଶିଳ୍ପୀଙ୍କ ସହ କିଛି ମୁହୂର୍ତ ଭାବର ଆଦାନ ପ୍ରଦାନ କରିବାକୁ ପଛାଉ ନାହାଁନ୍ତି । ସଂପୃକ୍ତ ଜିଲ୍ଲାର ଆଇ.ଟି.ଡି.ଏ. ସହାୟତାରେ ରାଜଧାନୀକୁ ଆସି ନିଜର ଉତ୍ପାଦିତ ସାମଗ୍ରୀର ପସରା ମେଲାଇବାକୁ ସୁଯୋଗ ପାଇଛନ୍ତି ଆଦିବାସୀ ଶିଳ୍ପୀ ଓ କାରିଗର । ଜଣେ କୁଟିଆ କନ୍ଧ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ କାଠ ପାନିଆ ଓ ବଂଶୀ ହେଉ କିମ୍ବା ସଉରା ଶିଳ୍ପୀଙ୍କ ଦ୍ୱାରା ବାଉଁଶରେ ନିର୍ମିତ କେନ୍ଦରା ଶିଳ୍ପକଳା ହେଉ, ସବୁଥିରେ ଫୁଟି ଉଠିଛି ଆଦିବାସୀ ଶିଳ୍ପୀଙ୍କ ଅପୂର୍ବ କଳା ନୈପୂଣ୍ୟ । ମେଳାର ଗୋଟିଏ ଷ୍ଟଲରେ ପ୍ରଦର୍ଶିତ କାଠକାମ, ଅଙ୍କନ ଓ ଅନ୍ୟ ଉପକରଣ ଆଦିବାସୀ ସଂପ୍ରଦାୟର ପ୍ରାଚୀନ ଐତିହ୍ୟ ଓ ହସ୍ତକଳାର ନିଖୁଣତାକୁ ସୁନ୍ଦର ଭାବରେ ପ୍ରତିଫଳିତ କରୁଛି । ବିଭିନ୍ନ ଷ୍ଟଲରେ ଆଦିବାସୀ ଶିଳ୍ପୀଙ୍କ ଅଙ୍କନ, ଟେରାକୋଟା ସାମଗ୍ରୀ, ବାଉଁଶ ଓ ଲୌହ ଶିଳ୍ପକଳା ଆଦିର ପ୍ରଦର୍ଶନ ବେଶ୍ ଆକର୍ଷଣୀୟ ହୋଇପାରିଛି । ଆଦିବାସୀ ସଂପ୍ରଦାୟର ତରୁଣ ଶିଳ୍ପୀମାନେ କାନ୍‌ଭାସ ଉପରେ ଚିତ୍ର ଆଙ୍କିବାରେ ନିଜକୁ ନିମଗ୍ନ କରି ରଖିଥିବାର ଦୃଶ୍ୟ ମଧ କେତେକ ମଣ୍ଡପରେ ଦେଖିବାକୁ ମିଳୁଛି । ଆଦିବାସୀ ମାନଙ୍କର ଗହଣା ସାମଗ୍ରୀ, ଟସର ଖୋସାରୁ ମଠା, ଶାଢ଼ୀ ପ୍ରସ୍ତୁତ ପ୍ରଣାଳୀ ମଧ କେତେକ ଷ୍ଟଲରେ ପ୍ରଦର୍ଶିତ ହେଉଛି । ମୋଟ୍ ଉପରେ ସମୟର ଘାତ ପ୍ରତିଘାତକୁ ଅତିକ୍ରମ କରି ଜନଜାତି ଚିତ୍ରକଳା ଓ ହସ୍ତଶିଳ୍ପ ଆଜି ଯେଉଁ ସୋପାନରେ ପହଁଚିପାରିଛି, ତାହାର ନିଛକ ଝଲକ୍ ଆଦିବାସୀ ମେଳାରେ ପ୍ରଦର୍ଶିତ ହେଉଛି । ଆଜି ମେଳାର ଅଷ୍ଟମ ଦିବସରେ ବିଭିନ୍ନ ଷ୍ଟଲରେ ଦର୍ଶକଙ୍କ ଗହଳି ଲକ୍ଷ୍ୟ କରାଯାଇଥିଲା । ଲୋକେ ପ୍ରବେଶ ପାଇଁ ରେଜିଷ୍ଟ୍ରେସନ କରିବାକୁ ଧାଡ଼ିବାନ୍ଧି ଠିଆ ହୋଇଥିଲେ । ବହୁ ଦର୍ଶକ ବିକ୍ରିବଟାର ମଜା ଉଠାଇ ଚାଲିଥିଲେ ।

## ୨୪ କେଜି ୬୫୦ ଗ୍ରାମ ଗଞ୍ଜେଇ ଜବତ : ୪ ଜଣ ଅଭିଯୁକ୍ତ ଗିରଫ

ନୂଆପଡା,୩।୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ପୋଲିସକୁ ପୁଣି ସଫଳତା ମିଳିଛି । ଗତକାଲି ଖଡିଆଳ ସହରର ଗୁରୁନାନକ ଛକରୁ ୨୪କେଜି ୬୫୦ ଗ୍ରାମର ଏକ ଗଞ୍ଜେଇ ଭର୍ତି ଜରିବସ୍ତା ଉଦ୍ଧାର କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ନେଇ ଆଜି ଖଡିଆଳ ଏସଡିପିଓ ସନ୍ତକ ଜେନା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନାମତେ ହିନ୍ଦି ଭାଷାରେ କଥାବାର୍ତା କରୁଥିବା ୪ ଜଣ ଯୁବକ ଖଡିଆଳ ସହରର ଗୁରୁନାନକ ଛକରେ ରାୟପୁର ଯିବାକୁ ବସକୁ ଅପେକ୍ଷା କରିଥିବା ବେଳେ କୌଣସି ସୂତ୍ରରୁ ଖଡିଆଳ ପୋଲିସ ଚଢାଉ କରି ସେମାନଙ୍କ ଠାରୁ ଗଞ୍ଜେଇ ଜବତ କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଥାନାକୁ ଆଣି ଅଟକ କରିଥିଲେ । ଏହି ଚଢାଉ ବେଳେ ଖଡିଆଳ ତହସିଲର ଅତିରିକ୍ତ ତହସିଲଦାର ତପନ ନାୟକ ମଧ୍ୟ ଉପସ୍ଥିତ ଥିଲେ । ଜବତ ଗଞ୍ଜେଇ ୨୪ କେଜି ୬୫୦ ଗ୍ରାମର ହୋଇଥିବା ବେଳେ ତାହାର ବଜାର ମୂଲ୍ୟ ଦେଢ ଲକ୍ଷ ଟଙ୍କା ବୋଲି ଜଣାପଡିଛି । ଏହି ଅଭିଯୁକ୍ତ ମାନେ ମଧ୍ୟପ୍ରଦେଶ ରାଜ୍ୟର ଅଟନ୍ତି । ଏହାସହ ସେମାନଙ୍କ ଠାରୁ ୮୧୫୦ ଟଙ୍କା, ୩ ଗୋଟି ମୋବାଇଲ ଏବଂ କିଛି ଏଟିଏମ କାର୍ଡ ଜବତ କରାଯାଇଅଛି ।

# 'ସୁନେତ୍ର' ଯୋଜନାରେ ଚକ୍ଷୁ ଚିକିତ୍ସାକୁ ବ୍ୟାପକ କରାଯିବ : ମନ୍ତ୍ରୀ

ଭୁବନେଶ୍ୱର,୩।୨ (ନି.ପ୍ର): ଚକ୍ଷୁ ହେଉଛି ଅମୂଲ୍ୟ ସଂପଦ । ନିୟମିତ ଭାବେ ଏହାର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ । ସରକାର 'ସୁନେତ୍ର' ଯୋଜନା ମାଧ୍ୟମରେ ଜନସାଧାରଣଙ୍କ ମଧରେ ଚକ୍ଷୁର ଯତ୍ନ ସଂପର୍କରେ ସଚେତନତା ସୃଷ୍ଟି କରିବା ସହ ଚକ୍ଷୁ ରୋଗର ନିରାକରଣ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆଲୋଚନା ଅନୁଯାୟୀ ସୁନେତ୍ର ଯୋଜନାରେ ମୋବାଇଲ୍ ଭିଜନ ସେଂଟର, ନିର୍ଦ୍ଧାରିତ ଭିଜନ୍ ସେଂଟର ଓ ମଡ୍ୟୁଲାର ଓଟି ମାଧ୍ୟମରେ ଚକ୍ଷୁର ଚିକିତ୍ସା ହେଉଥିବାବେଳେ ଏଥିରେ ମଧ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କର ଚକ୍ଷୁ ପରୀକ୍ଷା କରାଯାଇ ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଉଛି । ଏଥିରେ ୨୦୧୮-୧୯ ମସିହାରେ ଚକ୍ଷୁ ପରୀକ୍ଷା କରାଯାଇ ୧୧ ହଜାରରୁ ଉର୍ଦ୍ଧ୍ୱ ଚଷମା ବଂଟନ କରାଯାଇଥିବାବେଳେ ୨୦୧୯-୨୦ରେ ୫୧ ଲକ୍ଷରୁ ଉର୍ଦ୍ଧ୍ୱ ଚକ୍ଷୁ ପରୀକ୍ଷା କରାଯାଇ ୪୪ ହଜାରରୁ ଉର୍ଦ୍ଧ୍ୱ ଚଷମା ବଂଟନ କରାଯାଇଥିଲା । ୨୦୨୦-୨୧ରେ କୋଭିଡ କଟକଣା ଯୋଗୁଁ ଓ ସ୍କୁଲ ବନ୍ଦ ଥିବାରୁ ଚକ୍ଷୁ ପରୀକ୍ଷା କରାଯାଇ ପାରିନାହିଁ । ସେହିପରି ୨୦୨୦ ଡିସେମ୍ବର ମାସ ସୁଦ୍ଧା ୨୦ଟି ମୋବାଇଲ୍ ଚକ୍ଷୁ ପରୀକ୍ଷା କେନ୍ଦ୍ର କାର୍ଯ୍ୟକାରୀ ହୋଇଥିବାବେଳେ ୨୦୨୧ ମାର୍ଚ୍ଚ ମାସ ସୁଦ୍ଧା ଏହା ଅନୁଗୋଳ, ଜଗତସିଂହପୁର ଓ ନୟାଗଡ଼ ଜିଲ୍ଲାକୁ ସଂପ୍ରସାରିତ ହେବ । ୨୦୨୧-୨୨ରେ ୭ଟି ଜିଲ୍ଲା, ବାଲେଶ୍ୱର, ବୌଦ୍ଧ, କଟକ, ପୁରୀ, ଢେଙ୍କାନାଳ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ମୋବାଇଲ୍ ଚକ୍ଷୁ ପରୀକ୍ଷା କେନ୍ଦ୍ର କାର୍ଯ୍ୟ କରିବ । ୨୦୧୯-୨୦ରେ ଏହା ମାଧ୍ୟମରେ ୨୯ ହଜାରରୁ ଉର୍ଦ୍ଧ ଚକ୍ଷୁ ଚିକିତ୍ସା ହୋଇଥିବାବେଳେ ୨୦୨୦-୨୧ ଡିସେମ୍ବର ସୁଦ୍ଧା ୩ ହଜାରରୁ ଉର୍ଦ୍ଧ୍ୱ ଚକ୍ଷୁ ଚିକିତ୍ସା ସମ୍ଭବ ହୋଇପାରିଛି । କୋଭିଡ୍ କଟକଣା ଯୋଗୁଁ ଚିକିତ୍ସା ହାର ହ୍ରାସ ପାଇଛି । ୨୦୧୮-୧୯ରେ ୫୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିର୍ଦ୍ଧାରିତ ଚକ୍ଷୁ ପରୀକ୍ଷା କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇଥିବାବେଳେ, ୨୦୧୯-୨୦ରେ ୫୦ଟି, ୨୦୨୦-୨୧ରେ ୫୦ଟି ଓ ଚକ୍ଷୁ ପରୀକ୍ଷା କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇଥିବାବେଳେ ୨୦୨୧-୨୨ରେ ରାଜ୍ୟର ୧୨୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚକ୍ଷୁ ପରୀକ୍ଷା କେନ୍ଦ୍ର ନିର୍ମାଣ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ଓଡ଼ିଶା ରାଜ୍ୟ ଔଷଧ ନିଗମ ପକ୍ଷରୁ ୫୩ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆବଶ୍ୟକୀୟ ଯନ୍ତ୍ରପାତି ଯୋଗାଇ ଦିଆଯାଇଥିବାବେଳେ ୨୦୨୧ ମାର୍ଚ୍ଚ ସୁଦ୍ଧା ରାଜ୍ୟର ୧୦୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ୨୦୨୧ ସୁଦ୍ଧା ଅଧିକ ୧୨୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସମସ୍ତ ଯନ୍ତ୍ରପାତି ଯୋଗାଇ ଦିଆଯିବ । ଫଣ୍ଡସ୍ କ୍ୟାମେରା ମାଧ୍ୟମରେ ସମସ୍ତ ଜିଲ୍ଲା ସଦର ମହକୁମା ହସ୍‌ପିଟାଲରେ ୨୦୧୯-୨୦ ସୁଦ୍ଧା ୩ ଲକ୍ଷରୁ ଉର୍ଦ୍ଧ୍ୱ, ୨୦୨୦-୨୧ରେ ୨ ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ଚକ୍ଷୁ ପରୀକ୍ଷା ହୋଇଛି ବୋଲି ଆୟୋଜିତ ସମୀକ୍ଷା ବୈଠକରୁ ଜଣାପଡ଼ିଛି । ଏହି ଅବସରରେ ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡଙ୍ଗୀ, ଡିଏମ୍‌ଇଟି ପ୍ରଫେସର ସି.ବି.କେ. ମହାନ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡ. ଅଜିତ ମହାନ୍ତି ଏବଂ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ରୋଜ ଡେ'ରୁ ଆରମ୍ଭ ଭାଲେଣ୍ଟାଇନ ସପ୍ତାହ



### ସମ୍ପର୍କକୁ କରନ୍ତୁ ଆହୁରି ମଜବୁତ

ଫେବୃଆରୀକୁ ପ୍ରେମର ମାସ କୁହାଯାଏ । ୧୪ ତାରିଖକୁ ପ୍ରେମ ଦିବସ ଭାବେ ବିଶ୍ୱବାସୀ ପାଳନ କରିଆସୁଛନ୍ତି । ଆଉ ୧୪ଫେବୃଆରୀରୁ ୭ଦିନ ପୂର୍ବରୁ ଆରମ୍ଭ ହୋଇଥାଏ ଭାଲେଣ୍ଟାଇନ ସପ୍ତାହ । ଫେୃବୃଆରୀ ୭ହେଉଛି ସପ୍ତାହର ପ୍ରଥମ ଦିନ ଯାହାକୁ ରୋଜ ଡେ' ଅର୍ଥାତ୍ ଗୋଲାପ ଦିବସ କୁହାଯାଏ । ଏହି ଦିନ ଲୋକେ ନିଜ ପ୍ରେମିକ ପ୍ରେମିକାଙ୍କୁ ଗୋଲାପ ଫୁଲ ଉପହାର ଦେଇ ପ୍ରେମ ନିବେଦନ କରନ୍ତି । ନିଜର ପ୍ରେମର ଭାବନାକୁ ଜାହିର କରିବା ପାଇଁ ଗୋଲାପ ଫୁଲ ବଡ଼ ମାଧ୍ୟମ ଅଟେ । ହେଲେ ଆହୁରି ଅନେକ ବିଷୟ ରହିଛି ଯାହା ସମ୍ପର୍କକୁ ମଜବୁତ କରେ, ଭଲ ପାଇବାରେ ଆଣିଥାଏ ଅଧିକ ମିଠାପଣ ।

### ପରସ୍ପରକୁ ସମ୍ମାନ

ଏହା ବାଧ ନୁହେଁ ଯେ, ଭଲ ପାଇବାକୁ ମଜବୁତ କରିବା ପାଇଁ ଉପହାରର ବଡ଼ ଆବଶ୍ୟକତା ରହିଛି । ସମ୍ପର୍କ ସେତେବେଳେ ମଜବୁତ ହୁଏ ଯେତେବେଳେ ଉଭୟ ଉଭୟଙ୍କୁ ସମ୍ମାନ ଦେବେ । ଖାଲି ସ୍ୱାମୀ -ସ୍ତ୍ରୀ ନୁହେଁ ଅଭିଭାବକ, ଅନ୍ୟମାନଙ୍କ କ୍ଷେତ୍ରରେ ମଧ୍ୟ ଏହା ଲାଗୁ ଅଟେ । ଏଥିରେ ବଡ଼-ସାନର ପ୍ରଭେଦ ନଥାଏ । ଯଦି ଆପଣ ଅନ୍ୟକୁ ଆଦର କରିବେ ତେବେ ଅନ୍ୟଜଣେ ମଧ୍ୟ ଆପରଙ୍କୁ ସମ୍ମାନ ଦେବ ।





### ମିଳିମିଶି ବିତାନ୍ତୁ ସମୟ

ଆଜିର ଦୁନିଆରେ ସମସ୍ତେ ନିଜ କାମରେ ବ୍ୟସ୍ତ । ଯେପରି ଆପଣ ନିଜର ଜରୁରୀ କାମ ପାଇଁ ସମୟ କାଢ଼ିପାରୁଛନ୍ତି, ଠିକ୍ ସେହିଭଳି ନିଜ ବନ୍ଧୁ, ପାର୍ଟନର, ପରିବାର ପାଇଁ ମଧ୍ୟ ସମୟ କାଢ଼ିବା ଅତି ଜରୁରୀ । ସମ୍ପର୍କକୁ ମଜବୁତ କରିବା ପାଇଁ ମଝିରେ ମଝିରେ ପାର୍ଟନରଙ୍କ ସହ ବାହାରକୁ ବୁଲିବାକୁ ଯାଆନ୍ତୁ । ନିଜର କର୍ମବ୍ୟସ୍ତ ସମୟ ମଧ୍ୟରୁ ମଝିରେ ମଝିରେ ଫୋନରେ କଥା ମଧ୍ୟ ହୁଅନ୍ତୁ ।

### ଭରସା

କୌଣସି ସମ୍ପର୍କର ମୂଳଦୂଆ ହେୁଛି ପ୍ରେମ ଏବଂ ବିଶ୍ୱାସ ଉପରେ ଠିଆ ହୋଇଥାଏ । ଯଦି ଆପଣ ଦୁଇଜଣଙ୍କ ମଧ୍ୟରେ ଭରସା ଅଛି ତେବେ କୌଣସି ତୃତୀୟ ବ୍ୟକ୍ତି ଆପଣଙ୍କ ସମ୍ପର୍କରେ ଫାଟ ସୃଷ୍ଟି କରିପାରିବ ନାହିଁ । ଜଣେ ଅନ୍ୟ ଜଣଙ୍କ ଉପରେ ଭରସା ରଖିବା ସମୟରେ ଏହା ଦୃଷ୍ଟି ଦେବା ଦରକାର ଯେ, ଅନ୍ୟ କାହାର କଥାରେ ଭାସି ନଯାଇ କିଏ କାହାକୁ ସନ୍ଦେହ ଦୃଷ୍ଟିକୁ ନନେଉ ।

### ପ୍ରଥମେ ଶୁଣନ୍ତୁ ପରେ କୁହନ୍ତୁ

ସମ୍ପର୍କରେ ସବୁବେଳେ ମିଠାଳିଆ ଭାବ ରଖିବା ପାଇଁ ପରସ୍ପର କଥା ଶୁଣିବା ଅତି ଜରୁରୀ । ଯେତେବେଳେ ଆପଣ ଅନ୍ୟର କଥା ଓ ଯୁକ୍ତି ନ ଶୁଣିବେ ସେପର୍ଯ୍ୟନ୍ତ ସମସ୍ୟାର ସମାଧାନ ହେବ ପାହିଁ । ଝୋଟମୋଟ କଥାକୁ ସବୁବେଳେ ଏଡାଇ ଦେବା ମଧ୍ୟ ଠିକ୍ ନୁହେଁ । ପରସ୍ପରର ଆଲୋଚନା ମାଧ୍ୟମରେ ସମ୍ପର୍କରେ ଥିବା ଛୋଟମୋଟ ସମସ୍ୟା ଦୂର ହୋଇଥାଏ । ନଚେତ୍ ଏହି ଛୋଟ ଫାଟ ବଡ଼ ଆକାର ଧାରଣ କରିବାକୁ ସମୟ ଲାଗେନି ।







## ଘରର୍ ସୌନ୍ଦର୍ଯ୍ୟ ବଢ଼ାଇବ 'ଟ୍ରି ପଟ୍'



ଘର ସେତେବେଳେ ସୁନ୍ଦର ଲାଗେ ଯେତେବେଳେ ତାକୁ ସୁନ୍ଦର ଭାବେ ସଜାଯାଏ । ଘରକୁ ସଜାଇବା ପାଇଁ ଲୋକଙ୍କୁ ଚିନ୍ତା ଲାଗିରହେ । କେମିତି ଭାବେ ଘରକୁ ସଜାଇଲେ ଏକଦମ୍ ଆକର୍ଷଣୀୟ ଲାଗିବ ସେଥିପାଇଁ ଅନେକ ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଏ । ତେବେ ଆଜି ଆମେ ଏମିତି କିଛି ଟିପ୍ସ ଦେବୁ ଯାହା ଆପଣଙ୍କ ଘରକୁ ଏକ ଭିନ୍ନ ଲୁକ୍ ଦେବ ।

ଘରେ ଆପଣ ଟ୍ରି ପଟ୍ ରଖି ପାରିବେ । ଆଜିକାଲି କିଛି ଲୋକ ବେଡ୍ ରୁମ୍‌ରେ ମଧ୍ୟ ଟ୍ରି ପଟ୍ ରଖୁଛନ୍ତି । ଘରର ଆକାର ଦେଖି ଘରେ ଟ୍ରି-ପଟ୍ ରଖାଯାଉଛି, ଯାହା ଘରକୁ ଏକ ଭିନ୍ନ ଲୁକ୍ ଦେଉଛି ।

ଆପଣ ଟ୍ରି ପଟ୍‌କୁ ଘରର ଯେକୌଣସି ସ୍ଥାନରେ ରଖି ପାରିବେ । କାରଣ ଏହା ଆପଣଙ୍କ ଘରକୁ ଏକ ନ୍ୟାଚୁରାଲ୍ ଲୁକ୍ ଦେବ । ଏଥିସହ ସ୍ଥାନର ଅଭାବ ପାଇଁ ଯେଉଁମାନେ ଗଛ ଲଗାଇପାରୁ ନାହାନ୍ତି, ସେମାନେ ଘର ଭିତରେ ଏହି ଟ୍ରି ପଟ୍‌କୁ ସାମିଲ୍ କରିପାରିବେ । ଟ୍ରି ପଟ୍‌କୁ ଆପଣ ବଜାରରୁ କିମ୍ବା ଅନ୍‌ଲାଇନ୍‌ରୁ ମଗେଇ ପାରିବେ ।



## କେତେ ଭଲ ସୋରିଷ ତେଲ ?

ବିଶେଷକରି ଭାରତୀୟ ବ୍ୟଞ୍ଜନରେ ସୋରିଷ ତେଲକୁ ବ୍ୟବହାର କରାଯାଇଥାଏ । ଖାଦ୍ୟର ସ୍ୱାଦ ବଢ଼ାଇବା ପାଇଁ ଅନେକଙ୍କ ଘରେ ଏହି ତେଲ ବ୍ୟବହାର ହୁଏ । ସୋରିଷ ତେଲ ସ୍ୱାସ୍ଥ୍ୟ ପାଇଁ ହିତକର ମଧ୍ୟ । ବିକଳ୍ପ ଚିକିତ୍ସା ପାଇଁ କିଛି ଲୋକେ ସୋରିଷ ତେଲକୁ ମଧ୍ୟ ବ୍ୟବହାର କରନ୍ତି । ଏହି ତେଲ ପାଚନ ତନ୍ତ୍ର, ଶ୍ୱାସ ପ୍ରଣାଳୀ ଓ ପ୍ରତିରୋଧକ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଏଥିରେ ମୋନୋସାଚୁରେଟେଡ୍ ଫ୍ୟାଟି ଏସିଡ୍ ରହିଛି ଯାହା ହୃଦ ରୋଗର ସମ୍ଭାବନା କମ କରିଥାଏ । ତେବେ ସୋରିଷ ତେଲର ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ରହିଛି । ତେବେ ଆମ ଶରୀର ପାଇଁ ସୋରିଷ ତେଲ କେତେ ଭଲ ଓ କେତେ ଖରାପ ଆସନ୍ତୁ ଜାଣିବା ।



♦ ଅନେକ ଗବେଷଣାରୁ ଜଣାପଡିଛି ଯେ ସୋରିଷ ତେଲରେ ବହୁ ମାତ୍ରାରେ ଏରିକ ଏସିଡ ଅଛି ଯାହା ଅତ୍ୟନ୍ତ ବିଷାକ୍ତ । ଏରିଟିକ ଏସିଡର ଉଚ୍ଚ ସ୍ତର ହୃଦୟକୁ ପ୍ରଭାବିତ କରିଥାଏ । ଅଧିକ ସୋରିଷ ତେଲ ଖାଇବା ହୃଦୟରେ ମେଦ ବଢ଼ିଯାଇଥାଏ । ଫଳରେ ହୃଦରୋଗ ଜନିତ ସମସ୍ୟା ବଢ଼ିବା ଅଶଙ୍କା ରହିଥାଏ ।

♦ ହୃଦ ସମ୍ବନ୍ଧୀୟ ସମସ୍ୟା ବଢାଇବା ସହ ଏହା ଫୁସଫୁସ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରିଥାଏ । ପ୍ରାରମ୍ଭିକ ଚରଣରେ ଏହା ଶ୍ୱାସ ତନ୍ତ୍ରକୁ ପ୍ରଭ୍ବିତ କରିଥାଏ ଯେଉଁଥିପାଇଁ ନିଶ୍ୱାସ ନେବାରେ ଅସୁବିଧା ହୋଇଥାଏ । ଅଧିକ ସମୟ ଧରି ସୋରିଷ ତେଲ ସେବନ କଲେ ଫୁସଫୁସ କ୍ୟାନସର ହେବା ସମ୍ଭାବନା ରହିଛି ।

♦ ସୋରିଷ ତେଲରେ ଆଉ ଏକ ହାନିକାରକ ରାସାୟନିକ ପଦାର୍ଥ ରହିଛି ଯାହାକୁ ଏଲିଲ୍ ଆଇସୋଥିଓସିଆନେଟ୍ କୁହାଯାଏ । ଏହା ଫୁସଫୁସ, ପାକସ୍ଥଳୀ, ଅନ୍ତନଳୀ ଇତ୍ୟାଦିରେ କ୍ଷତ ସୃଷ୍ଟି କରିପାରେ । କୁ ମଧ ପ୍ରଭାବିତ କରିଥାଏ । ଅଧ୍ୟୟନରୁ ଜଣାପଡିଛି ଯେ ଏହା ତ୍ୱଚାର କାର୍ଯ୍ୟକୁ ପ୍ରତିରୋଧ କରିଥାଏ । ଯାହାଦ୍ୱାରା ଏପିଡର୍ମାଲ୍ କେରାଟିନୋସାଇଟ୍ ଗଠନରେ ବାଧା ସୃଷ୍ଟି ହୋଇଥାଏ ।

♦ ସୋରିଷ ତେଲରୁ ତ୍ୱଚାରେ ଆଲର୍ଜି ଭଳି ସମସ୍ୟା ମଧ୍ୟ ଦେଖାଦିଏ ।



## ସ୍ୱାମୀଙ୍କ ଅସହଯୋଗ ଯୋଗୁଁ ଚାକିରି ଛାଡ଼ନ୍ତି ମହିଳା



ସମ୍ପ୍ରତି ମହିଳା ଓ ପୁରୁଷ ସମସ୍ତେ ସାମଲମ୍ଭୀ ହେବାକୁ ଇଚ୍ଛୁକ । ବିବାହ ପୂର୍ବରୁ ଚାକିରି କରିବାରେ ମହିଳାମାନେ ବିଶେଷ ଅସୁବିଧାରେ ସମ୍ମୁଖୀନ ହୋଇ ନ ଥାନ୍ତି । କିନ୍ତୁ ବିବାହ ପରେ ସ୍ୱାମୀଙ୍କ ଅସହଯୋଗ ଯୋଗୁ ବାଧ ହୋଇ ସେମାନେ ଚାକିରି ଛାଡିଥାନ୍ତି ବୋଲି କୋର୍ଣ୍ଣେଲ୍ ବିଶ୍ୱବିଦ୍ୟାଳୟର କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି । ଅଫିସରୁ ଫେରି ସ୍ୱାମୀ ଥକି ପଡି ବିଶ୍ରାମ ନେଇଥାନ୍ତି । ସ୍ୱାମୀଙ୍କ ପରି ପତ୍ନୀ ମଧ୍ୟ ସମାନ ସମୟ ପର୍ଯ୍ୟନ୍ତ ଅଫିସ କାର୍ଯ୍ୟକରି ଫେରୁଥିଲେ ହେଁ ସେ ଘରର ସବୁ କାର୍ଯ୍ୟ କରନ୍ତି । ଥକିପଡିବା ସତ୍ତ୍ୱେତାଙ୍କୁ ସାମାନ୍ୟ ସହଯୋଗ ମିଳେ ନାହିଁ । ଫଳରେ ବାଧ ହୋଇ ମହିଳାମାନେ ସେମାନଙ୍କ ହାଇପ୍ରୋଫାଇଲ ଚାକିରିକୁ ମଧ୍ୟ ଛାଡିଥାନ୍ତି । କୋର୍ଣ୍ଣେଲ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନୀ ଯୋଉଙ୍ଗ ଜୋ ଚା ଅନୁଧ୍ୟାନରୁ ଜାଣିବାକୁ ପାଇଛନ୍ତି ଯେ, ଯେଉଁ ମହିଳାମାନଙ୍କ ସ୍ୱାମୀପ୍ତାହକୁ ୬୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ କାର୍ଯ୍ୟ କରନ୍ତି ସେମାନେ ନିଜ ଚାକିରି ଛାଡିବା ସମ୍ଭାବନା ଅନ୍ୟ ମହିଳାମାନଙ୍କ ତୁଳନାରେ ୪୨ ପ୍ରତିଶତ ଅଧିକ । ସେହିପରି ସନ୍ତାନସନ୍ତତି ଥିବା ମହିଳାମାନେ ଚାକିରି ଛାଡିବାର ଆଶଙ୍କା ୧୧୨ ପ୍ରତିଶତ ଅଧିକ । ପରିବାରର ରକ୍ଷଣାବେକ୍ଷଣ ମହିଳାମାନଙ୍କ ପ୍ରଥମ କର୍ତ୍ତବ୍ୟ ହୋଇଥିବାରୁ ଏଥିନେଇ ସେମାନଙ୍କୁ ଅଧିକ ସମୟ ଦେବାକୁ ପଡେ । ଫଳରେ ସେମାନେ ଅଫିସ କାର୍ଯ୍ୟ ପାଇଁ ବେଶି ସମୟ ଦେଇପାରନ୍ତି ନାହିଁ । ଯାହାକୁ କି ସେମାନଙ୍କର ଏକ ଦୁର୍ବଳତା ଭାବେ ବିବେଚନା କରାଯାଏ । ଅଧିକାଂଶ ସମୟ ଅଫିସ ସମୟକୁ ନେଇ ଚାକିରିଆ ସ୍ତ୍ରୀ ଏବଂ ସ୍ୱାମୀଙ୍କ ମଧ୍ୟରେ ବିତର୍କ ସୃଷ୍ଟି ହୋଇଥାଏ । ଏହି ବିର୍ତକ ତିବ୍ର ହେଲେ ଅଧିକାଂଶ ପରିବାରର ସ୍ୱାମୀଙ୍କ ଚଜାକିରିକୁ ପ୍ରାଥମିକତା ଦିଆଯାଏ ଓ ସ୍ତ୍ରୀ ବାଧ ହୋଇ ଚାକିରି ଛାଡନ୍ତି । ବିଶେଷ କରି ପେଶଦାର କର୍ମଚାରୀ ଏବଂ ମ୍ୟାନେଜରମାନଙ୍କ କ୍ଷେତ୍ରରେ ଏହି ସମସ୍ୟା ବେଶୀ ଦେଖାଯାଏ । ଏହି କାରଣ ଯୋଗୁ ଅଧିକାଂଶ ଦମ୍ପତି ଶେଷରେ ଏକ ପୃଥକ୍ ପରିବେଶ ମଧ୍ୟରେ ରୁହନ୍ତି, ଯେଉଁଠି ବିର୍ତକରେ ଚାକିରିଆ ସ୍ୱାମୀଙ୍କ ବିଜୟ ହୋଇଥାଏ ଏବଂ ପତ୍ନୀ ଚାକିରି ଛାଡି ଗୃହିଣୀ ସାଜିଥାନ୍ତି ।



## ଡାଲ୍ ରାଇସ୍

**ସାମଗ୍ରୀ:** ଚାଉଳ, ହରଡ଼ ଡାଲି, ହଳଦୀ ଗୁଣ୍ଡ, ସୋରିଷ, ମୁଗ ଡାଲି, ମେଥି, ପିଆଜ, ବିଲାତି, ଅଦା ଓ ରସୁଣ ପେଷ୍ଟ, ତେନ୍ତୁଳି ରସ, ତେଲ, ଘିଅ, ଲୁଣ ସ୍ୱାଦନୁସାରେ, ଭୃର୍ସୁଙ୍ଗ ପତ୍ର, ଧନିଆ ପତ୍ର ।

**ଗ୍ରାଇଣ୍ଡିଙ୍ଗ୍ ପାଇଁ:** ଶୁଖିଲା ଲଙ୍କା, ପାନମହୁରୀ, ଜିରା, ପିଆଜ, ନଡ଼ିଆ କୋରା ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଶୁଖିଲା ଲଙ୍କା, ପାନମହୁରୀ, ଜିରା, ପିଆଜ ଓ ନଡ଼ିଆ କୋରା ଭଲଭାବରେ ଗ୍ରାଇଣ୍ଡିଙ୍ଗ୍ କରିନିଅନ୍ତୁ । ଚାଉଳ, ଡାଲି ଓ ମେଥିକୁ ଭଲଭାବରେ ଅଲଗା ଅଲଗା କରି ପାଣି ରେ ୧ ଘଣ୍ଟା ଯାଏ ଭିଜେଇ ରଖନ୍ତୁ । ପ୍ରେସରକୁକରରେ ୨ କପ୍ ପାଣି ନେଇ ହଳଦୀ ଗୁଣ୍ଡ, ଡାଲି ଓ ମେଥିକୁ ଗୋଟିଏ ହୁଇସିଲ୍ ମାରିବା ଯାଏ ରାନ୍ଧନ୍ତୁ ।

ଏହାପରେ ୩ କପ୍ ପାଣି ଦେଇ ଚାଉଳ ଡାଲି ଦୁଇଟି ହୁଇସିଲ୍ ମାରିବା ଯାଏ ରାନ୍ଧନ୍ତୁ । ପରେ ତେନ୍ତୁଳି ରସ, ଲୁଣ ଓ ଗ୍ରାଇଣ୍ଡିଙ୍ଗ୍ ହୋଇଥିବା ପେଷ୍ଟ ପକାଇ ୪ଟି ହୁଇସିଲ୍ ମାରିବା ଯାଏ ରାନ୍ଧନ୍ତୁ । ଏକ ପ୍ୟାନରେ ଘିଅ ଗରମ କରି କଟା ପିଆଜ, ବିଲାତି ଓ ଅଦା-ରସୁଣ ପେଷ୍ଟ ଭଲ ଭାବରେ ଭାଜନ୍ତୁ । ଆଉ ଏକ ପ୍ୟାନରେ ତେଲ ଗରମ କରି ସୋରିଷ, ଭୃର୍ସୁଙ୍ଗ ପତ୍ର ଓ ମୁଗ ଡାଲିକୁ ଭଲ ଭାବରେ ଭାଜନ୍ତୁ । ପରେ ସମସ୍ତ ଭଜା ହୋଇଥିବା ସାମଗ୍ରୀକୁ ନେଇ ଭଲ ଭାବରେ ରନ୍ଧା ହୋଇଥିବା ଚାଉଳ ଓ ଡାଲି ରେ ମିଶାଇ ଦିଅନ୍ତୁ । ପରେ ଏକ ପାତ୍ରକୁ କାଢି ଧନିଆ ପତ୍ର ସଜାଇ ଗରମା ଗରମ ପରସନ୍ତୁ ।

## ଭାରି ରୋମାଞ୍ଚକର ସାତକୋଶିଆ ଗଣ୍ଡ


ପାହାଡ, ନଦୀ, ନାଳ ଓ ଜଙ୍ଗଲ ପରିବେଷ୍ଟିତ ଅଞ୍ଚଳ ହେଉଛି ସାତକୋଶିଆ । ଶୀତ ଦିନ ଆସିଲେ ବେଶ୍ ? ଚଳଚଞ୍ଚଳ ହୋଇପଡ଼େ ଅନୁଗୋଳର ସାତକୋଶିଆ । ପ୍ରାକୃତିକ ପରିବେଶକୁ ନେଇ ଗଢି ଉଠିଥିବା ସାତକୋଶିଆ ଗଣ୍ଡ ଏକ ବିରଳ ସ୍ଥାନ । ଏହାର ସୌନ୍ଦର୍ଯ୍ୟକୁ ଯିଏ ଥରେ ଦେଖିଛି ତାହା ଅପାସୋରା ହୋଇ ରହିବ । ତେବେ ଅନୁଗୋଳ, ନୟାଗଡ଼, କଟକ ଓ ବୌଦ୍ଧ ଜିଲ୍ଲାର କିଛି ଅଂଶକୁ ନେଇ ସାତକୋଶିଆ ଅଭୟାରଣ୍ୟ ଗଠିତ । ଏହି ଅଭୟାରଣ୍ୟ ଭିତରେ ମହାନଦୀ ସାତକୋଶିଆ ଗଣ୍ଡର ଦୈର୍ଘ୍ୟ ହେଉଛି ସାତ କୋଶ ଅର୍ଥାତ୨୨ କି.ମି ଲମ୍ବ । ହେଲେ ଅନୁଗୋଳ ନିକଟବର୍ତ୍ତୀ ସାତକୋଶିଆ ଗଣ୍ଡର ଦୃଶ୍ୟ ଖୁବ୍ ରୋମାଞ୍ଚକର ।

ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଏହି ଅଭୟାରଣ୍ୟରେ ବାଘ, ହାତୀ, ଜଙ୍ଗଲୀ ଗୁଣ୍ଡୁଚିମୂଷା, ନୀଳଗାଈ ଇତ୍ୟାଦି ପରିଦୃଷ୍ଟ ହୋଇଥାଏ । ଖାଲି ସେତିକି ନୁହେଁ ବିରଳ ବାଦୁଡି, କଇଁଛ, ଅହିରାଜ, ଅଜଗର, ଗୋଧି, ଘଡିଆଳ କୁମ୍ଭୀର, ମଗର କୁମ୍ଭୀର ଆଦି ବିଭିନ୍ନ ସରୀସୃପମାନଙ୍କର ବାଷସ୍ଥଳୀ ହେଉଛି ଏହି ସାତକୋଶିଆ । । ଆଉ କୋଚିଲାଖାଇ, ଫିସିଙ୍ଗ୍ ଇଗଲ୍, କ୍ରେଷ୍ଟେଡ୍ ସର୍ପେଣ୍ଟ ଇଗଲ, କଜଳପାତି, ଶାରୀ ଇତ୍ୟାଦି ପକ୍ଷୀ ମାନଙ୍କର କିଚିରି ମିଚିରି ଶବ୍ଦ ଅତ୍ୟନ୍ତ ଶ୍ରୁତିମଧୁର ।





ତାଛଡ଼ା ସାତକୋଶିଆର ମୁଖ୍ୟ ଆକର୍ଷଣ ହେଉଛି ଘଡିଆଳ କୁମ୍ଭୀର । ଅତ୍ୟଧିକ ଥଣ୍ଡାରୁ ଟିକେ ଉଷୁମ୍ ପାଇଁ ଏମାନେ ଆସି ମହାନଦୀ ଗଣ୍ଡର ଦୁଇ କଡ଼ରେ ଜମା ହୋଇଯାଆନ୍ତି । ଯେଉଁ ଦୃଶ୍ୟ ଖୁବ୍ ରୋମାଞ୍ଚକର । ସେହିପରି ପର୍ଯ୍ୟଟକଙ୍କ ପାଇଁ ଏଠାରେ ଅସ୍ଥାୟୀ ତମ୍ବୁ ଟେଣ୍ଟର ବ୍ୟବସ୍ଥା କରାଯାଇଛି । ଆପଣ ଏଠାରେ ସରକାରୀ ବୋଟ୍‌ରେ ମହାନଦୀରେ ବୋଟିଂର ମଜା ନେଇପାରିବେ । ତେବେ ଭୁବନେଶ୍ୱରରୁ ଅନୁଗୋଳ ସାତକୋଶିଆ ପ୍ରାୟ ୧୩୦ କିମି ହେବ । ଆପଣ କଟକ କିମ୍ବା ଭୁବନେଶ୍ୱରରୁ ଅନୁଗୋଳ ଯାଏ ଟ୍ରେନ୍ କିମ୍ବା ବସ୍‌ରେ ଯାଇପାରିବେ । ସେଠାରୁ ମିନି ବସ୍ କିମ୍ବା ଟ୍ରାଭେଲସ୍ ସଂସ୍ଥା ସହ ଯୋଗାଯୋଗ କରି ସାତକୋଶିଆ ଯାଇପାରିବେ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୪ ଫେବୃୟାରୀ ୨୦୨୧, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଆର୍ଥିକ ଅବସ୍ଥା ଓ ବଜେଟ..

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତ ସୋମବାର ଦିନ ଆଗତ କରିଥିବା ୨୦୨୧-୨୨ ବର୍ଷର ସାଧାରଣ ବଜେଟରେ କରୋନା ମହାମାରୀର ପ୍ରତିଫଳନ ଜଳଜଳ ହୋଇ ଦୃଶ୍ୟ ହେଉଛି । କରୋନା ମହାମାରୀ ସଂକଟରୁ ମୁକୁଳିବା ସକାଶେ କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ଏବେ ଯୁଝୁଛି । ଏହାର କାରଣ ପ୍ରାୟ ଏକବର୍ଷ ଧରି ଏହି ମହାମାରୀ ସମଗ୍ର ମାନବ ସମାଜକୁ ଆକ୍ରାନ୍ତ କରି ରଖିଆସିଛି । ଏହି ମହାମାରୀରେ କେବଳ ଲକ୍ଷ ଲକ୍ଷ ଲୋକଙ୍କ ଜୀବନହାନି ଘଟିନାହିଁ । ଅପରପକ୍ଷେ ବିଶ୍ୱ ଆର୍ଥିକ ବ୍ୟବସ୍ଥାକୁ ଏହା ଏକପ୍ରକାର ଠପ୍ କରି ପକାଇଥିଲା । ଏବେ ସଭିଁଏ ସେଥିରୁ ମୁକୁଳିବାକୁ ପ୍ରୟାସ ଚଳାଇଛନ୍ତି । ତେଣୁ କେବଳ ଭାରତ ନୁହେଁ, ପ୍ରତ୍ୟେକ ରାଷ୍ଟ୍ରର ବଜେଟରେ ଏହା ଅଗ୍ରପ୍ରାଧାନ୍ୟ ଗ୍ରହଣ କରିଛି ଅବା କରିବାକୁ ଯାଉଛି । ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ତାଙ୍କ ବଜେଟ ଅଭିଭାଷଣରେ ଯଥାର୍ଥରେ କହିଛନ୍ତି ଯେ, ବିଶ୍ୱ ଏବେ ଏକ ସଂକଟମୟ ସ୍ଥିତି ଦେଇ ଗତି କରଉଛି । କରୋନା ପରବର୍ତ୍ତୀ ବିଶ୍ୱ ଶୃଙ୍ଖଳାରେ ଆମୂଳଚୂଳ ପରିବର୍ତ୍ତନ ଘଟିବାକୁ ଯାଉଛି । ଏବଂ ସେଥିରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଅର୍ଥମନ୍ତ୍ରୀଙ୍କ ଏହା ଭବିଷ୍ୟବାଣୀର ସଂକେତ ନୁହେଁ, ଚାକ୍ଷୁଷ ପ୍ରମାଣ ସଭିଙ୍କୁ ଜଳଜଳ ହୋଇ ଦୃଶ୍ୟ ହୋଇସାରିଛି । କରୋନା ବିରୋଧୀ ଲଢ଼େଇରେ ଭାରତସାରା ବିଶ୍ୱକୁ ସାବଧାନତା ଆଚରଣର ଏକ ଅନନ୍ୟ ଉଦାହରଣ ପ୍ରଦାନ କରିଛି । ଏଭଳି କଟକଣା ଓ ସତର୍କତା ଅନୁପାଳନ କରି ଦେଶର ୧୩୦କୋଟିରୁ ଅଧିକ ନାଗରିକ ବିଶ୍ୱବାସୀଙ୍କ ନିକଟରେ ଏକତା ଓ ଶୃଙ୍ଖଳାର ଏକ ନିଆରା ପରମ୍ପରା ସୃଷ୍ଟି କରିଥିଲେ । କେବଳ ସେତିକି ନୁହେଁ, କରୋନା ସଂକ୍ରମଣ ଯେତେବେଳେ ସମଗ୍ର ବିଶ୍ୱରେ ସର୍ବୋଚ୍ଚ ପର୍ଯ୍ୟାୟରେ ଥିଲା, ସେତେବେଳେ ଭାରତ ଶତାଧିକ ରାଷ୍ଟ୍ରଙ୍କୁ ଔଷଧ ଓ ଚିକିତ୍ସା ସାମଗ୍ରୀ ଯୋଗାଇ ଏକ ନିଆରା କର୍ତ୍ତବ୍ୟନିଷ୍ଠା ପ୍ରଦର୍ଶନ କରିଥିଲା । ଏବେ ଦୁଇ ଦୁଇଟି ନିଜସ୍ୱ ପ୍ରତିଷେଧକ ଟିକା ଉତ୍ପାଦନ କରି ଭାରତ କେବଳ ଦେଶରେ ବିଶ୍ୱର ସର୍ବବୃହତ ଟିକାକରଣ କାର୍ଯ୍ୟକ୍ରମ ଚଳାଇନାହିଁ, ଅପରପକ୍ଷେ ସେହି ଟିକାକୁ ଅନ୍ୟ ପ୍ରତିବେଶୀ ରାଷ୍ଟ୍ରଙ୍କୁ ସୁଦ୍ଧା ଯୋଗାଇ ଚାଲିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତ୍ୟେକଟି ବିଶ୍ୱ ଫୋରମରେ ଏହା ଦୋହରାଇ ଆସିଛନ୍ତି ଯେ, ଭାରତର କରୋନା ପ୍ରତିଷେଧକ ଟିକା ସମଗ୍ର ମାନବ ସମାଜ ପାଇଁ ଉଦ୍ଦିଷ୍ଟ । ଭାରତ ସେହି କର୍ତ୍ତବ୍ୟ ପାଳନ ସକାଶେ ବଚନବଦ୍ଧ । ଆଗାମୀ ଦିନରେ କୋଭାକ୍ସିନ ଓ କୋଭିସିଲଡ ବ୍ୟତୀତ ଆହୁରି କେତକ ଟିକା ଭାରତ ଉତ୍ପାଦନ କରିବ ବୋଲି ମଧ୍ୟ ଜଣାପଡ଼ିଛି । ଏହା ଦେଶର କରୋନାବିରୋଧୀ ସଂଗ୍ରାମକୁ ଅଧିକ ମଜଭୁତ କରିବ । ଏବେ କରୋନାବିରୋଧୀ ସଂଗ୍ରାମ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଂଚିଛି । ସତର୍କତା ଅବଲମ୍ବନ ସହ ଟିକାକରଣ ଅଭିଯାନ ସାରା ଦେଶରେ ବ୍ୟାପକ ଭାବେ କାର୍ଯ୍ୟକାରୀ କରାଯାଉଛି । ଏବେସୁଦ୍ଧା ଦେଶର ୩୯ଲକ୍ଷରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟକର୍ମୀ ଓ ଛାମୁଆ କରୋନା ଯୋଦ୍ଧାଙ୍କୁ ଏହି ଟିକା ଦିଆଯାଇସାରିଲାଣି । ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରାଯିବ । ଭାରତରେ କରୋନା ସଂକ୍ରମଣ ମାତ୍ରା ଇତିମଧ୍ୟରେ ଯଥେଷ୍ଟ ହ୍ରାସ ପାଇଛି । ମଙ୍ଗଳବାର ଦିନ ସୁଦ୍ଧା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଦେଶର ନୂତନ ସଂକ୍ରମଣ ସଂଖ୍ୟା ଚାରି ସଂଖ୍ୟା, ଅର୍ଥାତ ଦଶହଜାର ତଳକୁ (ମୋଟ୍ ସଂକ୍ରମିତ ୮,୬୩୫) କମିଛି, ଯାହାକି ଗତବର୍ଷ ଜୁନ୍ ପହିଲାଠାରୁ ଅଦ୍ୟାବଧି (ଗତ ୮ମାସ ମଧ୍ୟରେ) ସର୍ବନିମ୍ନ । ସୂଚନାଯୋଗ୍ୟ ଯେ, ଗତବର୍ଷ ସେପ୍ଟେମ୍ବର ମାସ ୧୦ ତାରିଖ ଦିନର ସଂକ୍ରମଣ ସଂଖ୍ୟା ୯୫ ହଜାର ୭୩୫ ଛୁଇଁଥିଲା । ସେହିଭଳି ମଙ୍ଗଳବାର ଦିନ ଗତ ୨୪ ଘଂଟା ମଧ୍ୟରେ ସାରା ଦେଶରେ ମାତ୍ର ୯୪ଜଣ କରୋନା ଆକ୍ରାନ୍ତଙ୍କ ପ୍ରାଣହାନି ଗତ ନଅ ମାସ ମଧ୍ୟରେ ସର୍ବନିମ୍ନ । ଏହି ପରିସଂଖ୍ୟାନ ଦର୍ଶାଏ ଯେ, କରୋନାବିରୋଧୀ ଲଢ଼େଇରେ ଭାରତ ବେଶ୍ ସଫଳତା ଲାଭ କରିଛି । କିନ୍ତୁ ଏବେସୁଦ୍ଧା ପୂର୍ଣ୍ଣ ବିଜୟ ଘଟିନାହିଁ । ତେଣୁ ସଂଗ୍ରାମ ଜାରି ରଖିବାକୁ ହେବ । ସତର୍କତା ସହ ସୁରକ୍ଷା ବ୍ୟବସ୍ଥା କରିବାକୁ ହେବ । ବୈଜ୍ଞାନିକମାନଙ୍କ ଚେତାବନୀ-କରୋନା ତା'ର କାୟା ବଦଳାଉଛି ଏବଂ ଦୁଷ୍ଟ ଅସୁର ଭଳି ଅନ୍ୟ ରୂପରେ ସଂକ୍ରମଣ କରିବାର ଆଶଙ୍କା ରହିଛି । ତେଣୁ ଆସନ୍ତାବର୍ଷ ବଜେଟରେ କେବଳ କରୋନା ପ୍ରତିଷେଧକ ପାଇଁ ନୁହେଁ, ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ବ୍ୟାପକ ପ୍ରାବଧାନ ଓ ଅର୍ଥବ୍ୟବସ୍ଥା (ଗତବର୍ଷ ତୁଳନାରେ ୧୩୮ ପ୍ରତିଶତ ବୃଦ୍ଧି) କରାଯିବା ସରକାରଙ୍କ ଦୂରଦୃଷ୍ଟି ଓ ଜନମଙ୍ଗଳ ଆଭିମୁଖ୍ୟକୁ ସ୍ପଷ୍ଟ କରେ ।

## କବିତା କୋଣାର୍କ

### ଏ ଦେଶର ଝିଅ..

**କସ୍ତୁରୀ ଚରଣ ରାଉତ**

କିଏ କହେ ତୁମେ ଅବଳା ଦୁର୍ବଳା
ତୁମେ ତ ଶକ୍ତିର ଧାର
ମାଆ ଦୁର୍ଗା ରୂପେ ଅବତାର ନେଇ
ମାରିଲ ମହିଷାସୁର ।

ଯେ ଦେଶେ ଜନମ ସୀତା ସାବିତ୍ରୀ
ସେ ଦେଶର ତୁମେ ନାରୀ
ଯାହାକାର୍ଯ୍ୟ ପାଇଁ ଗର୍ବ କରୁ ଆମେ
ମସ୍ତକ ଉନ୍ନତ କରି ।

ରାଣୀ ଲକ୍ଷ୍ମୀବାଈ ଯୁଦ୍ଧ କରିଥିଲେ
ନିଜ ହାତେ ଧରି ଖଣ୍ଡା
ତାଙ୍କ ବଂଶଧର ହୋଇ ତୁମ ରକ୍ତ
କାହିଁପାଇଁ ଆଜି ଥଣ୍ଡା ?

ରାଜନୀତି ହେଉ ଅବା ଶିକ୍ଷା କ୍ଷେତ୍ର
ସବୁଠି ତୁମେ ସମାନ
ମନଧ୍ୟାନ ଦେଇ ପଢୁଥିଲେ ପାଠ
ବୃଦ୍ଧିହେବ ସନମାନ ।

ପୁରୁଷ ପ୍ରଧାନ ସମାଜରେ ଯଦି
ବଞ୍ଚିବାକୁ ତୁମେ ଚାହଁ
ଲାଜ ଭୟ ଛାଡି ପୁରୁଷଙ୍କ ପରି
ତୁମ କାମ କରିଯାଅ ।

ଦୁର୍ଗା କାଳୀ ରୂପ ଧରିବାକୁ ହେବ
ବଧପାଇଁ ନରାସୁର
ନାରୀ ନୁହେଁ କେବେ ଅବଳା ଦୁର୍ବଳା
ଏ ଭାବନା ହେବ ଦୂର ।

ତେବେ ତୁମେ ଯୋଗ୍ୟ ଗର୍ବ କରିବାକୁ
ଏ ଦେଶର ଝିଅ ବୋଲି
ଅନୁରୋଧ ମୋର ତୁମକୁ ଏତିକି
ଉପଦେଶ ନୁହେଁ ଖାଲି ।

+ମକୁନ୍ଦପୁର, ବାଙ୍କି, କଟକ
ମୋ.୯୯୩୭୯୮୨୮୪୬

## ମୋ ସ୍କୁଲ ଅଭିଯାନ



**ଅକ୍ଷୟ ପଣ୍ଡା**

ଆଳି, ଲୋକପଡ଼ା
ମୋ - ୯୩୩୭୪୯୨୩୦୭

ଶିକ୍ଷା ମନୁଷ୍ୟର କର୍ମ ଦକ୍ଷତା ବୃଦ୍ଧି କରେ । ଶିକ୍ଷାୟତନରୁ ବୈଜ୍ଞାନିକ ଡ଼ାକ୍ତର ଇଞ୍ଜିନିୟର କବି ଗାଳ୍ପିକ ରାଜନୀତିଜ୍ଞ ସୁବକ୍ତାପରି ଉଚ୍ଚ କୋଟିର ବୁଦ୍ଧିଜୀବିମାନେ ବାହାରନ୍ତି । ସେମାନଙ୍କ ପ୍ରତିଭାର ବିକାଶ କରେ ମଣିଷ ଗଢା କାରଖାନା । ଯାହାର ଅନ୍ୟନାମ ବିଦ୍ୟାଳୟ । ସେଠାରେ ଅଧ୍ୟୟନ କରୁ ଥିବା କୋମଳମତି ବାଳକ ବାଳିକା ହୃଦୟରେ ଭରି ଦିଏ ସ୍ନେହ ମମତା ଭଳି ମାନବୀୟ ଗୁଣ । ଯେଉଁ ଠାରୁ ସେ ଲାଭ କରେ ବୁଦ୍ଧ ଯୀଶୁ କବିର ନାନକ ଚୈତନ୍ୟ ଓ ବିବେକାନନ୍ଦଙ୍କର ବାଣୀ ।

ଶିକ୍ଷା ମନୁଷ୍ୟର କର୍ମ ଦକ୍ଷତା ବୃଦ୍ଧି କରେ । ଶିକ୍ଷାୟତନରୁ ବୈଜ୍ଞାନିକ ଡ଼ାକ୍ତର ଇଞ୍ଜିନିୟର କବି ଗାଳ୍ପିକ ରାଜନୀତିଜ୍ଞ ସୁବକ୍ତାପରି ଉଚ୍ଚ କୋଟିର ବୁଦ୍ଧିଜୀବିମାନେ ବାହାରନ୍ତି । ସେମାନଙ୍କ ପ୍ରତିଭାର ବିକାଶ କରେ ମଣିଷ ଗଢା କାରଖାନା । ଯାହାର ଅନ୍ୟନାମ ବିଦ୍ୟାଳୟ । ସେଠାରେ ଅଧ୍ୟୟନ କରୁ ଥିବା କୋମଳମତି ବାଳକ ବାଳିକା ହୃଦୟରେ ଭରି ଦିଏ ସ୍ନେହ ମମତା ଭଳି ମାନବୀୟ ଗୁଣ । ଯେଉଁ ଠାରୁ ସେ ଲାଭ କରେ ବୁଦ୍ଧ ଯୀଶୁ କବିର ନାନକ ଚୈତନ୍ୟ ଓ ବିବେକାନନ୍ଦଙ୍କର ବାଣୀ ।

ଆଉ ମନ ଭିତରେ ସାଇତି ରଖେ ବେଦ ଉପନିଶେଦ କୋରାନ ବାଇବେଲର ସାରତତ୍ୱ । ଆମ ବିଦ୍ୟାଳୟ ମନ୍ଦିର ଗୁରୁଦ୍ୱାର ମସଜିଦ୍ ଗୀରଜା ଘର ଠାରୁ ଆହୁରି ମହାନ ଅଟେ । ତାର ପବିତ୍ର ପରିବେଶରେ ଆଗାମୀ ବଂଶଧରମାନେ ଶିକ୍ଷା ଲାଭ କରନ୍ତି ସତ୍ୟ ଧର୍ମ ନ୍ୟାୟ ପଥରେ ଚାଲିବାକୁ ।

ତାରି ଚାରି କାନ୍ଥରୁ ଛାତ୍ର ଛାତ୍ରୀ ମାନେ ବିଶ୍ୱର ରାଜନୈତିକ ଘଟଣାବଳୀ ବଇଡେନ ଓ କମଳା ହାରିସ ବିଷୟରେ ପଢନ୍ତି । ଜାଣନ୍ତି ଆଉ ଅନୁଭବ କରନ୍ତି ଗଣତନ୍ତ୍ରର ମୂଲ୍ୟବୋଧ । ଏକଛତ୍ରବାଦ ବା ହିଟଲରଙ୍କ ପତନର କାରଣ ମଧ୍ୟ ସେମାନେ ଜଣା । ମହାକାଶ ଠାରୁ ଭୁଗର୍ଭର ଖଣିଜ ପଦାର୍ଥ ଉତ୍ତୋଳନ ଓ ତାହାର ବ୍ୟବହାର ପର୍ଯ୍ୟନ୍ତ ସେମାନଙ୍କୁ ଶିକ୍ଷା ଦିଆଯାଏ । ବିଜ୍ଞାନଗାରରେ ପରୀକ୍ଷା ନିରିକ୍ଷା କରି ବାସ୍ତବ ସତ୍ୟାସତ୍ୟ ଜାଣନ୍ତି । ଆଉ ନୂଆ ନୂଆ କଥା ଅନ୍ୟମାନଙ୍କୁ ଜଣାନ୍ତି । ଜୀବନର ଆବଶ୍ୟକତା ସହିତ ଭଲ ସମାଜ ଗଠନ ପାଇଁ ଆବଶ୍ୟକୀୟ ଉପାଦାନମାନ ଏହିଠାରୁ ସେମାନେ ସଂଗ୍ରହ କରନ୍ତି । ପରୋପକାର ସହନଶୀଳତା ଦେଶପ୍ରିତୀ ଭଳି ସୁଗୁଣାବଳୀ ଶିକ୍ଷା ଏହି ଠାରୁ ସେମାନଙ୍କୁ ହିଁ ମିଳିଥାଏ ।

ସ୍କୁଲ ଓ କଲେଜ ଦେଶ ଜାତୀର ଅଗ୍ରଗତୀ ପାଇଁ ବାଟ ଦେଖାଏ । ସେପରି ସ୍ଥାନ ପ୍ରତ୍ୟେକ ବ୍ୟକ୍ତି ଜୀବନରେ ଅନ୍ଧକାରରୁ ଆଲୋକ ନେବାକୁ ସାହାଯ୍ୟ କରେ । ତାହାକୁ କେହି କେବେ କଣ ଭୁଲିପାରେ ! ଓଡ଼ିଶାର ସେପରି କେତେକ ସ୍କୁଲ ମହାନ ଜନନାୟକ ଓ ଜ୍ଞାନି ଗୁଣୀ ବ୍ୟକ୍ତିମାନଙ୍କ ବ୍ୟକ୍ତିତ୍ୱ ବିକାଶ କରିବାରେ ସହାୟ ହୋଇଥିଲେ । ଯଥା ହରେକୃଷ୍ଣ ମହତାବ ଭଦ୍ରକ ହାଇସ୍କୁଲ, ବିଜୁ ପଟ୍ଟନାୟକ କଟକ ମିଶିନାରି ସ୍କୁଲ, ସୁବାସ ବୋଷ ମିଶିନାରି ସ୍କୁଲ ଓ ରେଭେନସା କଲେଜିଟି, ନବକୃଷ୍ଣ ଚୌଧୁରୀ ପ୍ୟାରୀମୋହନ ଏକାଡ଼େମି, ଉତ୍କଳ ଗୌରବ ମଧୁସୁଦନ ରେଭେନସା କଲେଜିଟି ସ୍କୁଲ, ଉତ୍କଳମଣି ଗୋପବନ୍ଧୁ ଦାସ ପୁରୀ ଜିଲ୍ଲା ସ୍କୁଲ, ହିମାଂଶୁ ଆଚାର୍ଯ୍ୟ ଦାଦିୟା ପୋତାନଇ ଓ ଜଷ୍ଟିସ୍ ରଙ୍ଗନାଥ ମିଶ୍ର ବାଣପୁର ହାଇସ୍କୁଲରେ ଜ୍ଞାନ ଲାଭ କରିଥିଲେ । ସେହି ମହାନ ବ୍ୟକ୍ତିଙ୍କ ପରି ଆହୁରି ଅନେକ ବ୍ୟକ୍ତି ଅଛନ୍ତି । ସେମାନେ ସେମାନଙ୍କର ବିଦ୍ୟାଳୟ ପାଇଁ ଗର୍ବିତ । ଆମ ରାଜ୍ୟ ଓଡ଼ିଶାରେ ୬୧୯୩ ସରକାରୀ ଉଚ୍ଚ ବିଦ୍ୟାଳୟ ଅନୁଦାନ ୮୪୯ ବିଦ୍ୟାଳୟ ଓ ସିକୃତି ପ୍ରାପ୍ତ ୧୫୧ ଟି ବିଦ୍ୟାଳୟ ଅଛି ।

ପ୍ରତ୍ୟେକ ସ୍କୁଲରେ ସମାନ ସୁବିଧା ସୁଯୋଗ ନାହିଁ । କେଉଁଠାରେ କମ୍ପ୍ୟୁଟର ଅଛି କମ୍ପ୍ୟୁଟର ଶିକ୍ଷକ ନାହାଁନ୍ତି । କମ୍ପ୍ୟୁଟର ଶିକ୍ଷକ ଅଛି ତ କମ୍ପ୍ୟୁଟର ନାହିଁ । ଗତବର୍ଷ ଏକ ସମ୍ବାଦ ପତ୍ର ରିପୋଟରୁ ଜଣାଯାଏ ୧୦୪୮ ହାଇସ୍କୁଲରେ କମ୍ପ୍ୟୁଟର ସୁବିଧା ନାହିଁ । ପ୍ରାୟ ୨,୦୦୦ ସ୍କୁଲରେ ଲାଇବେରି ସୁବିଧା ନାହିଁ । ଆଉ କେତେକ ସ୍କୁଲର ଭିତ୍ତି ଭୂମି ବା ଆନୁସଙ୍ଗିକ କୋଠା ବାଡ଼ିର କମି ରହିଛି । ଏ ଆମ ରାଜ୍ୟର ସମସ୍ୟା । ଆମ୍ଭମାନଙ୍କର ସମସ୍ୟା । ଆମ ରାଜ୍ୟର ସରକାର ଅଜର୍ସ ଅର୍ଥ ବ୍ୟୟ କରି ହଜାର ହଜାର ଜନସାଧାରଣଙ୍କୁ କରୋନାର ଦାରୁଣ ମୃତ୍ୟୁ ମୁଖରୁ ବଞ୍ଚାଇ ଦେବାର ଗୌରବ ଅର୍ଜନ କରିଛନ୍ତି । ଏପରି ସମୟରେ ଆମ୍ଭେମାନେ ଆମ ସରକାରଙ୍କୁ ପୂର୍ଣ୍ଣ ପ୍ରାଣରେ ଧନ୍ୟବାଦ ଅର୍ପଣ କରିବା ସଙ୍ଗେ ସଙ୍ଗେ "ମୋ ସ୍କୁଲ ଅଭିଯାନକୁ" ସଫଳ କରିବାରେ ଅଛି। ପିଲାମନେ ଆମ ଦେଶର ଭବିଷ୍ୟତ । ଯଦି ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ଓ ଉପଯୁକ୍ତ ତାଲିମ ପ୍ରଦାନ କରାଗଲେ ଦେଶର ବିକାଶ ହେବ । ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ନାହିଁ । ଆମେ ଗଢିବା ଆମ ପିଲାମାନଙ୍କର ଭବିଷ୍ୟତ । ସେଥିପାଇଁ ଲୋଡ଼ା ଗୁରୁଜୀମାନଙ୍କ ଆର୍ଶିବାଦ । ଖାଲି ଆର୍ଶିବାଦ ଦେଲେ ଚଳିବନି । ସମୟ ଉପଯୋଗୀ ଉଚ୍ଚମାନ ଶିକ୍ଷାଦାନର ଆବଶ୍ୟକତା ଅଛି ।

ଆମ ସ୍କୁଲମାନଙ୍କର ଆବାଶ୍ୟକତାକୁ ଆଖି ଆଗରେ ରଖି ଆମକୁ ସହଯୋଗ କରିବାର ଅଛି । ମନେ ପଡ଼େ ଭାରତ ମହାକାଶ ଗବେଷଣା କେନ୍ଦ୍ର କଥା । ସେ ଅନୁଷ୍ଠାନର ପ୍ରତିଷ୍ଠାତା ଥିଲେ ଡ଼କ୍ଟର ବିକ୍ରମ ସରାବାଇ । କେତେ ଘାତ ପ୍ରତିଘାତର ସମ୍ମୁଖିନ ହୋଇ ମହାକାଶ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିଥିଲେ । ଯାହା ଆଜି ସାରା ବିଶ୍ୱରେ ପ୍ରଶଂସିତ । ଏ ପ୍ରସଙ୍ଗ କରିବାର ଅର୍ଥ ହେଲା ଆମେ ଆମ ପିଲାମାନଙ୍କ ପାଇଁ ସୁନ୍ଦର ପରିବେଶଟିଏ ଗଢିବା । ଯେତେ କଷ୍ଟ ହେଲେ ବି କରିବା । ଏହାର କାରଣ ଦେଶ ଜାତୀର ବିକାଶର ପ୍ରାଣ କେନ୍ଦ୍ର ଅଟେ ବିଦ୍ୟାଳୟ । ତା ବିକାଶରେ ଆମର ବିକାଶ । ସେଥିପାଇଁ ଆମ୍ଭେମାନେ କେତେଗୋଟି ବିଷୟ ପ୍ରତି ଧ୍ୟାନ ଦେବା ଉଚିତ୍ । ଭିତ୍ତି ଭୂମି ସ୍ଥାପନ ଯେଉଁଠାରେ କୋଠାବାଡ଼ି କମି ଅଛି ଆମେ ଆମ ଅଞ୍ଚଳ ସେପରି ଦୂରାବସ୍ଥାକୁ ଦୂର କରିବା ଉଚିତ । ଏପରି ଏକ ଘଟଣାର ଉଦାହରଣ ଦିଆଯାଇ ପାରେ । ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ଦିଲ୍ଲିପ ବାରିକ ଓ ଡକ୍ଟର ରତ୍ନାକର ପାଟିଲ ଏକତ୍ରିକରଣ କରିଥିଲେ । ତା ସହିତ ସେମାନଙ୍କର ବିଦ୍ୟାଳୟର ଉନ୍ନତି ପାଇଁ ଯୋଜନା ବଦ୍ଧ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି । ପ୍ରଥମ କାର୍ଯ୍ୟ ଆଳି ବିଦ୍ୟାଳୟ ପ୍ରାର୍ଥନା ସଭା ମଣ୍ଡପ ପାର୍ଶ୍ୱରେ ଜ୍ଞାନର ଦେବୀ ସରସ୍ୱତୀଙ୍କ ମୂର୍ତ୍ତି ସ୍ଥାପନ କରିବେ । ତା ପରବର୍ତ୍ତୀ କାର୍ଯ୍ୟ ସ୍କୁଲର ପରିବେଶକୁ ସରସ ସୁନ୍ଦର କରି ଶିକ୍ଷାର ମହଲ ସୃଷ୍ଟି କରିବା ପାଇଁ ସେମାନେ ସଂକଳ୍ପ ବଦ୍ଧ ।

ପୁରାତନ ଛାତ୍ର ଛାତ୍ରୀମାନେ ସେମାନଙ୍କର ସ୍କୁଲକୁ ଶିକ୍ଷାବାତାରଣ ସୃଷ୍ଟି କରିବା ପାଇଁ ଆଧୁନିକ ପ୍ରଣାଳୀରେ ଭିତ୍ତିଭୂମି ସ୍ଥାପନ କରି ପାରନ୍ତି । ପିଲାମାନଙ୍କ ମଧ୍ୟରେ ଜ୍ଞାନର ବିକାଶ ପାଇଁ ସ୍ୱେସାଲ କୋଚିଙ୍ଗର ସୁବିଧା ପ୍ରଦାନ କରିପାରିବେ । ଦୁର୍ବଳ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ପାଇଁ ଅର୍ଥ କିମ୍ବା ପୁରସ୍କାର ପ୍ରଦାନ କରି ପାରିଲେ ଭଲ । କ୍ୟାରିଅର କାଉନସେଲିଙ୍ଗ ଏକ୍ସପର୍ଟ ବା ବରିଷ୍ଠ ଶିକ୍ଷାବିତ୍ ଦ୍ୱାରା କରାଗଲେ ଛାତ୍ରଛାତ୍ରୀ ମାନଙ୍କ ଉଚ୍ଚ ଶିକ୍ଷା ପାଇଁ ଦିଗଦର୍ଶନ ମିଳିପାରିବ । ପିଲାମାନଙ୍କ ର ମନରେ ପ୍ରତିଯୋଗୀତାରେ ଭାଗ ନେବା ପାଇଁ ପ୍ରେରଣା ମିଳିଲେ ମେଧାବୀ ଛାତ୍ରମାନେ ବିଶେଷ ଉପକୃତ ହେବେ ।

ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ପୁରାତନ ଛାତ୍ର ଛାତ୍ରୀମାନେ ସେମାନଙ୍କ ବିଦ୍ୟାଳୟର ବୌଦ୍ଧିକ ଓ ପାରିପାର୍ଶ୍ୱିକ ବାତାବରଣ ଉନ୍ନତି କରିପାରିବେ । ବିଦ୍ୟାଳୟର ଭିତ୍ତିଭୂମିର ଉନ୍ନତି ନ ହେଲେ ଉଚ୍ଚମାନର ଶିକ୍ଷା ପ୍ରଦାନ କରାଯାଇ ପାରିବ ନାହିଁ । ତେଣୁ ପାଠାଗାର, ବିଜ୍ଞାନଗାର, ସ୍ମାର୍ଟ କ୍ଲାସ ରୁମ, ଡ଼ିଜିଟାଲ କ୍ଲାସ, ଖେଳ ପଡ଼ିଆ, କ୍ରୀଡ଼ା ସାମଗ୍ରୀ ଓ ବିଜ୍ଞାନ ଉପକରଣ ଆଦି ସୁବନ୍ଦୋବସ୍ତ କରାଯାଇ ପାରିଲେ ନିଶ୍ଚିତ ଶିକ୍ଷା କ୍ଷେତ୍ରରେ ଉନ୍ନତି ହୋଇପାରିବ ।

ପୁରାତନ ଛାତ୍ରଛାତ୍ରୀ ମାନେ ଦେଉଥିବା ଆର୍ଥିକ ଅନୁଦାନର ଦୁଇ ଗୁଣ ଅର୍ଥ ରାଜ୍ୟ ସରକାରଙ୍କ ପାଖରୁ ଯୋଗାଇ ଦିଆଯିବାର ସୂଚନା ମିଳିଛି । ଏପରି ସୁବିଧା ସୁଯୋଗକୁ ଅଭିଭାବକ ସ୍କୁଲର ପୁରାତନ ଛାତ୍ର ଛାତ୍ରୀମାନେ ହାତ ଛଡ଼ା କରିବା ଉଚିତ୍ ନୁହେଁ । ପାଠ ପଢା, କମ୍ପ୍ୟୁଟର ଜ୍ଞାନ, କଳା, କ୍ରୀଡ଼ାର ବିକାଶ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ସେଥିପ୍ରତି ଉତ୍ସାହିତ କରିବା ଆବଶ୍ୟକ । ଅସମ୍ଭବକୁ ସମ୍ଭବ କରିବାକୁ ହେଲେ ପ୍ରବଳ ଇଚ୍ଛା ଶକ୍ତି ସହିତ ଏକ ମନ ଏକ ପ୍ରାଣ ହୋଇ କାର୍ଯ୍ୟ କରିବା ଆବଶ୍ୟକ । ଆମ ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଏପରି ଯୋଜନା ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ । ବରିଷ୍ଠ ଅର୍ଥ ଶାସ୍ତ୍ରୀ ହିମାଂଶୁ ଆଚାର୍ଯ୍ୟଙ୍କ ମତରେ "ଶିକ୍ଷାର ମାନ ବୃଦ୍ଧି ସହିତ ନୈତିକ ଶିକ୍ଷାର ବିକାଶ ହେଲେ ସମାଜରୁ ଦୁର୍ନୀତି ଅନ୍ୟାୟ ଓ ଅତ୍ୟାଚାର ଲୋପ ପାଇଯିବ ।"

ତେଣୁ ସମୟ ଆସିଛି ଜନ ସଚେତନତା ଆଣିବାର ପାଇଁ ଜନସାଧାରଣ ଏ ବିଷୟରେ ଅବଗତ ହୋଇ ସରକାଙ୍କୁ ପୂର୍ଣ୍ଣ ପ୍ରାଣରେ ସହଯୋଗ କଲେ ଆମ ସମାଜର ନିଶ୍ଚିତ ଉନ୍ନତି ହେବ ।

ଶିକ୍ଷାର ଉନ୍ନତି ଦେଶର ଉନ୍ନତି । ଆସନ୍ତୁ ଆମେ ସମସ୍ତେ ମିଳି ମିଶି ସଫଳ କରିବା ମୋ ସ୍କୁଲର ଅଭିଯାନ ।

## ଗଣିତରେ ଶହେରୁ ଶହେ ଦଶ ନମ୍ବର



**ପ୍ରଦୀପ୍ତ ଆଚାର୍ଯ୍ୟ**

ସେଦିନ କଲିକତା ଈଶ୍ୱର ଲେନ୍‌ର ସୁରେନ୍ଦ୍ର ନାଥ ବୋଷ,ଉତେଜିତ ଅବସ୍ଥାରେ ଯେତେବେଳେ ,ତାଙ୍କ ପୁଅ ଅଧ୍ୟୟନ କରୁଥିବା ବିଦ୍ୟାଳୟର ଗଣିତ ଶିକ୍ଷକଙ୍କୁ ଦେଖା କରିବାକୁ ଗଲେ,ତାଙ୍କ ମନରେ ଶତ ପ୍ରତିଶତ ଧାରଣା ଥିଲା ଯେ ଶିକ୍ଷକ ଭୁଲ୍‌ରେ ତାଙ୍କ ପୁଅର ପରୀକ୍ଷା ମୂଲ୍ୟାୟନ କରିଛନ୍ତି। କିନ୍ତୁ ତାଙ୍କୁ ଦେଖୁ ଦେଖୁ ଶିକ୍ଷକ ଯାହା କହିଲେ ତାହା ଶୁଣିବା ପରେ, ସେ ଅନୁଭବ କଲେ ତାଙ୍କ ପାଦ ଆଉ ମାଟିରେ ଲାଗି ନାହିଁ,ସେ ବୋଧହୁଏ, ଆକାଶରେ ଉଡୁଛନ୍ତି। ଶିକ୍ଷକ କହିଲେ,ଆପଣ ନିଶ୍ଚୟ ଆଶ୍ଚର୍ଯ୍ୟ ହେଉଥିବେ ପୂର୍ଣସଂଖ୍ୟା ୧୦୦ ରୁ ସେ ୧୧୦ ପାଇଲା କିପରି ?କିନ୍ତୁ ପ୍ରକୃତରେ ସେ ୨୦୦ ନମ୍ବର ପାଇବା କଥା। ଧାର୍ଯ୍ୟ ସମୟ ଭିତରେ ଯେତିକି ପ୍ରଶ୍ନର ଉତର ଦେବା କଥା, ଗଣିତରେ ଦିଆଯାଇଥିବା ସମସ୍ତ ଅତିରିକ୍ତ ପ୍ରଶ୍ନ ଯାହା ଖଣ୍ଡିଏ ଗଣିତ ପ୍ରଶ୍ନ ପାଇଁ ଆଉ ଗୋଟିଏ ବିକଳ୍ପ ପ୍ରଶ୍ନ ଭାବରେ ଦିଆଯାଇଥାଏ, ସେ ସମସ୍ତ ପ୍ରଶ୍ନର ଉତର ନିର୍ଭୁଲ ଭାବରେ ଦେଇ ପାରିଛି। ଏ କଥା ଶୁଣି,ସେ ଘରକୁ ଆସି,ପୁଅକୁ କୁଣ୍ଢାଇ ପକାଇଲେ ,ଚକ୍ଷୁରୁ ଆନନ୍ଦାଶ୍ରୁ ବୋହିଗଲା,କହିଲେ ପୁଅରେ ତୁ ଭବିଷ୍ୟତରେ ନିଶ୍ଚୟ ଏ ଜାତିର ନାମ ରଖିବୁ। ପ୍ରକୃତରେ ସେୟାହିଁ ହେଲା। ୧୯୨୪ ମସିହାରେ ଏହି ପିଲାଟି ପ୍ଲାଙ୍କଙ୍କ ତତ୍ୱାବଳିକୁ ପାଥେୟ କରି ମ୍ୟାକସିଓେଲ୍‌ଙ୍କ କୋଲଜମ୍ୟାନ ପରିସଂଖ୍ୟାନକୁ ବଦଳାଇ ଏକ ବିଶେଷ ପରିସଂଖ୍ୟାନାଶ୍ରୟୀ ତତ୍ୱ ପ୍ରଣୟନ କରିଥିଲେ। "ବ୍ରିଟିଶ ଜର୍ଣାଲ ଅଫ ଫିଜିକ୍ସ"ନାମକ ମାସିକ ପତ୍ରିକାରେ ଏହି ନିବନ୍ଧଟି ପ୍ରକାଶିତ ହେବା ପରେ,ସେ ବୈଜ୍ଞାନିକ ହିସାବରେ ରାତାରାତି ପ୍ରସିଦ୍ଧି ଲାଭ କରିଥିଲେ ଏବଂ ନୋବେଲ୍ ପୁରସ୍କାର ପ୍ରାପ୍ତ ସ୍ୱନାମଧନ୍ୟ ପଦାର୍ଥ ବିଜ୍ଞାନୀ ମ୍ୟାଡାମକ୍ୟୁରୀଙ୍କ ଅଧୀନରେ ଗବେଷଣା କରିବାକୁ ନିମନ୍ତ୍ରଣ ପାଇ ଜର୍ମାନ ଯାତ୍ରା କରିଥିଲେ। ସୁରେନ୍ଦ୍ରନାଥ ବୋଷଙ୍କ ଔରଷରୁ ଜାତ ଛଅ ଗୋଟି ସନ୍ତାନ ମାନଙ୍କ ମଧ୍ୟରେ, ୧୮୯୪ ମସିହାଜାନୁୟାରୀ ମାସ ପହିଲା ଦିନ ଜାତ ଏହି ସନ୍ତାନଟି ଥିଲେ ତାଙ୍କର ଏକମାତ୍ର ଏବଂ ଜ୍ୟେଷ୍ଠ ପୁତ୍ର,ସତ୍ୟେନ୍ଦ୍ରନାଥ ବୋଷ। ଏକମାତ୍ର ପୁତ୍ର ସନ୍ତାନ ଭାବରେ ପରିବାର ମଧ୍ୟରେ ତାଙ୍କ ପ୍ରତି ଯତ୍ନ ଏବଂ ଭଉଣୀ ମାନଙ୍କ ଅତ୍ୟଧିକ ସ୍ନେହ ପାଇ ସେ ଭାରି ଏକ ଜିଦିଆ ହୋଇଯାଇଥିଲେ।ଈଶ୍ୱର ପ୍ରଦତ ସ୍ମରଣ ଶକ୍ତି ଯୋଗୁଁ,ସେ ବିଦ୍ୟାରମ୍ଭ ଠାରୁ ଶେଷ ପର୍ଯ୍ୟନ୍ତ କୌଣସି ଶ୍ରେଣୀରେ ପ୍ରଥମ ସ୍ଥାନ ବ୍ୟତୀତ ଦ୍ୱିତୀୟ ସ୍ଥାନକୁ ଖସି ନାହାନ୍ତି। ଗଣିତରେ ତାଙ୍କର ଦକ୍ଷତା ଏତେ ଅଧିକ ଥିଲା ଯେ,ବେଳେବେଳେ ତାଙ୍କୁ ଶିକ୍ଷାଦାନ କରୁଥିବା ଶିକ୍ଷକ ,ସମାଧାନ କରିପାରୁନଥିବା ଗଣିତ ତାଙ୍କଠାରୁ ବୁଝୁଥିଲେ ଏବଂ କହୁଥିଲେ ସତ୍ୟ ଆମେ ତୁମର ଗୁରୁ ନୁହେଁ,ତୁମେ ଆମର ଗୁରୁ। କୌଣସି ଗଣିତର ସମାଧାନ ନହେବା ପର୍ଯ୍ୟନ୍ତ ,ସେ ଖାଇବା ପିଇବା ଭୁଲି ଯାଉଥିଲେ। ଭଉଣୀ ମାନେ ଶ୍ରଦ୍ଧା ବଶତଃ ତାଙ୍କ ସାଙ୍ଗରେ ସବୁବେଳେ ଲାଗୁ ଥିବାରୁ, ସେ ଅନେକ ସମୟରେ ଆତ୍ମଗୋପନ କରୁଥିଲେ। ଏକଦା ସତ୍ୟଙ୍କୁ ଘରେ ନପାଇ,ତାଙ୍କ ଭଉଣୀ ମାନେ ଚାରିଆଡେ ଖୋଜିବା ପରେ ତାଙ୍କୁ ନପାଇ, କନ୍ଦାକଟା ଆରମ୍ଭ କରିଦେଲେ। କିଛି ସମୟ ପରେ ଘରର ସଂଘା ଉପରୁ ତାଳି ମାଡ ସହ ଏକ ଆନନ୍ଦର ଚିତ୍କାର ଶୁଭିଲା। କୋଳାହଳରୁ ଦୂରେଇ ଯାଇ ସତ୍ୟ ଏକ କ୍ଲିଷ୍ଟ ଗଣିତର ସମାଧାନରେ ବ୍ୟସ୍ତ ଥିଲେ,ସହଜ ସମାଧାନ ହୋଇଯିବା ପରେ ସେ ଆନନ୍ଦରେ ଚିତ୍କାର କରି ଉଠିଥିଲେ। ତାଙ୍କ ଚିତ୍କାର ,ଭଉଣୀ ମାନଙ୍କୁ ତାଙ୍କ ଅବସ୍ଥିତି ସଂପର୍କରେ ସୂଚନା ପ୍ରଦାନ କରିଥିଲା। ସେମାନେ କ୍ରୋଧ ରେ ସତ୍ୟଙ୍କୁ ତଳକୁ ଓହ୍ଲାଇ ଗାଳିଗୁଲଜ କରିବା ସହିତ, ତାଙ୍କ କାନ ମୋଡି ଦେଇଥିଲେ। ଏହା ସତ୍ୟଙ୍କୁ ଭୀଷଣ ଭାବରେ ମାନସିକ ଆଘାତ ଦେଇଥିଲା। ସେ କିଛି ଦିନ ପର୍ଯ୍ୟନ୍ତ ଭଉଣୀ ମାନଙ୍କ ସହିତ କଥାବାର୍ତା ବନ୍ଦ କରି ଦେଇଥିଲେ। ସତ୍ୟେନ୍ଦ୍ର ପ୍ରେସିଡେନସି କଲେଜ୍‌ରେ ବି.ଏସ୍.ସି ପଢିବା ସମୟରେ, ପ୍ରଖ୍ୟାତ ବ୍ୟକ୍ତିତ୍ୱ ମେଘନାଦ ଶାହାଙ୍କ ସଂସ୍ପର୍ଶରେ ଆସିଥିଲେ। ଏହି ସଂପର୍କ ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା। ଏମ୍.ଏସ୍.ସି. ଶିକ୍ଷା ସମାପ୍ତି ପରେ ୧୯୧୬ ମସିହାରେ କଲିକତା ବିଶ୍ୱ ବିଦ୍ୟାଳୟର ,ଏକ ବିଜ୍ଞାନ ମହାବିଦ୍ୟାଳୟରେ ସେ ପଦାର୍ଥ ବିଜ୍ଞାନର ଅଧ୍ୟାପକ ରୂପେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ। ସେହି ସମୟରେ ବନ୍ଧୁ ମେଘନାଦ ଶାହାଙ୍କ ସହଯୋଗରେ, "ମ୍ୟାକସ୍ ପ୍ଲାଙ୍କଙ୍କ କଂଟମ ତତ୍ୱ ଓ ଆଲବର୍ଟ ଆଇନିଷ୍ଟାଇନ୍‌ଙ୍କ ଆପେକ୍ଷିକ ତତ୍ୱ"ନାମକ ଦୁଇଗୋଟି ଉପାଦେୟ ତତ୍ୱ ଆବିଷ୍କାର କରିଥିଲେ,ଯାହାକି ବିଂଶ ଶତାବ୍ଦୀରେ,ବିଜ୍ଞାନ ଜଗତରେ ଏକ ଯୁଗାନ୍ତକାରୀ ଏବଂ ଶ୍ରେଷ୍ଠ ତତ୍ୱ ହିସାବରେ ପରିଗଣିତ ହେଲା।ତାଙ୍କ ଦ୍ୱାରା ରଚିତ"ବୋଷ ଆଇନ୍‌ଷ୍ଟାଇନ୍ ଷ୍ଟାଟିସ୍‌ଟିକସ୍" ନିବନ୍ଧଟି ଆଇନ୍‌ଷ୍ଟାଇନ୍‌ଙ୍କ ଦ୍ୱାରା ଅନୁମୋଦିତ ହୋଇ,ଜର୍ମାନ ଦେଶର ଏକ ପ୍ରସିଦ୍ଧ ବିଜ୍ଞାନ ପତ୍ରିକାରେ ପ୍ରକାଶିତ ହୋଇଥିଲା। ବୈଜ୍ଞାନିକ ଗବେଷଣା ସାଙ୍ଗକୁ,ସାହିତ୍ୟ କ୍ଷେତ୍ରରେ ମଧ୍ୟ ,ସେ ତାଙ୍କର ପ୍ରତିଭା ପ୍ରଦର୍ଶିତ କରିଥିଲେ। ଜର୍ମାନୀ ଭାଷା ଶିକ୍ଷା ସାଙ୍ଗରେ,"ସବୁଜ ପତ୍ର" ନାମରେ ଏକ ସାହିତ୍ୟିକ ଅନୁଷ୍ଠାନ ତିଆରି କରିଥିଲେ, ଯାହାକି ସେ ସମୟର କଲିକତାରେ ଏକ ଅଗ୍ରଣୀ ସାହିତ୍ୟ ସଂସ୍ଥା ଭାବରେ କାର୍ଯ୍ୟ କରୁଥିଲା । "ବିଜ୍ଞାନ ପରିଚୟ ଓ ଜ୍ଞାନ ବିଜ୍ଞାନ"ନାମକ ଦୁଇଟି ବିଜ୍ଞାନ ପତ୍ରିକାର ସଂପାଦନା ଦାୟୀତ୍ୱ ମଧ୍ୟ,ସେ ତୁଲାଉଥିଲେ।ଜୀବଦଶା ମଧ୍ୟରେ ସେ ବହୁତ ଅନୁଷ୍ଠାନ ଏବଂ ସରକାରଙ୍କ ଦ୍ୱାରା ସମ୍ମାନୀତ ଏବଂ ସମ୍ବର୍ଦ୍ଧିତ ହୋଇଥିଲେ। ୧୯୪୮ରେ ସେ "ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନସ୍"ର ଚେୟାରମ୍ୟାନ ରୂପେ ଅବସ୍ଥାପିତ ହୋଇ , ଇନୋସ୍କୋରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ୧୯୫୬ରୁ ୧୯୫୮ଦୁଇବର୍ଷ ବିଶ୍ୱଭାରତୀର କୁଳପତି ଦାୟିତ୍ୱ ତୁଲାଇଥିଲେ। ଭାରତୀୟ ବିଜ୍ଞାନ କଂଗ୍ରେସର ସଭାପତି ଥିଲେ।ବିଶିଷ୍ଟ ବୈଜ୍ଞାନିକ ଭାବରେ , ମେଘନାଦ ସାହା ସ୍ୱର୍ଣପଦକ ପାଇଥିଲେ ଏବଂ ଭାରତ ସରକାରଙ୍କ ଦ୍ୱାରା ପଦ୍ମଭୂଷଣ ଉପାଧି ପ୍ରାପ୍ତ ହୋଇଥିଲେ। ୧୯୫୬ ରୁ ୧୯୫୮ ବିଜ୍ଞାନ କ୍ଷେତ୍ରରେ ପାରିଦର୍ଶିତା ପାଇଁ ରାଜ୍ୟସଭାକୁ ମନୋନୀତ ହୋଇଥିଲେ। ୧୯୫୮ରେ ତାଙ୍କୁ ନ୍ୟାସନାଲ୍ ପ୍ରଫେସର୍ ରୂପେ ସମ୍ମାନିତ କରାଯାଇଥିଲା।"ବୋଷ ଆଇନ୍‌ଷ୍ଟାଇନ୍ ଷ୍ଟାଟିସ୍‌ଟିକସ୍" ନିବନ୍ଧଟିର ପଚାଶ ବର୍ଷ ପୂର୍ତି ଉପଲକ୍ଷେ ୧୯୭୪ ମସିହା ଜାନୁୟାରୀ ୧୦ ତାରିଖ ଦିନ,ଏହି ମହାନ୍ ବୈଜ୍ଞାନିକଙ୍କୁ ସାରା ଦେଶରେ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା। କିନ୍ତୁ ଦୁଃଖର କଥା ଏହାର ମାତ୍ର ଅଳ୍ପ କେତେଦିନ ପରେ ,ଫେବୃୟାରୀ ଚାରି ତାରିଖ ଦିନ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ, ଭାରତର ବିଜ୍ଞାନାକାଶରୁ ,ଏକ ଉଜ୍ଜଳ ନକ୍ଷତ୍ର ଅସ୍ତମିତ ହୋଇଗଲା।ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା, ଭାରତ ମାତାର ଏହି ସୁଯୋଗ୍ୟ ସନ୍ତାନ,ଶୋଇଗଲେ ଚିର ନିଦ୍ରାରେ। ଆଜି ତାଙ୍କର ମହାପ୍ରୟାଣ ଦିବସରେ,ତାଙ୍କ ଅମର ଆତ୍ମାର ସଦ୍ଗତି କାମନା କରି, ତାଙ୍କ ପରି ପ୍ରଚଣ୍ଡ ପ୍ରତିଭାଧାରୀ ବ୍ୟକ୍ତି, ବାରମ୍ବାର ଆମ ଦେଶ ମାତୃକାର କୋଳମଣ୍ଡନ କରନ୍ତୁ,ଏହାହିଁ ଆମର ଈଶ୍ୱରଙ୍କ ନିକଟରେ ନିବେଦନ।

+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
କଟକ
ମୋ-୬୩୭୧୫୯୩୨୨୦

## କବିତା କୋଣାର୍କ

### ଦେଇଦେଲୁ ମୁହେଁ ବିଷ ...

**ଧିରେନ୍ଦ୍ର ମଲ୍ଲିକ**

ଏଡ଼େ ସ୍ୱାର୍ଥପର ଝିଅଟିଏ ତୁଲୋ
ଭାବିଥିଲି ତତେ ଭାରି ସରଳ,
ଭଲ ପାଉଥିଲି ପାଗଳ ପରିକା
ପିଆଇ ଦେଲୁତୁ ମତେ ଗରଳ,,

ଜାଣିନଥିଲି ମୁଁ ମନ ଭିତରେ ତୋ
ଭରି ରହିଅଛି ଅମାପ ବିଷ,
ପ୍ରେମରେ ତୋହର ଅନ୍ଧ ହେଇଗଲି
ଯେମିତିକି ହେଇଥିଲି ମୁଁ ବଶ,,

ଭଲପାଇବାର ନାଟକ କରିଲୁ
କାହାଣୀରେ ମତେ ନାୟକ କରି,
ରଚିଲୁ ଏମିତି ମହା ଷଡଯନ୍ତ
ପ୍ରତ୍ୟେକ ମୁହୂର୍ତ୍ତେ ଯାଉଛି ମରି,,

କି ଲାଭ ପାଇଲୁ ଠକିଦେଇ ମତେ
ହୃଦୟକୁ ଭାଙ୍ଗି କରିଲୁ ଚୁନା,
ଗୁମୁରି ଗୁମୁରି କାନ୍ଦୁଛି ଆଜିମୁଁ
କେମିତି ବଞ୍ଚିବି ତୋହରି ବିନା,,

ମନପ୍ରାଣ ଦେଇ ଭଲ ପାଇବାଟା
ହେଲା ବୋଧେ ପ୍ରିୟା
ମୋହର ଦୋଷ,
ସେଥିପାଇଁ ବୋଧେ ବଞ୍ଚିଥାଉ ଥାଉ
ଦେଇଦେଲୁ ମୋର ମୁହଁରେ ବିଷ।

+ନିଳକଣ୍ଠପୁର ମଙ୍ଗଳପୁର ଯାଜପୁର
ଫୋନ-୭୯୦୪୩୯୨୬୮୬

### ହେ, ମାଟି ମାଆ ଶାନ୍ତିକାନନ...

**ହାଡ଼ିବନ୍ଧୁ ପାତ୍ର**

ହେ: ମାଟି ମାଆ
ଶାନ୍ତି କାନନ!!
ସତେ ତମେ
କେଡ଼େ ଭାଗ୍ୟବାନ ?
ଧନ୍ୟ ହୋଇଛ ବୋହି ଏଇ ନାମ
ତମରି କୋଳରେ
ନଡ଼ିଆ ପତର ଦୋହଲାଇ
ଚଇତି ପବନ
ଖେଳୁଥିବା ବେଳେ ଦୋଳି
ଜାଇ, ଜୁଇ, ମଲ୍ଲି, ମାଧବୀ ସେବତୀ
ଗେଣ୍ଡୁ, କନିଅର
ହସୁଥା'ନ୍ତି ଖିଲି ଖିଲି।

ବୈଶାଖର ରୁଦ୍ରତାପ
ତମପାଖେ ପାରେନା ପହଂଚି
ବଉଳ, ତ ମାଳ ମାଳ
ଥା'ନ୍ତି ଛତ୍ର ଟେକି।

ରସାଳ ଗହଳେ କୋକିଳ କାକଳି
ଗେଣ୍ଡାଳିଆ ସଙ୍ଗେ
କାକ କରେ କଳି
ତା'ସହିତ ଭାସିଆସେ କବିଙ୍କର
ସଲ୍ଲଳିତ କବିତା ଝଙ୍କାର
ସଙ୍ଗେ କରତାଳି।

ତମରି କୋଳରେ ଖେଳିବୁଲି
ବିତିଥିଲା ଯା'ର ପିଲାଦିନ
ତମ ଧୂଳି, ମାଟି, ପାଣି ଓ ପବନ,
ବଂଚାଇ ବଢ଼ାଇଥିଲା
ନେହଟାକୁ ଯା'ର
ତମାମ ଜୀବନ।

ସେ ମହାନବ୍ୟକ୍ତି
ଆଉକେ ନୁହନ୍ତି,
ସିଏତ ଖାଣ୍ଟି ଓଡ଼ିଆ
ବାଲେଶ୍ୱରିଆ।

ଯୁଗଜନ୍ମା ସଂକ୍ରାନ୍ତି ପୁରୁଷ
ଓଡ଼ିଆ ଭାଷା, ସାହିତ୍ୟର ସ୍ରଷ୍ଟା
ସାରସ୍ୱତ ସାଧନା ପଥର
ସଂଗ୍ରାମୀ ପୁରୁଷ ବୀର ସେନାପତି,
ଫକୀରମୋହନ।

ତମାମ ଉତ୍କଳ ମାଟିରେ
ପଡ଼ିଛି ଚହଳ
ଆଉ ପଡୁଥିବ
ଧନ୍ୟ ଫକୀର ମୋହନ!!
ଧନ୍ୟ ତାଙ୍କ ଜନ୍ମଭୂଇଁ
ବାଲେଶ୍ୱର,
ମଲ୍ଲିକାଶପୁର।

ଧନ୍ୟ ସେ ପୂଣ୍ୟପିଠ
ମାଟି ମାଆ
ଶାନ୍ତି କାନନ
ଧନ୍ୟ ସେ ପୂଣ୍ୟପିଠ
ମାଟି ମାଆ ଶାନ୍ତି କାନନ।

+ଶେରଗଡ଼, ବାଲେଶ୍ୱର
ମୋ: ୯୭୭୭୩୮୨୬୪୦



## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

### ଭାଗ-୪

ମୋ ମନର ଦ୍ୱନ୍ଦ୍ୱକୁ ବାପାଙ୍କୁ ଦିନେ ପଚାରିଥିଲି । ବାପା କହିଥିଲେ, ସୂର୍ଯ୍ୟଦେବ ହେଉଛନ୍ତି ସକଳ ଶକ୍ତିର ଆଧାର । ଜଗତର ଆତ୍ମା । ସୃଷ୍ଟି, ସ୍ରଷ୍ଟା ଜନ୍ମ ସବୁକିଛିର ରହସ୍ୟ ରହିଛି ସୂର୍ଯ୍ୟଦେବଙ୍କ ହାତମୁଠାରେ । ସେ ଚାହିଁଲେ ଏ ସୃଷ୍ଟିକୁ ଜଳାଇ ଧ୍ୱଂସ କରିଦେବେ । ପୁଣି କରିପାରିବେ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା । ବାପା ତେଣୁ ସୂର୍ଯ୍ୟଦେବଙ୍କୁ ପ୍ରଣାମ କରନ୍ତି, ଭକ୍ତ କରନ୍ତି, ପୂଜା କରନ୍ତି । ଆଉ ମୋତେ ବି ତାଙ୍କୁ ଠାକୁର, ଦେବତା ଭଳି ମାନିବାକୁ ଆଦେଶ ଦିଅନ୍ତି ।

ବାପାଙ୍କ କଥା ଅନୁସାରେ, ମନକୁ ମୋର ଗୋଟିଏ କଥା ଆସୁଥିଲା । ଯିଏ ଜଗତର ଆତ୍ମା। ତାଙ୍କୁ ବା କେଉଁ କଥା ଅଗୋଚର । ତେଣୁ ସେ ତ ନିଶ୍ଚୟ ମୋ ଜନ୍ମରହସ୍ୟ ଜାଣିଥିବେ । ଗଂଗାମାତାଙ୍କ ଠାରୁ ତ କୌଣସି ସନ୍ତୋଷଜନକ ଉତ୍ତର ମିଳିଲା ନାହିଁ । ଦେଖାଯାଉ ସୂର୍ଯ୍ୟଦେବ ଯଦି ସଠିକ୍ ଜାଣିଥିବେ ସୂର୍ଯ୍ୟଦେବଙ୍କୁ ଏ ପ୍ରଶ୍ନ ପଚାରିବି ବୋଲି ସ୍ଥିରକରି ତୁଠପଥର ଉପରେ ନିଶ୍ଚଳ ହୋଇ ବସିପଡ଼ିଲି । ଖୁବ୍ ମନଧ୍ୟାନ ଦେଇ ଆଖିବୁଜି ପ୍ରାର୍ଥନାକଲି ସୂର୍ଯ୍ୟଦେବଙ୍କୁ । ଖୁବ୍ ବିକଳ ଭାବେ ତାଙ୍କୁ ଅନୁନୟ କରି କହିଲି, "ହେ ସୂର୍ଯ୍ୟଦେବ, ସକଳ ଶକ୍ତିର ଆଧାର ତୁମେ ଆଦିତ୍ୟ, ମୋ ମନର ଅସ୍ଥିରତାକୁ ଦୂରକରି ଥରୁଟିଏ କହିଦିଅନ୍ତୁ ନା, ମୁଁ କିଏ ? ମୁଁ ରାଧେୟ କି ନୁହେଁ ?

ମୋ ନିବୁଜ ଆଖିର ଅନ୍ଧକାର ବଳୟ ମଧ୍ୟରେ ସତେ କି ଭାସିଉଠିଲା ଏକ ରଂଗିନ୍ ଚିତ୍ରପଟଟିଏ । ସୂର୍ଯ୍ୟମଣ୍ଡଳ ମଧ୍ୟରେ ଝଲସି ଉଠୁଛି ଏକ ଅପୂର୍ବ ଦିବ୍ୟମୂର୍ତ୍ତି । କନକ ଗୌରକାନ୍ତି, ମୁଣ୍ଡରେ ସୁବର୍ଣ୍ଣ ମୁକୁଟ, ଚତୁର୍ଦ୍ଦିଗକୁ ପ୍ରକମ୍ପିତ କରି ଆକାଶ ମାର୍ଗରୁ ସତେଯେମିତି ଭାସି ଆସିଲା ଏକ ଅପୂର୍ବ କଣ୍ଠସ୍ୱର ।

"କର୍ଣ୍ଣ, ବିବ୍ରତ ହୁଅନା, ତୁମେ ମୋରି ପୁତ୍ର। ମୋରି ଆତ୍ମା । ବିବଶତା ବଶତଃ ତୁମର ମାତା ସର୍ବସମ୍ମୁଖରେ ତୁମର ପରିଚୟ ରଖିଛନ୍ତି ଗୋପନ। ହେଲେ, ମୋର ଆଶୀର୍ବାଦ ସଦାସର୍ବଦା ତୁମରି ଉପରେ ଅଛି । ବ୍ୟସ୍ତ ହୁଅନା ପୁତ୍ର, ତୁମର ଜନ୍ମଜାତକକୁ ନେଇ କ୍ଷୋଭ କରନା । ତୁମେ ଏକ ସାଧାରଣ ପରିବାରରେ ଜନ୍ମ ନେଇନ । ସୌର ପରିବାରର ତୁମେ ବି ଜଣେ ସଦସ୍ୟ । ଯେଉଁଠି ଥିଲେ ବି ସୂର୍ଯ୍ୟଙ୍କ ଭଳି ତୁମେ ହେବ ତେଜୀୟାନ୍, ବୀର, ଯଶସ୍ୱୀ। ଦେବଅଂଶରୁ ଜାତ ହୋଇ ତୁମେ ଭୂଲୋକରେ ଜନ୍ମନେଇଛ । ପରିସ୍ଥିତିରେ ପଡ଼ି ତୁମର ମାତା ସିନା ତୁମର ଜନ୍ମ ରହସ୍ୟ ଗୋପନ କରି ରଖିଛନ୍ତି । ହେଲେ ମର୍ତ୍ତ୍ୟବାସୀଙ୍କ ପାଖରେ ତୁମର ଅଲୌକିକ ଧୀଶକ୍ତି ପ୍ରତିଭା ତୁମକୁ ଦିନେ ନା ଦିନେ ଦ୍ୱିତୀୟ ସୂର୍ଯ୍ୟର ମାନ୍ୟତା ଦେବ । ଏହା ନିଃସନ୍ଦେହ"

ସହସା ଆଖି ମୋର ଖୋଲିଗଲା । ସ୍ୱପ୍ନଭଂଗ ହେଲା । ମୁଁ... ମୁଁ... ଦ୍ୱିତୀୟ ସୂର୍ଯ୍ୟ। ମୁଁ କ'ଣ ତେବେ ସୂର୍ଯ୍ୟ ସନ୍ତାନ ।

ମୋ ଆଖି ଆଗରେ ଉଦ୍‌ଭାସିତ ହେଉଥିଲା ସେଇ ସୂର୍ଯ୍ୟମଣ୍ଡଳ, ଆଉ ତାରି ମଧ୍ୟରେ ଦୋଳାୟିତ ସେଇ ଦିବ୍ୟମୂର୍ତ୍ତି, କର୍ଣ୍ଣରେ କୁଣ୍ଡଳ। ଓଠ ତଳେ ଦରଦର ହସର ଧାର, ସେ ମୂର୍ତ୍ତିର ପ୍ରତିଟି ଅଂଶରେ ମୁଁ ଯେମିତି ଅନୁଭବ କରୁଥିଲି ମୋ ପ୍ରାଣର ସ୍ପନ୍ଦନ । ମୋ ନିଜ କାନରେ ହାତବୁଲାଇ ଆଣିଲି । ଠିକ୍ ମୋରି କୁଣ୍ଡଳ ଭଳି ମୂର୍ତ୍ତିର କର୍ଣ୍ଣରେ କୁଣ୍ଡଳ । ତେବେ ମୋର ଏ ସ୍ୱପ୍ନ ନୁହେଁ ବାସ୍ତବ ।

ସେଇଠାରେ ହିଁ ମୁଁ ସୂର୍ଯ୍ୟଦେବଙ୍କ ଆଡ଼କୁ ଏକଲୟରେ ଅନାଇ ରହିଲି । ଆଖିରେ ମୋର ପଲକ ପଡୁନଥିଲା । ଯେତେଥର ଦେଖିଲେ ବି ସୂର୍ଯ୍ୟଦେବ ମୋ ଆଖିରେ କମନୀୟ ହୋଇ ଉଠୁଥିଲେ । ଓଃ... କି ସୁନ୍ଦର ତାଙ୍କର ଜ୍ୟୋତି। ଅଧରରେ ମୃଦୁମୃଦୁ ମିଠା ହସ । ମୋ ମନରେ ତୀବ୍ର ପ୍ରତିକ୍ରିୟା । ଏକ ଅଭାବନୀୟ ମାନସିକ ସ୍ଥିତି ।

ଗଂଗାର ଅଳ୍ପଦୂରରେ ସୂର୍ଯ୍ୟମନ୍ଦିର, ପୁରୋହିତ ବୋଧହୁଏ ପୂଜା କରୁଥିଲେ । ରହିରହି ଶୁଭୁଥିଲା ଘଣ୍ଟଧ୍ୱନି । ସ୍ନାନସାରି ମୁଁ ସେଇ ମନ୍ଦିର ବେଢ଼ାରେ ପ୍ରବେଶ କଲି । ଘରକୁ ଫେରିଯିବାକୁ ଆଗ୍ରହ ନ ଥିଲା ମୋ ମନରେ । ମନ୍ଦିର ପ୍ରାଙ୍ଗଣରେ ଗୋଟିଏ କୋଣରେ ବସିରହିଲି କିଛିସମୟ । ଆଜିର ଘଟଣା, ସ୍ୱପ୍ନ ସବୁ ଯେମିତି ମୋ ଆଖିଆଗରେ ଝଲସି ଉଠୁଥିଲା ।

ଗଂଗା ତୀରରେ ଏବେ ଲୋକଙ୍କ ଭିଡ଼ ଜମିଗଲାଣି । ସ୍ନାନସାରି ଘରକୁ ବାହୁଡ଼ି ଯିବାକୁ ସମସ୍ତେ ଏବେ ତତ୍ପର । ମୁଁ କିନ୍ତୁ ଗଂଗାତଟ ଛାଡ଼ି ଯାଇପାରୁନି । ମୋ ମନରେ ଅନେକ ଦ୍ୱନ୍ଦ୍ୱ । ଆକାଶକୁ ଅନାଇ ମୁଁ ଦେଖୁଥିଲି ସୂର୍ଯ୍ୟଦେବଙ୍କୁ । ମନ୍ଦିର ପ୍ରାଙ୍ଗଣର ଅଦୂରରେ ଛୋଟଛୋଟ ପିଲାମାନେ ଖେଳୁଥିଲେ । ତାଙ୍କର ଦୌଡ଼ାଦୌଡ଼ିରେ ମନ୍ଦିର ପ୍ରାଙ୍ଗଣ ବେଶ୍ କୋଳାହଳମୟ ଥିଲା । ସାପ... ସାପ... ହଠାତ୍ ପିଲାଙ୍କର ଚିତ୍କାର ଶୁଭିଲା । ପାଖରେ ପଡ଼ିଥିବା ଶିଳାଖଣ୍ଡକୁ ଗୋଟାଇ ନେଇ ମୁଁ ବି ଦୌଡ଼ିଲି ସାପ ପଛରେ । ସାପ ଉପରକୁ ଟେକା ପକାଇବାକୁ ଉଦ୍ୟତ ହେଉଛି ପଛରୁ କିଏ ଜଣେ ବାଧାଦେଇ କହିଲେ, ଏ କ'ଣ କରୁଛ, କ୍ଷତ୍ରିୟ ପକ୍ଷରେ ଏମିତି ଅଧର୍ମ ଶୋଭା ପାଏନା ।

କି ଆଶ୍ଚର୍ଯ୍ୟ କିଏ ଏଇ ଅପରିଚିତ ବ୍ରାହ୍ମଣ, ମୋତେ ଏମିତି କ୍ଷତ୍ରିୟ ବୋଲି କହି ଚାଲିଗଲା କାହିଁକି ? କେମିତି ସେ ଜାଣିଲା ମୁଁ କ୍ଷତ୍ରିୟ ବୋଲି । ହାତରୁ ମୋର ଶିଳାଖଣ୍ଡ ଖସି ପଡ଼ିଲା। ସର୍ବାଙ୍ଗରେ ମୋର ଖେଳିଗଲା ଏକ କମ୍ପନ । ସାପଟି ମଧ୍ୟ ନିର୍ଭୟରେ ତା ବାଟରେ ଚାଲିଗଲା। ପିଲାମାନେ ମଧ୍ୟ ସେ ସ୍ଥାନ ଛାଡ଼ି ଚାଲିଗଲେଣି। ମୁଁ କିନ୍ତୁ ମନ୍ଦିର ପ୍ରାଙ୍ଗଣରେ ସେମିତି ବସି ରହିଥାଏ । କିଛି ବୁଝିପାରୁ ନଥାଏ । ମୋତେ ବାଧା ଦେଇଥିବା ବ୍ୟକ୍ତିଜଣକ କିଏ ? ସୂର୍ଯ୍ୟମନ୍ଦିରରେ ମୁଁ ତ କେବଳ ଜଣେ ମାତ୍ର ପୂଜକଙ୍କୁ ଦେଖିଥିଲି । ତେବେ ଏ ଜଣକ ପୁଣି କିଏ ?

ମୋ ମୁଣ୍ଡ ହଠାତ୍ କାହିଁକି ଗୋଳମାଳିଆ ହୋଇଗଲା । ମୁହଁ ତଳକୁ କରି ମୁଁ ଚିନ୍ତା କରୁଥିଲି। ସେଇ ବ୍ରାହ୍ମଣ ଜଣକ କାହିଁ ତ ଆଉ ଦେଖାଯାଉ ନାହାଁନ୍ତି । ହଠାତ୍ ସେ ଏମିତି ଉଭାନ୍ ହୋଇଗଲେ କେଉଁଠିକୁ ?

ପରେପରେ ମନ୍ଦିର ମଧ୍ୟକୁ ପୂଜକ ପ୍ରବେଶ କଲେ । ମୋ ହାତକୁ ପାଦୁକା ବଢ଼ାଇ ଦେଲେ। ନିଅ, ପାଦୁକା ନିଅ ଦେହସାରା ମୋର ଝାଳ ସରସର । ଉତ୍ତରୀୟରେ ଝାଳ ପୋଛି ହେଲେ ବି ଘନଘନ ନିଃଶ୍ୱାସ ଚାଲୁଥାଏ ମୋର । ପାଦୁକା ନେବାପାଇଁ ହାତ ମୋର ଥରି ଉଠୁଥିଲା । ମନ୍ଦିର ମଧ୍ୟରେ ଦେବତାଙ୍କୁ ପ୍ରଣାମ କରିବା ଉଦ୍ଦେଶ୍ୟରେ ହାତଯୋଡ଼ିଲି । ହେଲେ, ଏ କ'ଣ ମୁଁ ଦେଖୁଛି ମୋତେ କ୍ଷତ୍ରିୟ ବୋଲି କହିଥିବା ବ୍ରାହ୍ମଣ ଜଣକ ତ ସ୍ୱୟଂ ଏ ମନ୍ଦିରରେ ବିରାଜମାନ । ମୁଁ କିଛି ବୁଝିପାରୁ ନଥାଏ । ସନ୍ଦେହ ମୋଚନ ଲାଗି ପୂଜକ ମହାଶୟଙ୍କୁ ପଚାରିଲି, କହିପାରିବେ ପୂଜକ ମହାଶୟ, ଏଇ ଆଖପାଖରେ ଆଉ କେହି ବ୍ରାହ୍ମଣ ରହିଛନ୍ତି କି ?

କାହିଁ, ନା ତ....

ତେବେ, ଏଇ ଟିକକ ଆଗରୁ ମୁଁ ଯାହାକୁ ଦେଖିଲି ସେ କିଏ ?


ପୁଣି ସେ ଯେ ସ୍ୱୟଂ ଏଠି.... ।

ସୂର୍ଯ୍ୟଦେବଙ୍କ ମୂର୍ତ୍ତି ମଧ୍ୟରେ ମୁଁ ଦେଖୁଥିଲି ଦୁଇଟି ରୂପ । ଅବିକଳ ସେଇ ବ୍ରାହ୍ମଣ ମୂର୍ତ୍ତିଟି ମୋ ଆଖି ଆଗରେ ଦେଖାଦେଇ ପୁଣି ମିଶି ଯାଉଛନ୍ତି ସୂର୍ଯ୍ୟମୂର୍ତ୍ତି ଦେହରେ । ମୋତେ ଏକ ଗୋଲକଧନ୍ଦା ମଧ୍ୟକୁ ଠେଲିଦେଇ ବ୍ରାହ୍ମଣ ଜଣକ ଚାଲିଗଲେ । ମୋ ମନରେ କିନ୍ତୁ ଅନେକ ଚିନ୍ତାର ସୂତ୍ର । ସୂର୍ଯ୍ୟଦେବଙ୍କୁ ମୁଁ କେବଳ ମନେମନେ ସ୍ମରଣ କରୁଥାଏ ।

ପ୍ରଭୁ, ମୋ ମନର ଅଶାନ୍ତ ଝଡ଼କୁ ଶାନ୍ତ କରିଦିଅ । କିଶୋର ପ୍ରାଣରେ ମୋର ଗଭୀର ଆଲୋଡ଼ନ, ଚିନ୍ତା ଓ ବ୍ୟଥାରେ ମୋ ପ୍ରାଣ ଜର୍ଜରିତ । ଏ ପରିସ୍ଥିତିରେ ସୂର୍ଯ୍ୟଦେବଙ୍କୁ ସ୍ମରଣ କରିବା ବ୍ୟତୀତ ମୋର ଭିନ୍ନ ଉପାୟ ନଥିଲା। ମୁଁ କେବଳ ମନେମନେ ଏତିକି ଉଚ୍ଚାରଣ କରୁଥିଲି, ପ୍ରଭୁ, ମୋ ଆଖିର ଅନ୍ଧପୁଟୁଳିକୁ ଖୋଲିଦିଅ, ମୋ ମନରୁ ସନ୍ଦେହମୋଚନ କର।

ସେଦିନର ସେଇ ଘଟଣା ମୋ ମନରେ ଅନେକଦିନ ଧରି ଆଲୋଡ଼ନ ସୃଷ୍ଟି କରିଥିଲା । ହେଲେ ଘରେ ମୁଁ ବାପା, ମାଆ କାହାରି ଆଗରେ ବ୍ୟକ୍ତ କରି ପାରିନଥିଲି ଏ ବିଷୟରେ। ମୋ ଠାରୁ ସମସ୍ତ ବୃତ୍ତାନ୍ତ ଶୁଣି ମନ୍ଦିର ପୂଜକ ମୋତେ ଆଶ୍ୱାସନା ଦେଇ କହିଥିଲେ.... ଧନ୍ୟ ତୁମେ ପୁତ୍ର.... ସ୍ୱୟଂ ସୂର୍ଯ୍ୟଦେବଙ୍କ ଅସୀମ କୃପାରୁ ତୁମେ ତାଙ୍କର ଦର୍ଶନ ପାଇ ପାରିଲ । ନହେଲେ ଏଠି ମୋ ବ୍ୟତୀତ ଅନ୍ୟ କେହି ବ୍ରାହ୍ମଣ ନାହାଁନ୍ତି । ଯଦି ସେ ଦୃଶ୍ୟ ତୁମ ଆଖିର ଭ୍ରମ ନୁହେଁ, ତେବେ ସୂର୍ଯ୍ୟଦେବ ହିଁ ତୁମକୁ ଦର୍ଶନ ଦେଇଛନ୍ତି ସ୍ୱୟଂ ବ୍ରାହ୍ମଣ ବେଶରେ । ଆଗାମୀ ଭବିଷ୍ୟତ ତେଣୁ ଉଜ୍ଜ୍ୱଳ ହେବ । ତୁମେ ହେବ ମହାନ୍ ଯଶସ୍ୱୀ ।

ସେହିଦିନ ଠାରୁ ସୂର୍ଯ୍ୟଦେବଙ୍କୁ ହିଁ ମୁଁ ମନେମନେ ଗୁରୁ ଧରିନେଲି । ତାଙ୍କ ପ୍ରତି ମୋ ମନରେ ଭରିଗଲା ଅନେକ ଅଭିମାନ । ତେବେ ସ୍ୱତଃ ତାଙ୍କ ଆଗରେ ମୁଣ୍ଡ ମୋର ନଇଁଗଲା । ସୂର୍ଯ୍ୟଦେବ ହିଁ ପାଲଟିଗଲେ ମୋର ଆରାଧ୍ୟ ଦେବତା । ତାଙ୍କରି ଆଶୀର୍ବାଦରେ ମୁଁ ଯେ ଦିନେ ବଡ଼ ହେବି ଏଇ ଆଶା, ଉତ୍ସାହରେ ପ୍ରାଣ ମୋର ଆନନ୍ଦରେ ଭରି ଉଠିଲା ।



ଏହା ମଧ୍ୟରେ ମୋର ଅନେକ ଦିନ ଅତିବାହିତ ହୋଇଗଲା । ମୋ କାନରେ କେବଳ ଗୁଞ୍ଜରିତ ହୋଇ ଉଠୁଥିଲା ସେଇ ଗୋଟିଏ ସ୍ୱର । କିଏ ଯେମିତି ମୋତେ ପୁତ୍ର-ପୁତ୍ର ବୋଲି ଡାକୁଥିଲେ । ଅଧରର ସେହି ମିଠା ହସ, ଦରଦବୋଳା ଡାକ ମୋତେ ଏମିତି ବିବଶ କରି ଦେଉଥିଲା ଯେ, ମୁଁ ଭୁଲିଯାଇଥିଲି ନିଜକୁ। ସତରେ ଯେମିତି ମୋର ଏକ ନୂତନ ଜନ୍ମ । ନୂତନ ପରିଚୟ ସୃଷ୍ଟି ହୋଇଗଲା । ସୂର୍ଯ୍ୟଦେବ ହିଁ ନିଜେ ମୋତେ ସ୍ୱୀକାର କରିନେଲେ । ମୁଁ ସୂର୍ଯ୍ୟଙ୍କ ଅଂଶରୁ ଜାତ ଦ୍ୱିତୀୟ ସୂର୍ଯ୍ୟ ।

॥ ଚାରି ॥

ମୋର ବାଲ୍ୟକାଳ କଟିଛି ଚମ୍ପାପୁର ଗାଁରେ। ସାଂଗସାଥୀଙ୍କ ମେଳରେ ଗାଁର ଧୂଳି ଦାଣ୍ଡରେ ଅନେକ ଖେଳ ଖେଳିଛି । ସାଥୀ ପିଲାମାନଙ୍କର ନେତା ସାଜିଛି । ସବୁ କାମରେ ମୁଁ ସେମାନଙ୍କର ନେତା । ଦଳର ଦଳପତି । ଏପରିକି ମୋ ଠାରୁ ବୟସରେ ବଡ଼ ସାଂଗମାନଙ୍କର ବି ମୁଁ ଥିଲି ନେତା । ମିଛିମିଛିକା ରାଜପ୍ରାସାଦ, ସିଂହାସନ ଓ ତହିଁରେ ମୁଁ ରାଜା। ରାଜା ହେବା ସଉକଟା ଥିଲା ପିଲାଦିନରୁ । ଜାଣେନା, କ'ଣ ପାଇଁ ମୋ ମନରେ ସେ ଦିଗରେ ଏତେ କୌତୂହଳ ।

ମୋ ବାପା ଥିଲେ ଗ୍ରାମସେବକ । ସୂତମାନଙ୍କର ମୁଖ୍ୟ । ସେ ଦୃଷ୍ଟିରେ ଗ୍ରାମରେ ବାପାଙ୍କର ଥିଲା କିଛି ବିଶେଷ ପଦପଦବି, ମର୍ଯ୍ୟାଦା ଓ ସମ୍ମାନ । ଆଉ ତାଙ୍କର ପୁତ୍ର ହିସାବରେ ମୋତେ ବି ସେହି ସମ୍ମାନରୁ କିଛିଟା ଭାଗ ମିଳୁଥିଲା । ତା'ଛଡ଼ା ନିଜସ୍ୱ ବଳ, ଶକ୍ତି ତ କିଛି କମ୍ ନଥିଲା । ତେଣୁ ସାଥୀମାନେ ମୋତେ ହିଁ ନେତାରୂପେ ସ୍ୱୀକାର କରୁଥିଲେ, କାହାରି କିଛି ବିପଦ ପଡ଼ିଲେ ମୁଁ ହିଁ ଦୌଡ଼ିଯାଏ ସେମାନଙ୍କୁ ଉଦ୍ଧାର କରିବାପାଇଁ । କିଏ ଯଦି ଜଳରେ ବୁଡ଼ି ଯାଉଥାଏ, ମୁଁ ହିଁ ଦୌଡ଼ିଯାଇ ଜଳ ମଧ୍ୟରେ ଲମ୍ଫପ୍ରଦାନ କରି ତାକୁ ଉଦ୍ଧାର କରି ଆଣେ । ଗଛରୁ ଫଳ ତୋଳି ନପାରିଲେ ମୁଁ ହିଁ ତାଙ୍କପାଇଁ ଫଳ ଉତାରି ଆଣେ । ଏମିତି ଅନେକ କାମରେ ମୁଁ ମୋର ସାଥୀମାନଙ୍କୁ ସାହାଯ୍ୟ କରିଥାଏ । ଯେଉଁଥିପାଇଁ ତାଙ୍କ ପାଖରେ ମୁଁ ପ୍ରିୟ ହୋଇଯାଏ । ଗାଁରେ ମିଛିମିଛିକା ସଭା ହୁଏ । ଦରବାର ବସେ । ବିଚାର ଚାଲେ । ସେଥିରେ ମୁଁ ହୁଏ ରାଜା । ନ୍ୟାୟ ଦିଏ । ସମସ୍ତେ ତାକୁ ମାନି ନିଅନ୍ତି । ତେଣୁ ଏହି ରାଜା ହେବା ଆନନ୍ଦଟା ମୁଁ ପିଲାଦିନରୁ ପାଇଛି । ଯଦିଓ ମିଛିମିଛିକା ରାଜ ପଦବିଟା କ୍ଷଣସ୍ଥାୟୀ, ତଥାପି ଖୁବ୍ ଆଶ୍ୱସ୍ତି ଲାଗୁଥିଲା ମୋତେ । ସେଥିରେ ହିଁ ମୁଁ ଆମୋଦିତ ହେଉଥିଲି । ସତରେ ଯଦି ମୁଁ ବଡ଼ହେଲେ ରାଜା ହୋଇଯାନ୍ତି ।

ଏମିତି ଖେଳୁଖେଳୁ ମୋ ଜୀବନରେ ଅନେକ ଘଟଣା ଘଟିଯାଏ । ସେଦିନ ବି ସେମିତି ଏକ ବିଚିତ୍ର ଘଟଣାଟିଏ ଘଟି ଯାଇଥିଲା । ଯାହା ମୋ ଜୀବନରେ ଚିରଦିନ ଲାଗି ଅଭୁଲା ହୋଇ ରହିଯାଇଥିଲା । ଆମେ କିଛିଜଣ ସାଥି ମିଶି ଚମ୍ପାପୁରରେ ସେଦିନ ମହୋତ୍ସବଟିଏ କରିଥିଲୁ। ବାପାଙ୍କ ମୁହଁରୁ ଶୁଣିଥିଲି, ରାଜା ମହାରାଜାମାନେ ରାଜଦରବାରର ଶ୍ରୀବୃଦ୍ଧି ପାଇଁ ଦାନ ଆଦି କରୁଥିଲେ । ସେଇଥିରେ ହିଁ ତାଙ୍କର ଖ୍ୟାତି ବଢୁଥିଲା । ରାଜାମାନେ ନିଜକୁ ରାଜଚକ୍ରବର୍ତ୍ତୀ ବୋଲାଉଥିଲେ ।

ଆମ ଗାଁର ଏକ ମଧ୍ୟବର୍ତ୍ତୀ ସ୍ଥାନରେ ଆମେ ସବୁ ସାଥୀମାନେ ମିଶି ଏକ ଯଜ୍ଞମଣ୍ଡପ ତିଆରି କରିଥିଲୁ । ମଣ୍ଡପ ଚାରିପଟେ ଆମ ସାଥିମାନେ ଘେରି ବସିଥିଲେ । ଆମରି ଭିତରୁ ଜଣେ ପୁରୋହିତ ସାଜି ମନ୍ତ୍ରପାଠ କରୁଥିଲା । ଆଉ ମୁଁ ଥିଲି ରାଜା । ମୋରି ଇଂଗିତରେ ଯଜ୍ଞ ଚାଲୁଥିଲା। ଯଦିଓ ସବୁ କିଛି ଥିଲା ଏକ ମିଛ ଅଭିନୟ । ତଥାପି, ଆମେ ସବୁ ମଜା ଉଠାଉଥିଲୁ ଏହି ଖେଳରୁ । ଯଜ୍ଞ ଶେଷରେ ଦାନ ଦେବାର ପ୍ରଥା ରହିଛି । ହେଲେ ଦାନ କେଉଁଠୁ ଆସିବ । ଆମ ହାତରେ ଏମିତି କିଛି ଧନ ନାହିଁ ଯେ ଆମେ ଦାନ ଦେବୁ । ତଥାପି ବାଡ଼ି ବଗିଚାରୁ ପତ୍ର, ଫୁଲ, ଫଳ ଇତ୍ୟାଦି ଗୋଟାଇ ଆଣୁଥିଲି ଦାନ ପାଇଁ । ମୋତେ ହିଁ ସବୁ ଦାନ କରିବାକୁ ପଡୁଥିଲା । ଦାନ କରୁକରୁ ଯିଏ ପତ୍ର, ଫୁଲ ପାଉଥିଲା ସେମାନଙ୍କ ମନରେ ସିନା ଅସନ୍ତୋଷ ହେଉଥିଲା ହେଲେ, ଯିଏ ଫଳ ପାଉଥିଲା ତା ମନ କୁଣ୍ଢେମୋଟ । ଜଣକୁ ଫଳ ମିଳିଲେ ଅନ୍ୟମାନଙ୍କୁ ସେ ବାଣ୍ଟୁଥିଲା । ସମସ୍ତେ ମନଭରି ଖୁସିରେ ସେ ଫଳକୁ ବାଣ୍ଟି ଖାଉଥିଲେ। ପତ୍ର, ଡାଳ ପାଉଥିବା ଜଣକ ରାଜାଙ୍କ ପାଖରେ ଆସି ଗୁହାରି କରୁଥିଲେ । ତା ମନକୁ ଜାଣି ରାୟଦେବାକୁ ପଡ଼ିଥିଲା । ଏମିତି ସବୁ ମିଛ ଖେଳ ମଧ୍ୟରେ ଆମେ ସବୁ ମିଛମିଛ ଅଭିନୟ କରୁଥିଲୁ । ଖେଳ ଆମର ବେଶ୍ ଜମୁଥିଲା । ସେତେବେଳେ କାହାରି ଆଉ ଘରକଥା ମନେ ପଡୁନଥିଲା । ମୁଁ ବି ସେଦିନ ସେହି ରାଜା ଅଭିନୟରେ ବେଶ୍ ଉତ୍‌ଫୁଲ୍ଲିତ ହୋଇ ଉଠୁଥିଲି। ମୋର ଯେମିତି ମନ ହେଉଥିଲା ମୁଁ ସତରେ ରାଜା ହୋଇଯାଇଛି ।

(କ୍ରମଶଃ)

ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

---

## ଉତ୍ଥାନ ପତନ...

ଶୁଭସ୍ମିତା ନାୟକ

ମୁଁ ଜାଣେ
ମାଧବୀ ଲତା କୁଂଜର
ଏକାନ୍ତ ଅନ୍ଧାରର ମର୍ମସ୍ଥଳେ
ତୁମପାଇଁ ଯେ ବସିରହେ
ସେ ମୁଁ ନୁହେଁ
ମୁଁ ନୁହେଁ
ଯିଏ ନିତିନିତି
ତୁମକୁ ପିନ୍ଧାଇଦିଏ
ତା' ଲଜ୍ୟାର ଅଳତା

ହୃଦୟର ରକ୍ତ ବିନ୍ଦୁରେ
ଅଙ୍କିଦିଏ ତୁମ କପାଳରେ ଉଜ୍ଜଳ ତିଳକ
କିମ୍ବା ତୁମେ ଆସିପାରି ନଥିବା
ସବୁ ରାତିର ଅନ୍ଧାରରେ
ତୁମ ଗଣ୍ଡସ୍ଥଳେ ତୋଳିଦିଏ
ତିଳ ଚିହ୍ନ ଟିଏ..

ମୁଁ ତୁମ ସୀମାନ୍ତ ବାହାରର
ଶୂନ୍ୟସ୍ଥାନ ଟିଏ

ଠିକ ଯେମିତି
ଆଦିମ ମୂର୍ତ୍ତିକାରୁ
ମୃଣ୍ମୟ ପ୍ରତିମାଟେ
ଭିନ୍ନ ହୋଇଯାଏ

ସୂର୍ଯ୍ୟ ପରେ ସୂର୍ଯ୍ୟ
ଚନ୍ଦ୍ର ପରେ ଚନ୍ଦ୍ର
ଏବଂ ଅନ୍ୟାନ୍ୟ ନକ୍ଷତ୍ରାଦିଙ୍କ
ଅବିଶ୍ରାନ୍ତ ଆବର୍ତ୍ତନରେ
ଯେ ବାରମ୍ବାର ବଦଳୁଥାଏ,
ମରୁଥାଏ ଏବଂ ବଂଚୁଥାଏ

ସମୁଦ୍ରର ଲହରୀ ଭଳି
ଯେ ବାରମ୍ବାର ତୁମକୁ
ଉନ୍ମାଦ ଭାବରେ ଲୋଡ଼ିବା ପଣରେ
ମଥାଟେକେ ଯେ ପୁଣି ଭାଙ୍ଗିପଡ଼େ
ଓ ଫେରିଯାଏ
ଏକ ଚିରାଚରିତ ବିଲୟ ଗର୍ଭକୁ

ପୁନଶ୍ଚ ଉର୍ମି ସାଜି
ଭାଙ୍ଗିଯିବାର ଆଶଙ୍କାରେ
ଯେ ବାରମ୍ବାର ମରୁଥାଏ
ଏବଂ ଅଣନିଶ୍ୱାସୀ ହୁଏ
ଏଇ ଗତାନୁଗତିକ ଉତ୍ଥାନ ପତନରେ..।

+ବ୍ରହ୍ମପୁର, ଗଂଜାମ
ମୋ:୮୨୪୯୮୦୧୮୫୪

## ଆଜିର କବିତା

### ସକାଳର ପ୍ରତୀକ୍ଷାରେ

ରତ୍ନକାନ୍ତି ମିଶ୍ର



ପରିତ୍ୟକ୍ତ ଛିନ୍ନ ବସ୍ତ୍ର
ଅସହାୟ ଆଖି ଦୁଇ
ନୁଖୁରା ଫୁଙ୍ଗୁଳା ଦେହ
ଦୁଃଖକଷ୍ଟ ଭୋଗୁଥାଇ

ପଥ ଧାରେ ପିଲାଛୁଆ
ଅସମ୍ଭବ କ୍ଷୁଧାତୁର
ଭବିଷ୍ୟତ ଦିଶାହୀନ
ଶୁଭେ ଯାହା ହାହାକାର ।

ଖରା ବର୍ଷା ଅବା ଶୀତ
ପଥ ପ୍ରାନ୍ତେ ହୁଏ ଦେଖା
ବିଶ୍ରାମ ନାହିଁ କପାଳେ
ଅନାତ୍ମୀୟ ଭାଗ୍ୟରେଖା ।

ସୁଖ ପ୍ରାଚୁର୍ଯ୍ୟରୁ କିଛି
କୁଢ଼ରୁ ସେ ସାଉଁଟିଛି
ନର୍ଦ୍ଦମାର ଖୁସିଫୁଲ
ହୃଦୟରେ ସଜାଇଛି ।

ଜୀଇଁବାର ଆଶାବରୀ
ଅବିରତ କଳକଳ ,
ଝୁମ୍ପୁଡ଼ିର ଗର୍ଭଗୃହେ
ସ୍ୱପ୍ନ ଖଞ୍ଜା ମାଳମାଳ ।

ହାରି ନାହିଁ ଜୀବନଟି
ଚେଷ୍ଟିତ ସେ ବଞ୍ଚିବାରେ
ଉଇଁବକି ନୂଆ ସୂର୍ଯ୍ୟ
ପ୍ରତୀକ୍ଷିତ ସକାଳରେ ।।

+ଆଳି,କେନ୍ଦ୍ରାପଡ଼ା

### ମହମବତୀ କିଣିଲେଣି ?

ରଶ୍ମିତା ବେହେରା

ସ୍ୱର୍ଗରେ କ୍ରୋଧ ଜର୍ଜରିତ
ସେହି ଅଶରୀରି ଆତ୍ମାଗୁଡ଼ିକ
ଏବେ ଖୁବ୍ ଜୋରରେ ଚିତ୍କାର କରିବାକୁ ଲାଗିଲେଣି,
ଏଇ ଯେମିତି ଓଡ଼ିଶାର ଇତିଶ୍ରୀ, ବେବିନା ଓ ଛବିରାଣୀ
ଏକସ୍ୱରରେ ପ୍ରଶ୍ନ କରୁଛନ୍ତି ଏ ସହନଶୀଳ ସମାଜକୁ
"ଆଜ୍ଞା, ମହମବତୀ କିଣିଲେଣି ?"

ସମାଜର ଡିମାଡିମା ଆଖି ସାମ୍ନାରେ
ବଳାତ୍କାରୀର ଶକ୍ତ ପଂଝାରେ
ଆମେତ ବାରମ୍ବାର, ପୋଷ୍ଟମର୍ଟମ ହେଇସାରିଛୁ,
ଦିଲ୍ଲୀର ନିର୍ଭୟା, ହାଇଦ୍ରାବାଦର ପ୍ରିୟଙ୍କା ପାଇଁ
ହ୍ୱାଟସଅପ ଡିପି ବ୍ଲାକ କରି, ମହମବତୀ ଜ୍ୟୋତି ଜାଳି
ପ୍ରତିବାଦ କରିବାର ଦୃଶ୍ୟକୁ
ଆମେବି ଅନେକ ବାର ଦେଖିଛୁ।


ଆଚ୍ଛା କୁହ ତ, କ'ଣ ଦେଶରୁ ଧର୍ଷଣ କମିଲାଣି ?
ତୁମ ସମ୍ବିଧାନର ଫର୍ଦ୍ଦ କ'ଣ ପୋଛିପାରିବ
ନୀରବ ନୟନର ବେଦନାର ଲୁହ ?
ଗାନ୍ଧିଙ୍କର ସେ ଉକ୍ତି ଯଦି ସ୍ୱାଧୀନତାର ମାନଦଣ୍ଡ ହୁଏ,
ତେବେ ଏ ଦେଶକୁ ତାହା କେବେ ମିଳିବ ଟିକିଏ କୁହ
ଅବଶ୍ୟ ଏହା ଏକ ଅସମାହିତ ପ୍ରଶ୍ନ ନିଶ୍ଚୟ।

ପ୍ରଶାସନ, ପୁଲିସ୍ କଥା କ'ଣ ବା କହିବୁ ଯେ
ସମସ୍ତେ ତ ଦୁର୍ନୀତିର ସାଗରେ ନିର୍ଲିପ୍ତ
ଶିକାରି ଓ ଶିକାର ଭିତରେ
ଲାଭ ଖୋଜୁଥିବା ଲୋଭି ତୃତୀୟ ଚରିତ୍ର,
ରୋପି ଚାଲନ୍ତି ଯେ ଦୁର୍ନୀତିର ଭ୍ରୁଣ,
ପ୍ରମାଣ ସବୁକୁ ନଷ୍ଟ କରିଚାଲନ୍ତି ତାଙ୍କ ତୀକ୍ଷ୍ଣ କଟାକ୍ଷରେ
ହୋଇଯିବ କାଳେ ପ୍ରସାରଣ।

ବିଧି ବ୍ୟବସ୍ଥା, ଆଇନର ଧାରାସବୁ
ଆମପାଇଁ ଆତ୍ମହତ୍ୟାର ସିଲାବସ୍ ପାଲଟି ସାରିଲାଣି
ଆଇନ୍ କାନୁନର ଛକିଶୂନ ଖେଳରେ
ଆମେ ସବୁ ମଲାଜହ୍ନ ପାଲଟି ଗଲୁଣି,
ଏହିଭଳି ତୁମରି ଆଖି ସାମ୍ନାରେ ଅନେକ ନାରୀ ଅସ୍ତିତ୍ୱ ତ
ହରେଇବେ
କ'ଣ ଆପଣ ଶୋଭାଯାତ୍ରା ପାଇଁ
ମହମବତୀ କିଣିଲେଣି ?

+ନିହଳପ୍ରସାଦ, ଢ଼େଙ୍କାନାଳ

## ଫ୍ୟାଶନରେ ପିଙ୍କ୍ ଆଇ ଲାଇନର୍



କୁହାଯାଏ ହୃଦୟକୁ ପହଞ୍ଚିବାର ମାଧ୍ୟମ ହେଉଛି ଆଖି। ଏଣୁ ମେକ୍‌ଅପ ଦୁନିଆରେ ଆଖିକୁ ବା ଆଇ ମେକ୍‌ଅପକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଠିକ୍ ଭାବେ କରାଯାଇଥିବା ଆଇ ମେକ୍‌ଅପ୍ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱକୁ ବଦଳାଇଦେଇ ପାରେ। ଯଦି ଆପଣ ମଧ୍ୟ ଆଖିକୁ ସଜେଇବାକୁ ଭଲ ପାଆନ୍ତି ଆଉ ନିଜ ମେକ୍‌ଅପରେ କିଛି ଡ୍ରାମା ଭରିଦେବାକୁ ଚାହାନ୍ତି, ଏଇ ଆର୍ଟିକଲଟି ଆପଣଙ୍କ କାମରେ ଲାଗିପାରେ।

ଯେପରି କି ମେକ୍‌ଅପ ପ୍ରେମୀମାନେ ଜାଣନ୍ତି ଯେ, ଠିକ୍ ଆଏ ମେକ୍‌ଅପ୍ ଆପଣଙ୍କ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ। କିନ୍ତୁ ଯେତେବେଳ ଡେଲି ମେକ୍‌ଅପ କଥା ଆସେ, ଆମେ ସେହି ରେଡ୍ ସେଡ୍ ଲିପଷ୍ଟିକ୍, ବ୍ଲାକ୍ ଲାଇନର୍, କାଜଲ୍, ଓ ମସ୍କାରା ଲଗାଇ ନିଅନ୍ତି। ଯଦି ଆପଣ ବି ଏଭଳି ନିତି ଦିନିଆ ମେକ୍‌ଅପରେ ବୋର୍ ହୋଇଗଲେଣି ତେବେ ଆଜି ପ୍ରସ୍ତୁତ ହୋଇଯାନ୍ତୁ ନିଜ ଆଖିରେ କିଛି ରଙ୍ଗ ମିଶାଇବାକୁ। ଲାଇଟ୍ ପିଙ୍କ୍ ବା ଡାର୍କ ପିଙ୍କ୍ ଆଏଲାଇନର୍ ସହ ନିଜ ମେକ୍‌ଅପ ଏକ୍ସପେରିମେଣ୍ଟ କରନ୍ତୁ।

କେବଳ ବ୍ଲାକ୍ କାହିଁକି ବିଭିନ୍ନ କଲର୍ ସହ ଆପଣ ନିଜର ଆଇ ମେକ୍‌ଅପ୍ ଏକ୍ସପେରିମେଣ୍ଟ କରିପାରିବେ। ହେଲେ ଆଜିକାଲି ଫ୍ୟାଶନ ଟ୍ରେଣ୍ଡରେ ଚାଲିଛି ପିଙ୍କ୍ ସେଡ୍। ବ୍ଲାକ୍ ଡ୍ରାମା ଆଇ ଲାଇନର ସହ ପିଙ୍କ୍ ଲାଇନର୍ ମିଶାଇ ନିଜ ଆଇ ମେକ୍‌ଅପରେ ଟିକେ ଅଧିକା ଡ୍ରାମା ଭରିଦେଇପାରିବେ। ଏବେ ଗ୍ରୀଷ୍ମଋତୁ ଆରମ୍ଭ ହୋଇଯାଇଛି। ଏହି ସମୟରେ ଏଭଳି ଆଇ ମେକ୍‌ଅପ ଆଣଙ୍କୁ ଏକ ଗ୍ଲାମର୍ସ ଲୁକ୍ ଦେଇପାରିବ। ଟ୍ରାଏ କରନ୍ତୁ...

ଆପଣ ନିଜ ତ୍ୱଚାର ସେଡ୍ ଅନୁସାରେ ପିଙ୍କ୍ ଆଇ ଲାଇନର୍ ସେଡ୍ ଚୟନ କରିପାରିବେ। ତେବେ ଫ୍ୟାଶନ୍ ଟ୍ରେଣ୍ଡରେ ଚାଲିଥିବାରୁ ଭିନ୍ନ ଭିନ୍ନ ବ୍ରାଣ୍ଡର ପିଙ୍କ୍ ଆଇ ଲାଇନର୍ ଅନଲାଇନ୍ ଓ ଅଫଲାଇନ୍ ମାର୍କେଟରେ ଆପଣ ପାଇପାରିବେ। ଯଦି ଆପଣଙ୍କୁ ଡାର୍କ ପିଙ୍କ୍ ସେଡ୍ ପସନ୍ଦ କିନ୍ତୁ ଆପଣ ଡବଲ କୋଟ୍ କରିବାକୁ ଚାହାନ୍ତି ନାହିଁ। ତା'ହେଲେ ସିଙ୍ଗଲ୍ କୋଟ୍ କରି ବ୍ଲୁ ସେଡ୍ କିମ୍ବା ବ୍ଲାକ୍ ସେଡ୍ ଜେଲ୍ ଆଇ ଲାଇନର୍ ସହ ମିଶାଇ ଆପଣ ନିଜ ଆଖିକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ।

ପିଙ୍କ ସଫ୍ଟ କଲର୍ ହୋଇଥିବାରୁ ସମସ୍ତଙ୍କୁ ଭଲ ଲାଗିଥାଏ। ଏଣୁ ପିଙ୍କ୍ ଆଇ ଲାଇନର୍ ବ୍ୟବହାର କଲେ ଆପଣ ଗ୍ଲିଟରି ଆଏ ସେଡୋ ବ୍ୟବହାର କରିପାରିବେ କିମ୍ବା ନ୍ୟୁଡ୍ ସେଡ୍ ଆଏ ସେଡୋ ଲଗାଇ ଟିକେ ହାଇଲାଇଟର୍ ମିଶାଇଦେଲେ ଆପଣଙ୍କ ଲୁକ୍ ଟିକେ ହଟକେ ଦେଖାଯିବ। ତେବେ ଧ୍ୟାନ ରଖିବେ, ଏଭଳି ଆଇ ମେକ୍‌ଅପ କରୁଥିଲେ, ସବୁବେଳେ କନଟ୍ରାଷ୍ଟ କଲର୍ ଲିପଷ୍ଟିକ୍ ହିଁ ମାନିଥାଏ।

# ଓଡ଼ିଶା ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନା 'ଏ ଆର୍' ସିରିଜ୍‌ର ଶୁଭାରମ୍ଭ

## ଜୁଲାଇ ୧୮ରେ ହେବ ରାଜ୍ୟସ୍ତରୀୟ ଉଠାଣ

ଭୁବନେଶ୍ୱର ,୩।୨ (ନି.ପ୍ର): ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ସ୍ୱଳ୍ପ ସଂଚୟ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ୨୦୨୦ କ୍ୟାଲେଣ୍ଡର ବର୍ଷ ପାଇଁ ଉଦ୍ଦିଷ୍ଟ ଓଡ଼ିଶା ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନା 'ଏ ଆର୍' ସିରିଜ୍ ର ପ୍ରଚଳନ କରାଯାଇଛି। ନିରୀହ ଜନସାଧାରଣଙ୍କୁ ବିଭିନ୍ନ ସନ୍ଦିଗ୍ଧ ଅଣବ୍ୟାଙ୍କିଙ୍ଗ୍ ବେସରକାରୀ ଅର୍ଥଲଗାଣକାରୀ ସଂସ୍ଥାର ମିଥ୍ୟା ପ୍ରଲୋଭନ ଓ ଠକାମିଠାରୁ ଦୂରେଇ ରଖିବାକୁ ସ୍ୱଳ୍ପସଂଚୟ ପ୍ରୋତ୍ସାହନ ଯୋଜନା ଅନେକାଂଶରେ ସଫଳ ହୋଇଛି । କରୋନା ମହାମାରୀଜନିତ ପରିସ୍ଥିତି ପାଇଁ 'ଏ ଆର୍' ସିରିଜ୍ ର କୁପନ ବିତରଣ ପ୍ରକ୍ରିୟା ଆରମ୍ଭ କରିବା ବିଳମ୍ବିତ ହୋଇଛି। କୁପନ ସଂଗ୍ରହ କରିବା ସମୟରେ ଜମାକାରୀମାନେ କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ତରଫରୁ ଜାରି ହୋଇଥିବା ସମସ୍ତ ମାର୍ଗଦର୍ଶିକାକୁ ଅନୁପାଳନ କରିବା ପାଇଁ ଅନୁରୋଧ କରାଯାଇଛି । ଏହି ଯୋଜନା ମାଧମରେ ସ୍ୱଳ୍ପ ସଂଚୟ ଜମାକାରୀମାନଙ୍କୁ ୱେବ୍ ଉତ୍ପନ୍ନ ମାଗଣା ପ୍ରୋତ୍ସାହନ କୁପନର ବିତରଣ ପ୍ରକ୍ରିୟା ୨୨ ଜାନୁଆରୀ ୨୦୨୧ଠାରୁ ଆରମ୍ଭ ହୋଇଛି ଏବଂ ଏହା ୩୧ ମଇ ୨୦୨୧ ପର୍ଯ୍ୟନ୍ତ ବଳବତର ରହିବ । ଯେଉଁ ଜମାକାରୀମାନେ ଓଡ଼ିଶାସ୍ଥିତ ଯେ କୌଣସି ଡାକଘର ବା ବ୍ୟାଙ୍କମାନଙ୍କରେ ସ୍ୱଳ୍ପ ସଂଚୟ ଯୋଜନା ଅନ୍ତର୍ଗତ କିଷାନ ବିକାଶ ପତ୍ର, ସୁକନ୍ୟା ସମୃଦ୍ଧି ଯୋଜନା, ସ୍ୱଳ୍ପ ସଂଚୟ ବରିଷ୍ଠ ନାଗରିକ ସଂଚୟ ଯୋଜନା, ଜାତୀୟ ସଂଚୟ ସାର୍ଟିଫିକେଟ୍ ଅଷ୍ଟମ ଇସ୍ୟୁ, ପବ୍ଲିକ ପ୍ରେଭିଡେଂଟ ଫଣ୍ଡ, ଡାକଘର ମାସିକ ଆୟ ଯୋଜନା, ଜାତୀୟ ସଂଚୟ ମାସିକ ଆୟ ଯୋଜନା, ଡାକଘର ପୌନଃପୁନିକ ଜମା/ ଜାତୀୟ ସଂଚୟ ପୌନଃପୁନିକ ଜମା ଏବଂ ପାଂଚ ବର୍ଷିଆ ଡାକଘର ଅବଧି ଜମା/ପାଂଚ ବର୍ଷିଆ ଜାତୀୟ ସଂଚୟ ଅବଧି ଜମା ଆଦି ଯୋଜନାମାନଙ୍କରେ ଅନ୍ୟୁନ ୨ ହଜାର ଟଙ୍କା ୨୦୨୦ ମସିହା ଜାନୁଆରୀ ୧ ତାରିଖଠାରୁ ଡିସେମ୍ବର ୩୧ ତାରିଖ ମଧ୍ୟରେ ଜମା କରିଥିବେ, ସେମାନେ ଚାହିଁଲେ ଏହି ଯୋଜନାରେ ଅଂଶଗ୍ରହଣ କରିପାରିବେ । ଏଥିରେ ପ୍ରତ୍ୟେକ ୨ ହଜାର ଟଙ୍କା ଜମା ରାଶି ପିଛା ଗୋଟିଏ ମାଗଣା କୁପନ ଆବଂଟନ କରାଯିବାର ବ୍ୟବସ୍ଥା ରହିଛି । ଏହି କୁପନ ସମସ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ। ଏହି ଯୋଜନାର ଏକ ରାଜ୍ୟସ୍ତରୀୟ ଉଠାଣ ୨୦୨୧ ମସିହା ଜୁଲାଇ ୧୮ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି । ଏହି ଯୋଜନାରେ ଅଂଶଗ୍ରହଣ କରିବା ସଂପୂର୍ଣ୍ଣ ଦେୟମୁକ୍ତ ଅଟେ । ଏଥିରେ ସମୁଦାୟ ସାତଟି ବର୍ଗରେ ୭୪ ଲକ୍ଷ ଟଙ୍କା ମୂଲ୍ୟର ୨୪୨୮ଟି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହି ଯୋଜନାର ପ୍ରଥମ ପୁରସ୍କାରର ମୂଲ୍ୟ ୫ ଲକ୍ଷ ଟଙ୍କା ହୋଇଥିବାବେଳେ ସପ୍ତମ ପୁରସ୍କାରର ମୂଲ୍ୟ ୨ ହଜାର ଟଙ୍କା ରଖାଯାଇଛି। ଏହି ଯୋଜନାଟି ଜନସାଧାରଣଙ୍କ ମଧ୍ୟରେ ବିଶେଷ ଆଦୃତ ହେବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ବର୍ଷ କ୍ରମାଗତ ଭାବେ ଏହାର ଲୋକପ୍ରିୟତା ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି ।

# ଦୟାନଦୀରେ ଖରାଟିଆ ଧାନଚାଷ ପାଇଁ ଜଳ ଯୋଗାଇଦେବାକୁ ଚାଷୀଙ୍କ ଦାବି

କଣାସ,୩।୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଦେଇ ପ୍ରବାହିତ ହେଉଥିବା ଦୟାନଦୀର ଉପରମୁଣ୍ଡରେ କେତେକ ବ୍ୟକ୍ତି ବନ୍ଧପକାଇ ଦେଇଥିବାରୁ ଦୟାନଦୀରେ ପାଣି ନ ଆସି ନଦୀ ଶଯ୍ୟା ଶୁଖିଲା ପଡିଛି । ଫଳରେ ନଦୀ ଉପକୂଳ ଗ୍ରାମବାସୀମାନେ ଖରାଟିଆ ଧାନ ଚାଷ କରି ପାଣିପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଚାଷ ଜମିରେ ଜଳା ଭାବ ଦେଖାଦେଇଛି । ଯାହା ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଖବର ନେବାରେ ଜଣାପଡିଛି, ଦୟାନଦୀ କୂଳରେ ଗ୍ରାମବାସୀମାନେ ଦୟାନଦୀରୁ ନିଜସ୍ୱ ଲିଫ୍ଟ ଇରିଗେସନ, ମୋଟରଚାଳିତ ପମ୍ପ ବସାଇ ଦୟାନଦୀରୁ ଜଳ ନେଇ ଖରାଟିଆ ଧାନଚାଷ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ କରିଥିଲେ । କିନ୍ତୁ, ତିରିମଲ୍ଲ ନିକଟରେ ଦୟାନଦୀକୁ ପ୍ରବେଶ କରୁଥିବା ଜଳ ପଥକୁ କେତେକ ବ୍ୟକ୍ତି ଅବରୋଧ କରିଦେବାରୁ ଦୟାନଦୀର ଉଦବୃତ୍ତ ଜଳ ରାଜୁଆନଦଦୀରେ ପ୍ରବାହିତ ହେଉଥିବା ବେଳେ ଦୟାନଦୀ ଶୁଖିଲା ପଡିଛି । ବାଦଲପୁର, ବାରଦା, ବୀରକେଶରପୁର, ଗଡମାଟିଆପଡା, ନୂଆଗାଁ, ପାଣ୍ଡିଆକେରା, ବାଙ୍କତଳ, ବଗିପଡା ଅଂଚଳର ଶହଶହ ଜନସାଧାରଣ ପାଣି ଟୋପାଏ ପାଇଁ ଡହଳ ବିକଳ ହେଉଥିବା ଦେଖାଯାଇଛି । ଅନେକ ଧାନ ଜମି ଆଛେରା ବୁଣାଯାଇଥିବା ବେଳେ ପାଣି ନ ପାଇଁ ଫାଟି ଆଁ କଲାଣି । ଜଳ ଯୋଗାଣ ସମ୍ପର୍କରେ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରିଙ୍କୁ ପଚାରିବାରୁ ସେ କୁହନ୍ତି, ଆମର କିଛି ସୁବିଧା ନାହିଁ ନଦୀକୁ ଜଳ ଛାଡିବା ପାଇଁ । ପୂର୍ବରୁ କେନାଲରେ ଆସୁଥିବା ଜଳକୁ ଦୟାନଦୀକୁ ଛାଡିବାର ବ୍ୟବସ୍ଥା ଥିବା ବେଳେ କେତେକ ବ୍ୟକ୍ତି ଜଳ ପ୍ରବାହିତ ପଥକୁ ବନ୍ଦ କରିଦେଇଥିବାରୁ ଜଳ କେନାଲରୁ ନଦୀକୁ ଆସି ପାରୁନାହିଁ । ବିଭାଗୀୟ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଚାଷୀମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ କେନାଲରୁ ଦୟାନଦୀକୁ ଜଳ ଛାଡିବା ପାଇଁ ଚାଷୀମାନେ ଦାବି କରିବା ସହିତ ତିରିମଲ୍ଲ ଠାରେ ଜଳ ପ୍ରବାହିତ ପଥକୁ ଖୋଲିବା ପାଇଁ ଚାଷୀମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ଏକ ପତ୍ର ପୁରୀ ଜିଲ୍ଲାପାଳ, କଣାସ ତହସିଲଦାର ନିକଟରେ ପ୍ରଦାନ କରିଥିବା ଜଣାପଡିଛି । ଡ୍ରେନେଜ୍ ବିଭାଗର କୌଣସି ଅଧିକାରୀ କେବେ ବି କଣାସ ଅଂଚଳକୁ ଦିନେ ହେଲେ ଆସି ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି ।

# ସ୍ୱଚ୍ଛତା ଶୁଳ୍କ ଆଦାୟ ପ୍ରତ୍ୟାହାର ଦାବି କଲା ନାଗରିକ କମିଟି

ଜୟପୁର,୩।୨ (ନି.ପ୍ର): ପୌରପରିଷଦ ତରଫରୁ ଆଦାୟ କରାଯାଉ ଥିବା ସ୍ୱଚ୍ଛତା ଶୁଳ୍କକୁ ନାଗରକ କମିଟି ବିରୋଧ କରିଛି । ଏହା ଆଦାୟ କଲେ ଜନ ସାଧାରଣଙ୍କ ପ୍ରତି ଅନ୍ୟାୟ ହେବ । ରାଜ୍ୟରେ ଥିବା ବ୍ରହ୍ମପୁର, ଭୁବନେଶ୍ୱର ପରି ନିଗମରେ ଏପରି ଶୁଳ୍କ ଆଦାୟ କରାଯାଉ ନାହିଁ । ଜୟପୁର ସହରରେ ଆଦାୟ କରାଯାଉଛି । ପୌରପରିଷଦ ତରଫରୁ ଘର ଟିକସ ଆଦାୟ କରାଯାଉଥିବା ବେଳେ ଅନ୍ୟ ଏକ ଟିକସ ଆଦାୟ କରିବା କେତେ ଯୁକ୍ତି ସଙ୍ଗତ ବୋଲି କମିଟି ପ୍ରଶ୍ନ କରିଛି । ପୌରପରିଷଦ ନିଜ ଭଡା ଦେଇଥିବା ଷ୍ଟଲ୍ ଭଡା ଆଦାୟ କରିବାରେ ବିଫଳ ହୋଇଥିବା ବେଳେ ଏପରି ସ୍ୱଚ୍ଛତା ନାମରେ ଶୁଳ୍କ ଆଦାୟ କରିବା ଠିକ୍ ନୁହେଁ। ସହରରେ ସବୁ ବର୍ଗର ଲୋକେ ରହୁଥିବା ବେଳେ ପୌରପରିଷଦ ସ୍ୱଚ୍ଛତା ନାମରେ ଟିକସ ଆଦାୟ ସହଜରେ ଗ୍ରହଣ କରିପାରୁ ନାହାଁନ୍ତି ସହରବାସୀ ବୋଲି କମିଟିର ସଭାପତି ମିନକେତନ ଦାସ, ରାମକୃଷ୍ଣ ସାହୁ ପ୍ରମୁଖ ଦାବୀ କରିଛନ୍ତି । ସେହିପରି ଗତ ଡିସେମ୍ବର ୪ ତାରିଖରେ ଜୟପୁର ପୌରପରିଷଦ ପବ୍ଲିକ ରାଇଟସ୍ ଆସୋସିଏସନ ଅବିଭକ୍ତ କୋରାପୁଟ ଜିଲା ଶାଖା ତରଫରୁ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏନେଇ ଆସୋସିଏସନର ସଭାପିତି ଦେବେନ୍ଦ୍ର ବାହିନିପତିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଜୟପୁର ପୌର କର୍ମଚାରି ମାନଙ୍କ ଦ୍ୱାରା ସ୍ୱଚ୍ଛତା ଶୁଳ୍କ ବାବଦକୁ ପ୍ରତି ଘର ପିଛା ୫୦ ଟଙ୍କା, ୭୦ ଟଙ୍କା ଓ ୧ଶହ ଟଙ୍କା ମଧ ଆଦାୟକୁ ବିରୋଧ କରିଛି । ଯାହାକି ସମ୍ପୂର୍ଣ୍ଣ ଜନ ବିରୋଧୀ, କାରଣ ସମସ୍ତ ଜୟପୁର ବାସିନ୍ଦା ହୋଲଡ଼ିଙ୍ଗ ଟେକ୍ସ ସହ ସଫେଇ କାର୍ଯ୍ୟ ପାଇଁ ଶୁଳ୍କ ମଧ ଦେଉଛନ୍ତି । ଏହି ଶୁଳ୍କ ଲାଗୁ କରିବା ପୂର୍ବରୁ ପରିଷଦ ଜୟପୁର ଜନସାଧାରଣଙ୍କୁ ସୁଚିତ କରାଇବା ସହ ଲୋକଙ୍କ ମତାମତ ଗ୍ରହଣ କରିବା କଥା, କିନ୍ତୁ ତାହା ସବୁ କରାଯାଇ ନାହିଁ । ଏଥି ସହ କରୋନା ମହାମାରୀ କାରଣରୁ ଜନସାଦାରଣ ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା ବେଳେ ଜୟପୁର ପୌରପାଳିକାର ଏଭଳି ନିର୍ଷ୍ପି ସମ୍ପୁର୍ଣ୍ଣ ଭାବେ ଅମାନବୀୟ ବୋଲି ଅଭିଯୋଗ କରିଛନ୍ତି । ଏନେଇ ପୌର କାର୍ଯ୍ୟନିର୍ବାହୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀ ପତ୍ର ପ୍ରଦାନ କରାଯାଇଥିଲା । ସହର ବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିବା ବେଳେ ପ୍ରଶାସନ ଶିଘ୍ର ଏହି ନିଷ୍ପତିକୁ ପ୍ରତ୍ୟାହାର କରନ୍ତୁ ନଚେତ ବିଭିନ୍ନ ସଂଗଠନ ସହ ଆଲୋଚନା କରି ପଦକ୍ଷେପ ନିଅନ୍ତୁ ବୋଲି ଦାବି ହୋଇଛି ।

# ଧାରା ୩୭୦ ହଟିବା ପରେ ଜାମ୍ମୁ କାଶ୍ମୀରକୁ ମିଳିବାରେ ଲାଗିଲାଣି ନ୍ୟାୟ: ପ୍ରଫେସର କୁଳଦୀପ ଅଗ୍ନିହୋତ୍ରୀ

## ଓଡିଶା ରିସର୍ଚ୍ଚ ଫାଉଣ୍ଡେସନ ପକ୍ଷରୁ ଜାମ୍ମୁ କାଶ୍ମୀର- ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ପ୍ରସଙ୍ଗରେ ସେମିନାର ଆୟୋଜିତ

ଭୁବନେଶ୍ୱର ,୩।୨ (ନି.ପ୍ର): ଧାରା ୩୭୦ ଲାଗୁ ଥିବା କାରଣରୁ ଜାମ୍ମୁ କାଶ୍ମୀରରେ ଭାରତର ବିଭିନ୍ନ ଆଇନ ଓ ବ୍ୟବସ୍ଥା ଲାଗୁ ହୋଇ ପାରୁ ନ ଥିଲା । ଏହା ଦ୍ୱାରା ସେଠାକାର ଅନୁସୂଚିତ ଜାତି, ଜନଜାତି ତଥା ପଛୁଆ ବର୍ଗ ଠାରୁ ଆରମ୍ଭ କରି ଅନ୍ୟ ବଂଚିତ ବର୍ଗ ମାନଙ୍କ ପ୍ରତି ଅନ୍ୟାୟ ହେଉଥିଲା । ଭାରତ ସରକାରଙ୍କର ବିଭିନ୍ନ ଯୋଜନା ଲାଗୁ ହୋଇ ପାରୁ ନ ଥିବା ବେଳେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ମଧ୍ୟ ହୋଇ ପାରୁ ନ ଥିଲା । ହେଲେ ଧାରା ୩୭୦ ଉଚ୍ଛେଦ ହେବା ପରେ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆସିଲାଣି ଓ ସେଠାକାର ଲୋକ ମାନଙ୍କୁ ନ୍ୟାୟ ମିଳିବା ଆରମ୍ଭ ହେଲାଣି । ଓଡିଶା ରିସର୍ଚ୍ଚ ଫାଉଣ୍ଡେସନ ପକ୍ଷରୁ ଜାମ୍ମୁ କାଶ୍ମୀର- ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ପ୍ରସଙ୍ଗରେ ଆୟୋଜିତ ସେମିନାରରେ ଉଦବୋଧନ ଦେଇ ଜାମ୍ମୁ କାଶ୍ମୀର ପ୍ରସଙ୍ଗର ବିଶେଷଜ୍ଞ ତଥା ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କୁଳଦୀପ ଚନ୍ଦ ଅଗ୍ନିହୋତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ଯେ ଗତ ଜିଲ୍ଲା ପରିଷଦ ନିର୍ବାଚନରେ ଜାମ୍ମୁ କାଶ୍ମୀରର ସାଧାରଣ ଲୋକ ମାନେ ଯେଉଁଳି ଭାବେ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିଛନ୍ତି ଓ ଗୁପକାର ମେଂଟ ବିରୁଦ୍ଧରେ ଭୋଟ ଦେଇଛନ୍ତି ତାହା ସ୍ପଷ୍ଟ କରୁଛି ଯେ ଲୋକ ମାନେ ଏବେ ଜାମ୍ମୁକାଶ୍ମୀରର ପରିବାରବାଦୀ ରାଜନୀତିରୁ ଉପରକୁ ଯାଇ ସାଧାରଣ ଲୋକ ମାନଙ୍କର ନେତୃତ୍ୱ କିପରି ମିଳିବ ସେ ନେଇ ଚିନ୍ତା କରିବା ଆରମ୍ଭ କରି ଦେଲେଣି । ସେ କହିଛନ୍ତି ଯେ କାଶ୍ମୀର ଉପତ୍ୟକାରେ ଗୁପକାର ଗ୍ୟାଙ୍ଗକୁ ଯେତେ ଭୋଟ ମିଳିଛି ତା ଠାରୁ ଅଧିକ ତାଙ୍କ ବିରୋଧରେ ଠିଆ ହୋଇଥିବା ସ୍ୱାଧୀନ ପ୍ରାର୍ଥୀ ମାନଙ୍କୁ ମିଳିଛି । ସେ ଏହି ଅବସରରେ ଜାମ୍ମୁକାଶ୍ମୀରର ଇତିହାସ ଠାରୁ ଆରମ୍ଭ କରି କିପରି ଭାବେ ଜାମ୍ମୁ କାଶ୍ମୀରରେ ଧାରା ୩୭୦ ଲଗା ଯାଇଥିଲା ଓ ଏହା ଫଳରେ କିପରି ଭାବେ ଲୋକଙ୍କ ପ୍ରତି ଅନ୍ୟାୟ ହେଉଥିଲା ତାହାକୁ ବିସ୍ତୃତ ଭାବେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ସିନର୍ଜି ଏଜୁକେସନାଲ ଟ୍ରଷ୍ଟର ଅଧ୍ୟକ୍ଷ ବିନୋଦ ଦାସ ମୁଖ୍ୟ ଅତିଥି ଭାବେ ତଥା ଉତର ଓଡିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫୁଲ୍ଲ ମିଶ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସଜ୍ଜନ ଶର୍ମା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଅନିଲ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଏମସିଏଲ କୋଇଲା ଖଣିରେ ଅଧିକାରୀ ଓ ମାଫିଆଙ୍କ ମଧ୍ୟରେ ଖୁଲମଖୁଲା ଭାବେ ଚାଲିଛି ମଧୁଚନ୍ଦ୍ରିକା

ଝାରସୁଗୁଡା,୩।୨ (ନି.ପ୍ର): ବ୍ରଜରାଜନଗର ଓ ଲଖନପୁର ରେ ଥିବା ଏମସିଏଲ କୋଇଲା ଖଣିରେ ଅଧିକାରୀ ଓ ମାଫିଆଙ୍କ ମଧ୍ୟରେ ଖୁଲମଖୁଲା ଭାବେ ଚାଲିଛି ମଧୁଚନ୍ଦ୍ରିକା ।କୋଇଲା ଖଣି ଭିତରୁ କୋଇଲାର ଚୋରା ଚାଲାଣର ପର୍ଦ୍ଦାଫାସ କରିଛି ଓରିଏଂଟଥାନା ପୋଲିସ ।ଗତରାତିରେ ଲଖନପୁର ଖୋଲା ମୁହଁ କୋଇଲା ଖଣି ସମେତ ସମଲେଶ୍ୱରୀ ଖୋଲାମୁହଁ କୋଇଲା ଖଣିରୁ ଟ୍ରକରେ ଓଭରଲୋଡିଂ ହୋଇ କୋଇଲା ଯାଉଥିବା ଖବର ପାଇ ବ୍ରଜରାଜନଗର ଏସଡିପିଓଙ୍କ ନେତୃତ୍ୱରେ ଲଖନପୁର,ବେଲପାହଦ,ଓରିଏଂଟଥାନା ପୋଲିସ ମିଳିତ ଭାବେ ଚଢାଉ କରି ୨୮ଟି କୋଇଲା ବୋଝେଇ ଟିପରକୁ ଜବତ କରି ଗାଡି ଚାଳକଙ୍କୁ ଅଟକ ରଖିଛି ।କୋଇଲା ଖଣିରେ ନିରାଅପତ୍ତା ରକ୍ଷୀ ଥିବାଅ ସତ୍ତ୍ୱେ କିପରି କୋଇଲା ଓଭରଲୋଡିଂ ହୋଇ ପଦାକୁ ଆସୁଛି ଏହାର ତଦନ୍ତ ପାଇଁ ଜିଲ୍ଲା ଏସପି ସମ୍ବଲପୁର ଖଣି ନିର୍ଦ୍ଦେଶାଳୟ ଓ ଗାଡିର ସଠିକ କାଗଜପତ୍ର ଯାଂଚ ପାଇଁ ଆରଟିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ଘଟଣାସ୍ଥଳକୁ ଖଣି ନିର୍ଦ୍ଦେଶାଳୟର ଏକ ଟିମ୍ ସମ୍ବଲପୁରରୁ ଆସି ତଦନ୍ତ ଆରମ୍ଭ କରିଥିବାରୁ ପୋଲିସର ଅଧିକ ଖୋଳତାଡ ହେଲେ କୋଇଲା ଚୋରୀରେ ସଂପୃକ୍ତ ମାଫିଆଙ୍କ ଲିଷ୍ଟ ଆସିବ ଏଥିରେ କୌଣସି ଦ୍ୱିମତ ନାହିଁ।

# ୧୧ ଦାଦନ ଶ୍ରମିକ ବାଙ୍ଗାଲୁରୁରେ ନିର୍ଯ୍ୟାତିତ

## ଫେରାଇ ଆଣିବାକୁ ଜିଲାପାଳ ଓ ଶ୍ରମ ଅଧିକାରୀଙ୍କୁ ଭେଟିଲେ ପରିବାର ଲୋକେ

ଗଞ୍ଜାମ,୩।୨ (ନି.ପ୍ର): ପରିବାର ପ୍ରତିପୋଷଣ ଓ ରୋଜଗାର ଆଶାରେ ଦାଦନ ଖଟିବାକୁ ବାଙ୍ଗାଲୁରୁ ଯାଇଥିବା ୧୧ ଜଣ ଦାଦନ ଶ୍ରମିକ ସେଠାରେ ଅକଥନୀୟ ନିର୍ଯାତନାର ଶିକାର ହୋଇଥିବା ନେଇ ଖବର ହସ୍ତଗତ ହୋଇଛି । ଏଣୁ ତୁରନ୍ତ ଏହି ଶ୍ରମିକ ମାନଙ୍କୁ ନିଜ ଗାଁ ମାଟିକୁ ଫେରାଇ ଆଣିବାକୁ ପରିବାର ପକ୍ଷରୁ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଶ୍ରମ ବିଭାଗକୁ ଅନୁରୋଧ କରାଯାଇଛି । ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ୍ ଅନ୍ତର୍ଗତ ତୋଟାପଡ଼ା ଗ୍ରାମର ଏହି ୧୧ ଜଣ ଶ୍ରମିକ ହେଲେ ସୁଶାନ୍ତ ଦାଶ, ଫକିର ଦାଶ, କ୍ରିଷ୍ଣା ଦାଶ, ମଙ୍ଗୁଳ ଦାଶ, ମହେଶ୍ୱର ଦାଶ, ରବିନ୍ଦ୍ର ଦାଶ, ଅମିନ ଦାଶ, ସୁଶାନ୍ତ ଦାସ, ନାରାୟଣ ଦାଶ, ଗୌରୀ ଦାଶ ଓ ଅଜୟ ଦାଶ । ଏମାନେ କାମ କରିବା ପାଇଁ ୬ ମାସ ତଳେ ବାଙ୍ଗାଲୁରୁ ଯାଇଥିଲେ । ବିକ୍ରମ ପୁର ଗ୍ରାମର ଜଣେ ବ୍ୟକ୍ତି ସମସ୍ତଙ୍କୁ ଭଲ କାମ ଯୋଗାଇଦେବାକୁ କହି ସେମାନଙ୍କୁ ବାଙ୍ଗାଲୁରୁ ନେଇ ଯାଇଥିଲା । କିନ୍ତୁ ଶ୍ରମିକ ମାନେ ସେଠାକୁ ଯିବା ପରେ ପରିବାର ସହ ତାଙ୍କୁ ଯୋଗାଯୋଗ କରିବାକୁ ଦିଆଯାଇନଥିଲା । ସେମାନଙ୍କୁ ନାନା ହଇରାଣ କରାଯିବା ସହିତ ଅକଥନୀୟ ନିର୍ଯାତନା ଦିଆଯାଉଥିବା ନେଇ ଏହି ଶ୍ରମିକ ମାନେ ଅଭିଯୋଗ କରିଛନ୍ତି । ସକାଳ ୧୦ ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ସେମାନଙ୍କୁ କାମ କରିବାକୁ ବାଧ କରାଯାଉଥିଲା । ଦରମା ମିଳୁନାହିଁ କି କମ୍ପାନୀ ଠିକ୍ ଭାବେ ଖାଇବାକୁ ଦେଉନାହିଁ । ଶ୍ରମିକ ମାନେ ନିଜ ଗ୍ରାମକୁ ଫେରିବାକୁ ଚାହୁଁଥିଲେ ମଧ ସେମାନଙ୍କୁ ଛଡାଯାଉନାହିଁ । ଶେଷରେ ବାଧ ହୋଇ ଗଞ୍ଜାମ ଜିଲ୍ଲା ବାଉରୀ ଖଦାଳ ସମାଜ ବିକାଶର ସଭାପତି ସୁମା ଦାଶ ଓ ଚାଷୀ ନେତା ବିଜୟ ସ୍ୱାଇଁଙ୍କ ନେତୃତ୍ୱରେ ସମ୍ପୃକ୍ତ ୧୧ ଶ୍ରମିକଙ୍କ ପରିବାର ସଦସ୍ୟ ଆଜି ଛତ୍ରପୁର ଶ୍ରମ ବିଭାଗ ଅଧିକାରୀ ଓ ଗଞ୍ଜାମ ଜିଲ୍ଲାପାଳଙ୍କୁ ଭେଟି ସମସ୍ତ ବିଷୟ ଜଣାଇବା ସହ ଶ୍ରମିକ ମାନଙ୍କୁ ସେଠାରୁ ଉଦ୍ଧାର କରି ଗାଁକୁ ଫେରାଇ ଆଣିବାକୁ ପ୍ରଶାସନକୁ ନିବେଦନ କରିଛନ୍ତି ।

# ଝାରସୁଗୁଡା ହେବ ଫାଇଲେରିଆ ମୁକ୍ତ

ଝାରସୁଗୁଡା,୩।୨ (ନି.ପ୍ର): ଝାରସୁଗୁଡା ଜିଲ୍ଲାରେ ଫାଇଲେରିଆ ରୋଗୀ ସଂଖ୍ୟା ଅଧିକ । ଫାଇଲେରିଆ ରୋଗୀ ଜିଲ୍ଲାର ପ୍ରାୟ ଅଧିକାଂଶ ଅଂଚଳରେ ଅଛନ୍ତି ।ଏହି ରୋଗୀ ମାନଙ୍କ ର ଶରୀର ର ଗୋଡ଼,ହାତ ଫୁଲିଥାଏ ।ସେହିପରି ପୁରୁଷ ମାନଙ୍କ ଅଣ୍ଡକୋଷ ଓ ସ୍ତ୍ରୀ ମାନଙ୍କ ସ୍ତନ ଫୁଲିଥାଏ ତଥା କେତେକଙ୍କ କ୍ଷେତ୍ରରେ ଧଳାପରିସ୍ରା ହୋଇଥାଏ । ଝାରସୁଗୁଡା ଜିଲ୍ଲା କୁ ଫାଇଲେରିଆ ମୁକ୍ତ କରିବା ପାଇଁ ସମସ୍ତ ପ୍ରୟାସ କରାଯିବ । ଏଥିପାଇଁ ଆମ ସମସ୍ତଙ୍କୁ ଡ଼ି ଇ ସି ଓ ଆଲବେଣ୍ଡାଜଲ ବଟିକା ର ଗୋଟିଏ ମାତ୍ରା ନିଶ୍ଚୟ ଖାଇବାକୁ ପଡିବ ।କେବଳ ଗର୍ଭବତୀ ମହିଳା ଓ ୨ବର୍ଷରୁ ଛୋଟ ଛୁଆ ଏହା ଖାଇବେ ନାହିଁ ।ଆଜି ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ଏକ ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ର ବୈଷୟିକ ପରାମର୍ଶଦାତା ଡା ମଦନ ମୋହନ ପ୍ରଧାନ ଯୋଗଦେଇ ଝାରସୁଗୁଡା ଜିଲ୍ଲା କୁ ଫାଇଲେରିଆ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

# ଶିମିଳିପାଟଣା ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ

କଣାସ, ୨ ଫେବୃଆରୀ (ହି.ସ.)- ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ପାଣ୍ଡିଆକେରା ଗ୍ରାମପଚାଂୟତର ଶିମିଳିପାଟଣା ଗ୍ରାମରେ ସ୍ଥାପିତ ଶିମିଳିପାଟଣା ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଗତକାଲି ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ତ୍ରିନାଥ ଛୋଟରାୟ, ସି.ଆର.ସି.ସି ଦାମଦର ସୁନ୍ଦରାୟ, ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ବେହେରା, ସହକାରୀ ଶିକ୍ଷକ ପ୍ରେମାନନ୍ଦ ପରିଡା ଉପସ୍ଥିତ ରହି ୫୦ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରତି ଛାତ୍ରଛାତ୍ରୀଙ୍କୁ ଦୁଇହଳ ପ୍ୟାଂଟସାର୍ଟ, ଜୋତା, ମୋଜା ବଂଟନ କରିଥିଲେ ।

# ନିଧି ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡା,୩।୨ (ନି.ପ୍ର): ମର୍ଯ୍ୟାଦା ପୁରୁଷ ଭଗବାନ ରାମଚନ୍ଦ୍ରଙ୍କର ଜନ୍ମଭୂମି ଅଯୋଧ୍ୟାରେ ଭବ୍ୟ ମନ୍ଦିର ନିର୍ମାଣ ସକାଶେ ନିଧି ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖଡିଆଳ ନଗରର ପ୍ରତି ୱାର୍ଡରୁ ସମସ୍ତ କାର୍ଯ୍ୟକର୍ତା ଯୋଗଦାନ ପୂର୍ବକ ରାଷ୍ଟ୍ର କାର୍ଯ୍ୟରେ ସହଭାଗୀ ହୋଇ ଆର୍ଥୀକ ସହଯୋଗ ପ୍ରଦାନ କରିଥିଲେ ।

# ଭିକାରୀ ଚରଣ ବିଦ୍ୟାପୀଠରେ ୬୧ତମ ବାର୍ଷିକ ଉତ୍ସବ ପାଳିତ

କଣାସ,୩।୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ବକୁ ଗ୍ରାମପଚାଂୟତର ବକୁ ଗ୍ରାମରେ ସ୍ଥାପନ କରାଯାଇଥିବା ଭିକାରୀ ଚରଣ ବିଦ୍ୟାପୀଠର ପ୍ରତିଷ୍ଠାତା ଭିକାରୀ ଚରଣ ମଙ୍ଗରାଜଙ୍କ ୬୧ତମ ଜୟନ୍ତୀ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ୬୧ବର୍ଷ ତଳେ କଣାସ ଅଂଚଳରେ ଶିକ୍ଷାର ବିକାଶ ପାଇଁ ସ୍ୱପ୍ନ ଦେଖିଥିବା ଭିକାରୀ ଚରଣ ମଙ୍ଗରାଜଙ୍କର ସ୍ୱପ୍ନ ସାର୍ଥକ ହୋଇଛି ବୋଲି ବାର୍ଷିକ ଉତ୍ସବରେ ଯୋଗଦେଇ ଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ । କୃଷ୍ଣଚନ୍ଦ୍ର ଜଗଦ୍ଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସାହିତ୍ୟ ଅନୁଷ୍ଠାନ ରାଜ୍ୟ ସମ୍ପାଦକ ଡଃ. କୃଷ୍ଣକେଶବ ଷଡ଼ଙ୍ଗୀ ଯୋଗଦେଇ ପିଲାମାନେ ପିତା-ମାତା ଓ ଗୁରୁଜନ ଏବଂ ବିଦ୍ୟାଳୟରେ ପାଠ୍ୟଦାନ କରୁଥିବା ଗୁରୁମାନଙ୍କୁ ସମ୍ମାନ ଜଣାଇଲେ ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ହେବ ବୋଲି ଅତିଥିମାନେ ସୂଚନା ଦେବା ସହ ଗୁରୁ-ଶିଷ୍ୟ ସଂପର୍କ ବଜାୟ ରଖିବାକୁ ଅତିଥିମାନେ ଉପସ୍ଥିତ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ଭିକାରୀ ଚରଣ ମଙ୍ଗରାଜଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ, ଧୂପ, ଦୀପ ଅର୍ପଣ କରିଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀବସ୍ନାରାୟଣ ରାୟସିଂହ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଅନ୍ୟତମ ଅତିଥିଭାବେ ନିଳାଦ୍ରୀମୋହନ ଶତପଥୀ, ପରିବେଶବିତ୍ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ, ପୂର୍ବତନ ସରପଚଂ ଲକ୍ଷ୍ମୀଧର ଜଗଦ୍ଦେବ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

# ଜିଲ୍ଲା ଦଳିତ ଅଧିକାର ମଂଚ ପକ୍ଷରୁ ଖାଦ୍ୟ ଓ ଯୋଗାଣମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ନୂଆପଡା,୩।୨ (ନି.ପ୍ର): ନୂଆପଡା ଜିଲ୍ଲାର ମଣ୍ଡି ମାନଙ୍କରେ ଅବ୍ୟବସ୍ଥା, ଦୁର୍ନିତି ଓ ଅସାଧୁ କାରବାର ତଥା ଚାଷୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ନୂଆପଡା ଜିଲ୍ଲା ଦଳିତ ଅଧିକାର ମ ପକ୍ଷରୁ ଗତ ୨୬ ତାରିଖ ଦିନ ଠାରୁ ଖଡିଆଳ ସହର ଠାରୁ ସାଇକେଲ ଯାତ୍ରା ଆରମ୍ଭ କରିଥିଲେ । ଏହି ସାଇକେଲ ର୍ୟାଲି ଦୀର୍ଘ ୬ ଦିନ ଧରି ଚାଲୁ ରହିଥିଲା । ଗତକାଲି ମ ର କର୍ମକର୍ତା ଭୁବନେଶ୍ୱର ପହ, ସାରିଥିବା ବେଳେ ଆଜି ଓଡିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଓ ଯୋଗାଣମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ସାକ୍ଷାତ କରି ୧୮ ଦଫା ସମ୍ବଳିତ ଦାବୀପତ୍ର ପ୍ରଦାନ କରିଥିଲେ । ମନ୍ତ୍ରୀ ଦାବୀସବୁକୁ ତର୍ଜମା କରି ସମାଧାନ କ୍ଷେତ୍ରରେ ଆବଶ୍ୟକ ପଦ କ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ଏହି ଦାବୀପତ୍ର ପ୍ରଦାନ ବେଳେ ଦଳିତ ଅଧିକାର ମ ର ରାଜ୍ୟ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଅନ୍ୟାନ୍ୟ କର୍ମକର୍ତା ସାମିଲ ଥିଲେ ।

# ନିଆଁରେ ପୋଡି ମୃତ୍ୟୁବରଣ କରିଥିବା ପରିବାରକୁ ଆର୍ଥିକ ସହାୟତା ଦାବି

ଜୟପୁର,୩।୨ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ ଅନ୍ତା ଗ୍ରାମର ଭକ୍ତ ଭୂମିଆ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଉପ ଜିଲାପାଳଙ୍କ ନିକଟରେ ସେ ଆର୍ଥିକ ସହାୟତା ଦାବୀ କରିଛନ୍ତି । ସେ ଗରିବ ହୋଇଥିବା ବେଳେ କୁଲି କରି ଜୀବନ ନିର୍ବାହ କରନ୍ତି । ତାଙ୍କ ସ୍ତ୍ରୀ ନିଆଁ ସେକୁଥିବା ବେଳେ ମୁଣ୍ଡ ବୁଲାଇ ହେବାରୁ ତଳେ ନିଆଁରେ ପଡିଯାଇଥିଲେ । ଫଳରେ ସେ ସମ୍ପୂର୍ଣ୍ଣ ପୋଡିଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ସେଠାରୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ୫ ଦିନ ଚିକିତ୍ସା ଚାଲୁଥିବା ଅବସ୍ଥାରେ ମୃତ୍ୟୁବରଣ କରିଥିଲେ । ଭକ୍ତ ଗରିବ ହୋଇଥିବା ବେଳେ ଜମି ବାଡି କିଛି ନାହିଁ । କୁଲି ଓ ଦିନ ମଜୁରୀ କରି ପରିବାର ପ୍ରତିପୋଷଣ କରନ୍ତି । ଏନେଇ ଗତ ୧୬ ତାରିଖରେ ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ କିଛି ପଦକ୍ଷେପ ନିଆଯାଇ ନଥିବାରୁ ପୁଣି ଆଜି ଗ୍ରାମବାସୀଙ୍କ ସହ ଭକ୍ତ ଦ୍ୱାରସ୍ଥ ହୋଇଛନ୍ତି । କିଛି ଆର୍ଥିକ ସହାୟତା ମିଳିଲେ ଭକ୍ତର ପରିବାର ଉପକୃତ ହେବେ ବୋଲି ଗ୍ରାମବାସୀ ପିତାମ୍ବର ନାଗ, ଜଗନ୍ନାଥ ହରିଜନ ପ୍ରମୁଖ ଦାବୀ କରିଛନ୍ତି ।

# 'ଏକାତ୍ମ ମାନବ ଦର୍ଶନ ଓ ଆତ୍ମନିର୍ଭର ଭାରତ' ଆଲୋଚନା ଚକ୍ର ଅନୁଷ୍ଠିତ

ଭୁବନେଶ୍ୱର ,୩।୨ (ନି.ପ୍ର): ପ୍ରତ୍ୟେକ ଦେଶର ଏକ ସ୍ୱତନ୍ତ୍ର ପରିଚୟ ଏବଂ ଏକ ସ୍ୱତନ୍ତ୍ର ଲୋକଚରିତ୍ର ରହିଛି । ଲୋକ ଚରିତ୍ରର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି । ଭାରତରେ ମାନବ ସମାଜକୁ ନେଇ ନୁହେଁ ମାନବତାକୁ ନେଇ ଇତିହାସ ଲେଖାଯାଇଛି । ଭାରତର ମୂଳଭୂତ ପରିଚୟ ହେଉଛି ତା'ର ଅସ୍ମିତା । ଏଦେଶ ଆଠ ଶହ ବର୍ଷର ପରାଧିନତା ସତ୍ତ୍ୱେ ତା'ର ମୂଳ ପରିଚୟକୁ ଭୁଲିଯାଇନାହିଁ ବରଂ ତା'ର ମୂଳ ପରିଚୟକୁ ବଜାୟ ରଖିପାରିଛି । ଯାହାକୁ ଦୀନଦୟାଲ ଉପାଧାୟଙ୍କ ପ୍ରଣୀତ 'ଏକାତ୍ମ ମାନବ ଦର୍ଶନ'ରେ ଚିତି ବୋଲି ଅଭିହିତ କରାଯାଇଛି ବୋଲି ଗତ କାଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ 'ଏକାତ୍ମ ମାନବ ଦର୍ଶନ ଓ ଆତ୍ମନିର୍ଭର ଭାରତ' ଆଲୋଚନା ଚକ୍ରରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ହିମାଚଳ ପ୍ରଦେଶସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ତଥା ସୁବକ୍ତା, ମୌଳିକ ଚିନ୍ତାନାୟକ ତଥା ସୁସଂଗଠକ ପ୍ରଫେସର କୁଳଦୀପ୍ ଚନ୍ଦ୍ ଅଗ୍ନିହୋତ୍ରୀ କହିଛନ୍ତି । ଦୀନଦୟାଲଙ୍କ ବିଚାରରେ ମଣିଷର ଲକ୍ଷ୍ୟକୁ ଚିହ୍ନିବାର ମାପକ କ'ଣ ହୋଇପାରେବୋଲି ପ୍ରଶ୍ନ କରିବା ସହ ପାଶ୍ଚାତ୍ୟର ପରିମାପକ ସହ ଭାରତୀୟ ପରିମାପକ ଆଦୌ ସମକକ୍ଷ ନୁହେଁ ବୋଲି ଶ୍ରୀ ଅଗ୍ନିହୋତ୍ରି କହିଛନ୍ତି । ପ୍ରତ୍ୟେକ ମଣିଷ ସୁଖି ହେବାର ଲକ୍ଷ୍ୟ ନେଇ ଚଳଚଂଚଳ ହେଉଥିବା ବେଳେ ସୁଖର ଅବଧାରଣା ପ୍ରତ୍ୟେକଙ୍କ ନିକଟରେ ଭିନ୍ନ ଭିନ୍ନ । ମଣିଷ ଜୀବନର ଲକ୍ଷ୍ୟ- ଧର୍ମ, ଅର୍ଥ କାମ ଓ ମୋକ୍ଷ । ତାଙ୍କ ବିଚାର ଥିଲା ଅର୍ଥ ଓ କାମନାର ସାଧନା କରିବା ଉଚିତ୍ । ଏହି ଦୁଇ ପ୍ରକାରର ପ୍ରବୃତ୍ତି ମଧ୍ୟରେ ଧର୍ମର ନିୟନ୍ତ୍ରଣ ରହିବା ଉଚିତ୍ । ଜୀବନର ଅନ୍ତିମ ଲକ୍ଷ୍ୟ ହେଉଛି ମୋକ୍ଷ ପ୍ରାପ୍ତି । ସେ ଏଠାରେ ମୋକ୍ଷ ଉଦେଶ୍ୟରେ କହିବାକୁ ଯାଇ ପ୍ରଖ୍ୟାତ ସମାଜ ସୁଧାରକ ବାବାସାହେବ ଡଃ. ଭୀମରାଓ ଆମ୍ବେଦକରଙ୍କର ଉଦାହରଣ ରୂପେ ନେଇଥିଲେ ଏବଂ କହିଲେ ଯେ ବାବାସାହେବ ତାଙ୍କ ପୁସ୍ତକ ଈଷଙ୍କୟଷବ ବଭୟ ଉଷବକ୍ସ୍ୱଙ୍କବ ପୁସ୍ତିକାରେ ଅତି ସରଳ ଓ ସହଜ ଭାବେ ଏବିଷୟକୁ ଉପସ୍ଥାପନ କରି ସମାଜ ନିକଟରେ ରଖିଛନ୍ତି । ଯାହାକୁ କି ଦୀନଦୟାଲ ଏକା ଭାବେ ନିଜ ପ୍ରଣୀତ ଦର୍ଶନରେ ଉପସ୍ଥାପନ କରିଛନ୍ତି । ବିଶ୍ୱର ଅନ୍ୟ ସମସ୍ତ ମତବାଦ ଭୋଗ ପ୍ରଧାନ ହୋଇଥିବାବେଳେ କେବଳ ଭାରତୀୟ ଦର୍ଶନ ଏ ପୃଥିବୀକୁ ଆବଶ୍ୟକ ଅନୁସାରେ ଏହାକୁ ଦୋହନ କରିବାରେ ବିଶ୍ୱାସ କରେ । ଶୋଷଣ ଭାରତୀୟ ଦର୍ଶନର ମୂଳଭୂତ ବିଚାର ନୁହେଁ । ସେଥିପାଇଁ ପାଶ୍ଚାତ୍ୟ ଦର୍ଶନ ସାରା ବିଶ୍ୱ ଗୋଟିଏ 'ବଜାର' କହୁଥିବାବେଳେ ଭାରତୀୟ ଦର୍ଶନ 'ବସୁଧୈବ କୁଟୁମ୍ବକମ୍' ଦର୍ଶନରେ ବିଶ୍ୱାସ କରେ । ଅନ୍ୟ ସମସ୍ତ ବିଚାର ପ୍ରକୃତି ସହିତ ଲଢିବା ଶୋଷଣ କରିବା ଉପରେ ବିଶ୍ୱାସ ରଖୁଥିବାବେଳେ ଭାରତୀୟ ଦର୍ଶନ ପ୍ରକୃତି ସହିତ ସମନ୍ୱୟର ବାର୍ତା ଦେଇଛି । ଦୀନଦୟାଲ ବିଚାର ହେଉଛି ବ୍ୟକ୍ତି, ସମଷ୍ଟି, ସମାଜ ଓ ପରମେଷ୍ଠୀ ସମସ୍ତେ ଅଙ୍ଗାଙ୍ଗୀ ଜଡିତ । ଧର୍ମ ଓ ରିଲିଜିଅନ୍ ଏକ ନୁହେଁ, ଧର୍ମ ଅର୍ଥ ପ୍ରତ୍ୟେକ ବ୍ୟକ୍ତି ଯେଉଁ ଦାୟତ୍ୱରେ ରହିଛି ତାକୁ ପାଳନ କରିବା । ଯଥା ପୁତ୍ରଧର୍ମ, ପିତା ଧର୍ମ, ଓକିଲ ଧର୍ମ, କ୍ରେତା ଧର୍ମ, ବିକ୍ରେତା ଧର୍ମ, ଏ ସମସ୍ତ ଧର୍ମର ଅଂଶ ବିଶେଷ ଅଟନ୍ତି । ପୂଜାପାଠ, ଦାନଧର୍ମ, ତିତିକ୍ଷା ଏସମସ୍ତ ଉପାସନାର ଏକ ଅଂଶ ବିଶେଷ ମାତ୍ର । ପ୍ରଗତୀର ମୂଳମନ୍ତ୍ର ସର୍ବସମାବେଶୀ ହେବା । ଏକୁଟିଆ ଜଣେ କିଭଳି ପ୍ରଗତିଶୀଳ ହୋଇପାରିବ ? ଆତ୍ମନିର୍ଭର ଭାରତକୁ ଏକାତ୍ମ ମାନବ ଦର୍ଶନ ସହିତ ସମ୍ପର୍କୀତ ହେବା ଅର୍ଥ ଆମକୁ ନିଜେ ନିଜ ଭିତରେ ଆତ୍ମବିଶ୍ୱାସ ନେବାକୁ ପଡିବ କି ଆମେ ନିଜେ ସବୁ ସମସ୍ୟାର ସମାଧାନ କରିବାର ସଂକଳ୍ପ ନେବା । ହୀନ ଭାବନାରୁ ଉପରକୁ ଉଠି ଆମେ କାହିଁକି ଏବିଷୟକୁ ନକରି ପାରିବା ଏଭଳି ସଂକଳ୍ପ ନେବା ।

# ଦଳୀୟ ସଂଗଠନ ସଜାଡ଼ିବାକୁ ବାଲେଶ୍ୱରରେ ପିସିସି ସଭାପତି

## ୧୫ରେ ତୈଳଦର ବୃଦ୍ଧି ପ୍ରତିବାଦ ପାଇଁ ପ୍ରସ୍ତୁତି



ବାଲେଶ୍ୱର,୦୩।୦୨ (ନି.ପ୍ର): ପିସିସି ସଭାପତି ନିରଂଜନ ପଟ୍ଟନାୟକ ଆଜି ବାଲେଶ୍ୱର ଗସ୍ତରେ ଆସି ଦଳୀୟ କର୍ମକର୍ତ୍ତାଙ୍କ ସହ ଦଳୀୟ ସଂଗଠନ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ସେ ପ୍ରତ୍ୟେକ ଜିଲ୍ଲା ଗସ୍ତକରି କର୍ମୀମାନଙ୍କୁ ଉତ୍ସାହିତ କରୁଛନ୍ତି। ମୟୂରଭଂଜରୁ ସେ ସିଧା ବାଲେଶ୍ୱର ଆସି ବୁଧବାର ସକାଳେ ଜିଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବୈଠକରେ ଯୋଗଦେଇ ଥିଲେ। ଦଳୀୟ ସଂଗଠନକୁ ସୁଦୃଢ଼ କରିବା ଦିଗରେ କର୍ମୀ ଓ ସଦସ୍ୟଙ୍କ ସହ ଶ୍ରୀ ପଟ୍ଟନାୟକ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ବିଶେଷ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ କାର୍ଯ୍ୟଧାରା ସମ୍ପର୍କରେ ଜନସଚେତନା ସୃଷ୍ଟି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପେଟ୍ରୋଲ ଓ ଡିଜେଲ ସମେତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆକାଶଛୁଆଁ ଦରବୃଦ୍ଧି ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଧାରଣର ମାନ ହ୍ରାସ ପାଇଥିବା ସେ କହିଥିଲେ। ଏହା ବିରୋଧରେ ଆସନ୍ତା ୧୫ ତାରିଖରେ କଂଗ୍ରେସ ପକ୍ଷରୁ ହେବାକୁ ଥିବା ରାଜ୍ୟବ୍ୟାପୀ ଆନ୍ଦୋଳନକୁ ସଫଳତା କରିବା ପାଇଁ ଶ୍ରୀ ପଟ୍ଟନାୟକ ସବୁବର୍ଗଙ୍କ ସହଯୋଗ କାମନା କରିଛନ୍ତି। ଆଲୋଚନା ବେଳେ ଜିଲା କଂଗ୍ରେସ ସଭାପତି ସଂଜୀବ ଗିରି, ଜିଲା ମହିଳା କଂଗ୍ରେସ ସଭାପତି ପ୍ରଜ୍ଞାପାରମିତା ମହାନ୍ତି, ଜିଲା ଯୁବ କଂଗ୍ରେସ ସଭାପତି ରଂଜନ ଦାସ, ବରିଷ୍ଠ କଂଗ୍ରେସ ନେତ୍ରୀ ଅର୍ଚ୍ଚନା ନନ୍ଦୀ, ସଦର ନିର୍ବାଚନମଣ୍ଡଳୀ ନେତ୍ରୀ ମମତା କୁଣ୍ଡୁଙ୍କ ସମେତ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବନକଲାଗି ନୀତି ସମ୍ପନ୍ନ

## ୪ ଘଂଟା ବନ୍ଦ ରହିଲା ଦର୍ଶନ

ପୁରୀ,୦୩।୦୨ (ନି.ପ୍ର): ଆଜି ମାଘ ମାସ କୃଷ୍ଣପକ୍ଷ ପଚଂମୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀଜୀଉ ମାନଙ୍କ ଶ୍ରୀମୁଖ ଶୃଙ୍ଗାର ଅର୍ଥାତ୍ ବନକଲାଗି ନୀତି ଅନୁଷ୍ଠିତ ହୋଇଯାଇଛି । ମଧ୍ୟାହ୍ନ ଧୂପ ପରେ ଅପରାହ୍ନ ୪ଟା ଠାରୁ ଏହି ଗୁପ୍ତ ସେବା ଆରମ୍ଭ ହୋଇଥିଲା। ଏଥିପାଇଁ ଅପରାହ୍ନ ୪ଟା ଠାରୁ ରାତି ୮ଟା ପର୍ଯ୍ୟନ୍ତ ୪ ଘଂଟା ଧରି ଦର୍ଶନ ବନ୍ଦ ରହିଥିଲା। ମହାସ୍ନାନ ପରେ ରାତି ୮ଟା ପରେ ସର୍ବସାଧାରଣ ଦର୍ଶନ ସ୍ୱାଭାବିକ୍ ହୋଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଚାଷୀ ଆନ୍ଦୋଳନକୁ ନେଇ....

ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ଅଧିକାରକୁ ସବୁ ସ୍ଥାନରେ ସମ୍ମାନ ଦେବା ଆବଶ୍ୟକ । ଆମେରିକୀୟ ଆଇନଜୀବୀ ତଥା ଆମେରିକା ଉପରାଷ୍ଟ୍ରପତି କମଳା ହ୍ୟାରିସଙ୍କ ଝିଆରୀ ମୀନା ହ୍ୟାରିସ, କ୍ୟାପିଟଲ ହିଲ ଘଟଣାକୁ ଦିଲ୍ଲୀ ଆନ୍ଦୋଳନ ସହ ତୁଳନା କରି ଲେଖିଛନ୍ତି, ଯେଉଁଠି ଏକ ମାସ ପୂର୍ବେ ବିଶ୍ୱର ସବୁଠୁ ପୁରୁଣା ଗଣତନ୍ତ୍ର ଉପରେ ଆକ୍ରମଣ ହୋଇଥିଲା ଏବେ ବିଶ୍ୱର ସବୁଠୁ ବଡ ଗଣତାନ୍ତ୍ରିକ ଦେଶରେ ଗଣତନ୍ତ୍ର ଉପରେ ଆକ୍ରମଣ ହେବା ଦେଖୁଛୁ । ଚାଷୀ ଆନ୍ଦୋଳନ ଉପରେ ସୁରକ୍ଷାକର୍ମୀଙ୍କ କାର୍ଯ୍ୟାନୁଷ୍ଠାନ ଓ ଇଂଟରନେଟ ସେବା ବନ୍ଦ କରିବା ନିନ୍ଦନୀୟ । ଦିଲ୍ଲୀ ଚାଷୀ ଆନ୍ଦୋଳନ ପାଇଁ କରାଯାଇଥିବା ଏହି ଟ୍ୱିଟ ଗୁଡିକରେ ହ୍ୟାସଟ୍ୟାଗ ଫାର୍ମର୍ସପ୍ରୋଟେଷ୍ଟ ବ୍ୟବହାର କରାଯାଇଛି । ଏଭଳି ସବୁ ପ୍ରତିକ୍ରିୟା ଆସିବା ପରେ କଡା ଟିପ୍ପଣୀ ରଖିଛି ଭାରତ ବିଦେଶ ମନ୍ତ୍ରାଳୟ । ଭାରତର ବିଦେଶ ମନ୍ତ୍ରାଳୟ ବିବୃତି ଜାରି କରି କହିଛି, ପ୍ରସଙ୍ଗକୁ ଠିକ୍ ଭାବେ ବୁଝିବା ସହ ପ୍ରମାଣର ସତ୍ୟତାକୁ ଅନୁସନ୍ଧାନ କରିବା ପରେ କୌଣସି ପ୍ରସଙ୍ଗ ଉପରେ ପ୍ରତିକ୍ରିୟା ରଖିବା ଆବଶ୍ୟକ । ସୋସିଆଲ ମିଡିଆରେ ହ୍ୟାସଟ୍ୟାଗ ଓ ସମ୍ବେଦନଶୀଳ ଖବର ପ୍ରସାର କରିବାରୁ ନିବୃତ ରହିବା ଆବଶ୍ୟକ, ବିଶେଷ ଭାବେ ସେହି ବ୍ୟକ୍ତି ମାନେ ଯତ୍ନବାନ ହେବା ଆବଶ୍ୟକ ଯାହାର ଟିପ୍ପଣୀ ନା ଠିକ୍ ଅଛି ନା ଦାୟିତ୍ୱପୂର୍ଣ୍ଣ ଅଛି । ବିଦେଶୀମାନେ ଭାରତରେ ନିଜ ଏଜେଣ୍ଡା ଚଲାନ୍ତୁ ନାହିଁ । ଏକ ଛୋଟ ଗୋଷ୍ଠୀ ଏହି ଆନ୍ଦୋଳନ କରୁଛନ୍ତି । ବିଦେଶ ମନ୍ତ୍ରାଳୟର ଏଭଳି ମନ୍ତବ୍ୟ ଆସିବା ପରେ ଟ୍ୱିଟରକୁ ମଧ୍ୟ ନୋଟିସ ଜାରି କରିଛନ୍ତି ଭାରତ ସରକାର । ଏକ ଗୋଷ୍ଠୀ ଫାର୍ମର ଜେନୋସାଇଡ ହ୍ୟାସଟ୍ୟାଗ ବ୍ୟବହାର କରି ଏହି ବିଷୟରେ ଟ୍ୱିଟ କରୁଛନ୍ତି । ତୁରନ୍ତ ଏହାକୁ ହଟାଇବା ପାଇଁ ନୋଟିସ୍ କରାଯାଇଛି । ନଚେତ ପେନାଲ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟ୍ୱିଟରକୁ ଚେତାବନୀ ଦେଇଛନ୍ତି ସରକାର । ପପ୍ ଷ୍ଟାର ରିହାନା ତାଙ୍କ ଟ୍ୱିଟରେ ଲେଖିଥିଲେ ଚାଷୀ ଆନ୍ଦୋଳନ ପ୍ରସଙ୍ଗରେ କାହିଁକି କେହି କଥା ହେଉନାହାନ୍ତି । ଏହାର ଜବାବ ରଖିଛନ୍ତି ଅଭିନେତ୍ରୀ କଙ୍ଗନା ରଣାୱତ । ଟ୍ୱିଟ କରି ଲେଖିଛନ୍ତି, ଏହି ପ୍ରସଙ୍ଗରେ କେହି କଥା ହେଉନାହାନ୍ତି କାରଣ ସେମାନେ ଚାଷୀ ନୁହଁନ୍ତି ସେମାନେ ଆତଙ୍କବାଦୀ, ଯିଏ ଦେଶକୁ ବିଭାଜନ କରିବାରେ ଲାଗିପଡିଛନ୍ତି । ଯାହା ଦ୍ୱାରା ଦେଶର ଅଂଶକୁ ଚୀନ୍ ନିଜ ଅକ୍ତିଆରକୁ ନେଇ ଚୀନ୍ କଲୋନୀ ନିର୍ମାଣ କରିବ, ଆମେରିକା ପରି । ଶାନ୍ତ ହୋଇକି ବସ, ତୁମ ପରି ଆମେ ଆମ ଦେଶକୁ ବିକ୍ରି କରିବୁ ନାହିଁ ।

## ତିନୋଟି ବିଦ୍ୟାଳୟକୁ...

ସରକାରୀ ସ୍କୁଲରେ ଗୁଣାତ୍ମକ ଶିକ୍ଷାକୁ ଏଥବରେ ସାମିଲ ହେବା ପାଇଁ ଜନସାଧାରଣଙ୍କ ସହଯୋଗରେ ବିଦ୍ୟାଳୟ ଶିକ୍ଷାକୁ ଅଧିକ ବ୍ୟବସ୍ଥିତ କରିବା ଏହାର ପ୍ରାଧାନ୍ୟ ଅଭିମୁଖ୍ୟ । ଆଜି ମନ୍ତ୍ରୀ ଶ୍ରୀ ବେହେରା ସରକାରଙ୍କ ଏହି ପ୍ରୟାସରେ ନିଜକୁ ସାମିଲ କରିବା ସହ ପୁରୀ ଜିଲ୍ଲା ଅନ୍ତର୍ଗତ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ କାକଟପୁର, ବାଲିଡିହ ପ୍ରାଥମିକ ବିଦ୍ୟାଳୟ ଅସ୍ତରଙ୍ଗ ଏବଂ ନିଜେ ପାଠ ପଢୁଥିବା ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ସରକାରୀ ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି । ଆଜି ଅପରାହ୍ନରେ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ କାକଟପୁରଠାରେ ଅନୁଷ୍ଠିତ ଏକ ସଭାରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ବେହେରା ମୋ ସ୍କୁଲ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ଆହ୍ୱାନ ଆଗାମୀ ଦିନରେ ଶିକ୍ଷା ବ୍ୟବସ୍ଥାକୁ ଅଦ୍‌କ ସୁଦୃଢ଼ କରିବ ବୋଲି କହିଥିଲେ । ମନ୍ତ୍ରୀ ଶ୍ରୀ ବେହେରା ସ୍କୁଲ ଗୁଡ଼ିକୁ ପୋଷ୍ୟ ଭାବେ ଗ୍ରହଣ କରିବା ପରେ ସ୍ଥାନୀୟ ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷାବିତ୍ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିଲା । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବେହେରା ଏଠାରେ ଥିବା କାକଟପୁର ମିନି ଷ୍ଟାଡିୟମ ପରିଦର୍ଶନ କରିବା ସହ ଏଠାକାର କ୍ରୀଡ଼ା ଭିତିଭୂମି ଏବଂ ଉନ୍ନତିକରଣ ବିଷୟରେ କ୍ରୀଡ଼ା ବିଭାଗ ଓ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କଟକ-ପୁରୀ ....

ତଥା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା, ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ଏବଂ ଭୁବନେଶ୍ୱରର ଉତର ବିଧାୟକ ଶ୍ରୀ ସୁଶାନ୍ତ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ । ମ୍ୟୁନିସପାଲ ଆଡମିନିଷ୍ଟ୍ରେସନର ନିର୍ଦ୍ଦେଶକ ଶ୍ରୀ ସଂଗ୍ରାମଜିତ ନାୟକ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ମହାନଗର ନିଗମର କମିଶନର ଶ୍ରୀ ପ୍ରେମଚନ୍ଦ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋବର୍ଦ୍ଧନ୍ ଯୋଜନାର ....

କରିବା ପାଇଁ ଭାରତ ସରକାର ଦେଶର କୃଷକ ଏବଂ ସ୍ୱଚ୍ଛ ଉର୍ଜା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଏହି ଗୋବର୍ଦ୍ଧନ୍ ପୋର୍ଟାଲ ମାଧ୍ୟମରେ ଏହାକୁ ସଠିକ୍ ସମୟରେ ନଜର ରଖାଯାଇପାରିବ। ବର୍ଜ୍ୟବସ୍ତୁରୁ ଧନ ସମ୍ପତି ଏବଂ ସ୍ୱଚ୍ଛ ଇନ୍ଧନ ପାଇବା ଅଭିଯାନରେ ଗୋବର୍ଦ୍ଧନ୍ ଯୋଜନା କେବଳ ଉର୍ଜା କ୍ଷେତ୍ରକୁ ଆତ୍ମନିର୍ଭର କରିବ ନାହିଁ ବରଂ ଦେଶର ଉର୍ଜା ଆମଦାନୀକୁ ମଧ୍ୟ ହ୍ରାସ କରିବ। ଆଗାମୀ କିଛି ବର୍ଷରେ ଗୋବରଧନ୍ ଯୋଜନା ଏବଂ ସାମନ୍ତରାଳ ପ୍ରକଳ୍ପ ମାଧ୍ୟମରେ ଦେଶରେ ସିବିଜି, ଇଥାନଲ ଏବଂ ଜୈବଇନ୍ଧନ ଭଳି ସ୍ୱଚ୍ଛ ଇନ୍ଧନର ଉତ୍ପାଦନ ଦେଶରେ ଉର୍ଜା କ୍ଷେତ୍ରର ଆତ୍ମନିର୍ଭରତା ବଢ଼ାଇବା ସହ ଏହାଦ୍ୱାରା ଦେଶର କୃଷକମାନେ ଅତିରିକ୍ତ ପ୍ରାୟ ୧ ଲକ୍ଷ କୋଟି ପାଇପାରିବେ। ବର୍ଜ୍ୟବସ୍ତୁରୁ ଇନ୍ଧନ ତିଆରି କରିବା ଦିଗରେ ମଧ୍ୟପ୍ରଦେଶର ଇନ୍ଦୋର ଆଜି ଦେଶ ପାଇଁ ଉଦାହରଣ ତିଆରି କରିଛି। ଏହି ସଫଳତାକୁ ଦେଶର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଁଚାଇବା ସରକାରଙ୍କ ଲକ୍ଷ୍ୟ ରଖିଥିବା ବେଳେ ଏହା ଦ୍ୱାରା ଆମର ଗ୍ରାମୀଣ ଅର୍ଥବ୍ୟବସ୍ଥାରେ ଅଭୁତପୂର୍ବ ଉନ୍ନତି ପରିଲକ୍ଷିତ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ ....

ଏହି ଦୁର୍ଘଟଣାରେ ଶିଶୁକନ୍ୟାର ମା ସାରସୁ (୩୫), ବାପା ଜୁରିଆ (୪୦) ଓ ଭାଇ ଚନ୍ଦନ ମଲ୍ଲିକ ଓ ଲକ୍ଷ୍ମିନାରାୟଣପୁର ଗ୍ରାମର ବାଇକ୍ ଚାଳକ ଅଜୟ ଦଳ ବେହେରା ଗୁରୁତର ଆହତ ହୋଇଛନ୍ତି । ଦିଗପହଣ୍ଡି ପୋଲିସ ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ଦିଗପହଣ୍ଡି ଡାକ୍ତରଖାନା ଭର୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଗୁରୁତର ୪ ଜଣଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ପୋଲିସ ମୃତ ଶିଶୁକନ୍ୟାର ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଛି ।

# ମହିଳା ସଂରକ୍ଷଣ ବିଲ୍ ତୁରନ୍ତ ପାରିତ କରିବା ନେଇ ରାଜ୍ୟସଭାରେ ଦାବି କଲେ ସାଂସଦ ସସ୍ମିତ ପାତ୍ର

ଭୁବନେଶ୍ୱର,୦୩।୦୨ (ନି.ପ୍ର): ରାଜ୍ୟସଭାରେ ମହିଳା ସଶକ୍ତିକରଣ ପ୍ରସଙ୍ଗକୁ ବିଜେଡି ଉଠାଇଛି। ଦଳୀୟ ସାଂସଦ ସସ୍ମିତ ପାତ୍ର ମହିଳା ସଂରକ୍ଷଣ ବିଲ୍ ତୁରନ୍ତ ପାରିତ କରିବା ନେଇ ରାଜ୍ୟସଭାର ଶୂନ୍ୟକାଳରେ ଦାବି କରିଛନ୍ତି । ସେ କହିଛନ୍ତି ଯେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀର୍ଘ ବର୍ଷ ଧରି ସଂସଦରେ ମହିଳା ସଂରକ୍ଷଣ ବିଲ୍ ପାସ କରିବା ପାଇଁ ଦାବି କରି ଆସିଛନ୍ତି। ଦେଶରେ ମହିଳାଙ୍କ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସଶକ୍ତିକରଣର ଆବଶ୍ୟକତା ରହିଛି। ଗତ ଲୋକସଭା ନିର୍ବାଚନରେ ବିଜେଡି ୩୩ପ୍ରତିଶତ ମହିଳାଙ୍କୁ ପ୍ରାର୍ଥୀ କରିଥିଲା। ଏକମାତ୍ର ଦଳ ଭାବେ ଏକ ତୃତୀୟାଂଶ ମହିଳା ପ୍ରାର୍ଥୀ ଦେଇଥିଲା ବିଜେଡି। ସେହିପରି ସାମାଜିକ ଓ ଅର୍ଥନୈତିକ ସଶକ୍ତିକରଣ ପାଇଁ କେନ୍ଦ୍ର ସରକାର ରାଜ୍ୟର ମିଶନ ଶକ୍ତି କାର୍ଯ୍ୟକ୍ରମ ମଡେଲ୍ ବଳି ଯୋଜନା କରନ୍ତୁ। ମିଶନ ଶକ୍ତିରେ ରାଜ୍ୟର ପ୍ରାୟ ୮୦ ଲକ୍ଷ ମହିଳା ସଶକ୍ତ ହୋଇଥିବା ସେ କହିଛନ୍ତି । ସେ କହିଛନ୍ତି ଯେ ମହିଳା ସଂରକ୍ଷଣ ବିଲ୍ ତୁରନ୍ତ ପାରିତ କରା ଯାଉ ।

# ଅସୁସ୍ଥ ସାମ୍ବାଦିକ ଅରୂପ ମହାନ୍ତି କଟକ ସ୍ଥାନାନ୍ତର



ବାଲେଶ୍ୱର,୦୩।୦୨ (ନି.ପ୍ର): ସ୍ଥାନୀୟ ଦୈନିକ ବୈଦ୍ୟୁତିକ ଗଣମାଧ୍ୟମ 'ଆମ ନ୍ୟୁଜ'ର ସାମ୍ବାଦିକ ଅରୂପ ନାରାୟଣ ମହାନ୍ତି ବୁଧବାର ଦିନ ହଠାତ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଜିଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ସଂକଟାପନ୍ନ ହେବାରୁ ଅପରାହ୍ନରେ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ମଧ୍ୟାହ୍ନରେ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ସଂଗଠନଙ୍କ ବିକ୍ଷୋଭ କାର୍ଯ୍ୟକ୍ରମ ସୁଟିଂ କରୁଥିବା ବେଳେ ସେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସେଠାରେ ଉପସ୍ଥିତ ଅନ୍ୟ ସାମ୍ବାଦିକ ଓ ଫଟୋଗ୍ରାଫରମାନେ ତାଙ୍କୁ ସଙ୍ଗେ ସଙ୍ଗେ ଜିଲାମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ପ୍ରାଥମିକ ଚିକିତ୍ସା ଓ ପରୀକ୍ଷା ପରେ ଅମ୍ଳ (ଏସିଡି)ଯୋଗୁଁ ଏଭଳି ଯନ୍ତ୍ରଣା ହେଉଥିବା କାଜୁଆଲଟିରେ ଥିବା ଡାକ୍ତର ସୂଚନା ଦେଇଥିଲେ। ପ୍ରାୟ ୧ଘଣ୍ଟାର ଚିକିତ୍ସା ପରେ ସାମାନ୍ୟ ସୁସ୍ଥ ହୋଇ ସେ ଘରକୁ ଚାଲିଯାଇଥିଲେ। ମାତ୍ର ଘରେ ପହଞ୍ଚିବା ପରେ ତାଙ୍କ ଛାତିର ଯନ୍ତ୍ରଣା ବଢ଼ିବା ସହ ନିଶ୍ୱାସ ନେବାରେ ସେ ଅଧିକ କଷ୍ଟ ଅନୁଭବ କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଆଣି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଅମ୍ଳ ବଢ଼ିବା ସହ ଏହା ପ୍ରଥମ ପର୍ଯ୍ୟାୟ ହୃଦଘାତ ବୋଲି ଡାକ୍ତର ଜଣାଇବା ସହ କଟକ ନେଇଯିବାକୁ ପରାମର୍ଶ ଦେଇଥିଲେ। ସେହିକ୍ରମରେ ପରିବାର ଲୋକେ ତାଙ୍କୁ ଅପରାହ୍ନ ସାଢ଼େ ୪ଟା ବେଳେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ବାଲେଶ୍ୱରର ସାମ୍ବାଦିକ ମହଲରୁ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି।

# ଇକୋ ଟୁରିଜିମ୍ ଓ ବିଚ୍ ଟୁରିଜିମ୍‌ର ପ୍ରମୁଖ ପେଣ୍ଠସ୍ଥଳି ହେବ ଜାହାନିଆ : ମନ୍ତ୍ରୀ

ଭୁବନେଶ୍ୱର,୦୩।୦୨ (ନି.ପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ ଜାହାନିଆ ପର୍ଯ୍ୟଟନ କ୍ଷେତ୍ରର ଅଧିକ ବିକାଶ ଏବଂ ଉନ୍ନତିକରଣ ଲକ୍ଷ୍ୟ ନେଇ ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ସେଠାକୁ ଗସ୍ତ କରିବା ସହିତ ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀ ଏବଂ ବୈଷୟିକ ଦଳ ସହିତ ବିସ୍ତୃତ ଆଲୋଚନା କରିଛନ୍ତି । ପୁରୀ, କୋଣାର୍କ, ସାତପଡ଼ା ସହିତ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ଜାହାନିଆଅନ୍ୟତମ । ବିସ୍ତୀର୍ଣ୍ଣ ସମୁଦ୍ରତଟ ସହିତ ସୁନ୍ଦର ଓ ମନଲୋଭା ପ୍ରାକୃତିକ ପରିବେଶ ପାଇଁ ଜାହାନିଆ ପର୍ଯ୍ୟଟନସ୍ଥଳୀର ବେଶ୍ ପ୍ରସିଦ୍ଧି ରହିଛି । ରାଜ୍ୟ ଏବଂ ସ୍ଥାନୀୟ ଅଂଚଳର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଜାହାନିଆକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର ଭାବେ ଗଢ଼ି ତୋଳିବା ଲାଗି ମନ୍ତ୍ରୀ ଶ୍ରୀ ବେହେରା ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ ସହିତ ଆଲୋଚନା କରିଛନ୍ତି । ଦେଶ ବିଦେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଜାହାନିଆ ଅଂଚଳର ବେଶ୍ ସାମର୍ଥ୍ୟ ରହିଛି ।

# ଭଲିବଲ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ସୂର୍ଯ୍ୟଶିକ୍ଷା ବିଜୟୀ





ଧାମନଗର,୦୩।୦୨ (ନି.ପ୍ର): ଧାମନଗର ଫାଇଟର କ୍ଲବ ଆନୁକୂଲ୍ୟରେ ଏକ ଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ପଞ୍ଜାବ ଟିମ୍, ସୂର୍ଯ୍ୟଶିକ୍ଷା, ରାଉରକେଲା, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁରକୁ ମିଶାଇ ମୋଟ ୬ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବିଜୁ ପଟ୍ଟନାୟକ (କାଟଣାପାହି) ଷ୍ଟାଡ଼ିୟମ ପରିସରରେ ରାତ୍ରୀ କାଳିନ ଭଲିବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନ ହୋଇଯାଇଛି। ପଞ୍ଜାବ ଓ ସୂର୍ଯ୍ୟଶିଖା କ୍ଲବ ଭଦ୍ରକ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିବାବେଳେ ପଞ୍ଜାବକୁ ହରାଇ ସୂର୍ଯ୍ୟଶିଖା କ୍ଲବ ବିଜୟ ଲାଭ କରିଥିଲା। ଏହି କାର୍ଯ୍ୟକ୍ରମରେ ଧାମନଗର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ, ବିବିସିସି ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା, ବରିଷ୍ଠ ସମିତି ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ବିଜେଡ଼ି ବ୍ଲକ ସଭାପତି ଉମେଶଚନ୍ଦ୍ର ମହାନ୍ତି, ନଗର ସଭାପତି ସୁଶାନ୍ତ କୁମାର ରାଉତ, ନଗର ବିଜୁ ଯୁବ ସଭାପତି ସେକ୍ ସଇଫୁଦ୍ଦିନ୍, ଆଇନ୍‌ଜୀବୀ ଅମରେନ୍ଦ୍ରନାଥ ମହାନ୍ତି, ସମାଜସେବୀ ଡ଼ାକ୍ତର ସାଦିକ, ଲମ୍ବୋଦର ଜେନା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଏମ୍‌ଡ଼ି ଫକିରୁଦ୍ଦିନ୍, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, କୃଷ୍ଣଚନ୍ଦ୍ର ଜେନା, ସେକ୍ ଜାଫର ଅଲ୍ଲୀ, ସରୋଜ ସେଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ା ମଣିଷ ପାଇଁ ଶାରିରୀକ ଓ ମାନସିକ ସ୍ତରରେ ସୁସ୍ଥତାର ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ଏଥିରେ ମନୋନିବେଶ କରିଥିବା ଖେଳାଳି ମାନଙ୍କୁ ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ କହିବା ସହ ଉତ୍ସାହିତ କରିଥିଲେ।

# ୧ରୁ ୧୪ ପର୍ଯ୍ୟନ୍ତ ମିକ୍ସୋପାଥି ବିଜ୍ଞପ୍ତିକୁ ବିରୋଧ କରି ରିଲେ ହଙ୍ଗର ଷ୍ଟ୍ରାଇକ

କଟକ,୦୩।୦୨ (ନି.ପ୍ର): ଆୟୁଷ ମନ୍ତ୍ରାଳୟ ଅଧୀନ ଭାରତୀୟ କେନ୍ଦ୍ରୀୟ ଔଷଧ ପରିଷଦ ଓ ନିତି ଆୟୋଗ ଦ୍ୱାରା ଗତ ନଭେମ୍ବର ମାସ ୨୦ରେ ଜାରି କରାଯାଇଥିବା ବିଜ୍ଞପ୍ତିକୁ ପ୍ରତ୍ୟାହାର କରିବା ଦାବୀରେ ଭାରତୀୟ ଚିକିତ୍ସକ ସଂଘ (ଓଗଇ) ତରଫରୁ ବିଭିନ୍ନ ପର୍ଯ୍ୟାୟରେ ଭାରତ ସରକାରଙ୍କ ନିକଟରେ ଦାବି କରାଯାଇଥିଲେ ବି ଭାରତ ସରକାର ଏହା ଉପରେ କୌଣସି ନିଷ୍ପତ୍ତି ନେଇ ନଥିବାରୁ ଭାରତୀୟ ଚିକିତ୍ସକ ସଂଘ ତରଫରୁ ଦେଶ ସାରା ଫେବୃୟାରୀ ୧ରୁ ୧୪ ପର୍ଯ୍ୟନ୍ତ ରିଲେ ହଙ୍ଗର ଷ୍ଟ୍ରାଇକ୍ କରାଯାଉଅଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ଶାଖା ଦ୍ୱାରା ଏହାର ଅଧୀନରେ ଥିବା ସମସ୍ତ ଶାଖା ତଥା ମେଡ଼ିକାଲ କଲେଜ ନିକଟରେ ଶାନ୍ତିପୂର୍ଣ୍ଣ ଭାବେ ରିଲେ ହଙ୍ଗର ଷ୍ଟ୍ରାଇକ୍ କରାଯାଉଅଛି । ଏହି ପଦକ୍ଷେପକୁ ସର୍ବଭାରତୀୟ ସ୍ତରରେ ମେଡ଼ିକାଲ କଲେଜ ଶିକ୍ଷକ ସଂଘ, ରେସିଡେଣ୍ଟ ଡାକ୍ତର ସଂଘ, ଓଡ଼ିଶା ନର୍ସିଂହୋମ ସଂଘ ଏବଂ ରାଜ୍ୟର ସମସ୍ତ ମେଡ଼ିକାଲ ଛାତ୍ର ସଂଘ ସମର୍ଥନ ଦେଇଥିବା ସଂଘର ରାଜ୍ୟ ସଭାପତି ଡା. କମଳାକାନ୍ତ ପାଣିଗ୍ରାହୀ, ସଂପାଦକ ଡା. ବ୍ରଜ କିଶୋର ଦାଶ ଓ ସଂଯୋଜକ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସମ୍ରାଟ କର ଜଣାଇଛନ୍ତି।

# 'କଳା ଭାରତ ଆତ୍ମନିର୍ଭର ଅଭିଯାନ' କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ




ନୂଆଦିଲ୍ଲୀ/ଭୁବନେଶ୍ୱର,୦୩।୦୨ (ନି.ପ୍ର): ନୂଆଦିଲ୍ଲୀ ଠାରେ ବୁଧବାର ଖଦି ହମାରା ମନ୍ତ୍ର ଫାଉଣ୍ଡେସନ ଦ୍ୱାରା ଆୟୋଜିତ 'କଳା ଭାରତ ଆତ୍ମନିର୍ଭର ଅଭିଯାନ'ର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଏହି ଅଭିଯାନ କାର୍ଯ୍ୟକ୍ରମକୁ ଦେଶର ସବୁ ରାଜ୍ୟର ରାଜଧାନୀ ପର୍ଯ୍ୟନ୍ତ ପହଁଚାଇବା ନେଇ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭାରତର ସମୃଦ୍ଧ ସଂସ୍କୃତି ଏବଂ ସୃଜନଶୀଳ କଳା ଦକ୍ଷତା ଏବଂ ବିଶ୍ୱ ବଜାରରେ ଭାରତ ପାଇଁ ଥିବା ସମ୍ଭାବନା ଉପରେ ବିସ୍ତୃତ ଆଲୋଚନା କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ଥାନୀୟ ସାମଗ୍ରୀକୁ ପ୍ରୋତ୍ସାହନ ଦେବା ଦିଗରେ ଭୋକାଲ୍ ଫର୍ ଲୋକାଲ୍ ଅଭିଯାନ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ କଳା ଭାରତ ଆତ୍ମନିର୍ଭର ଅଭିଯାନକୁ ଦେଶର ସମସ୍ତ ରାଜ୍ୟ, ସବୁ ରାଜଧାନୀ ପର୍ଯ୍ୟନ୍ତ ପହଁଚାଯାଇ ପାରିଲେ ହିଁ ଲୋକମାନଙ୍କର ସ୍ଥାନୀୟ କଳା ଏବଂ କୌଶଳ ପ୍ରତି ଆଗ୍ରହ ଆସିବ। ଏହି ପଦକ୍ଷେପ ପର୍ଯ୍ୟଟନ କ୍ଷେତ୍ରକୁ ବଢ଼ାଇବା ସହ ଭାରତର ସମୃଦ୍ଧ ଇତିହାସ ଏବଂ ସାଂସ୍କୃତିକ ପରିଚୟ ଦୁନିଆ ସାମ୍ନାରେ ପ୍ରତିଫଳିତ କରିପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । 'ଖଦି ହମାରା ଫାଉଣ୍ଡେସନ' ଆତ୍ମନିର୍ଭର ଭାରତ ଅଭିଯାନକୁ ସଫଳ କରିବା ଦିଗରେ କାମ କରୁଛି। ଏହି ଫାଉଣ୍ଡେସନ ଦେଶର କାରିଗରଙ୍କ କଳା ଏବଂ ସେମାନଙ୍କ ପ୍ରତିଭାକୁ ବିଶ୍ୱ ବଜାର ପର୍ଯ୍ୟନ୍ତ ପହଁଚାଇବାରେ ମଧ୍ୟ ସାହାଯ୍ୟ କରୁଛି। ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲ, କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରୀ ନିତୀନ ଗଡକରୀ, ରାଜ୍ୟସଭା ସାଂସଦ ସରୋଜ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଉଠିଲା ଗଣଧାରଣା



ନୀଳଗିରି,୦୩।୦୨ (ନି.ପ୍ର): ଦୀର୍ଘ ୮ଦିନ ଧରି ନୀଳଗିରି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅନିଲ କୁମାର ପଣ୍ଡାଙ୍କ ବିରୋଧରେ ଚାଲିଥିବା ଦିବାରାତ୍ର ଗଣଧାରଣା ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ପ୍ରକଳ୍ପ ନିର୍ଦ୍ଦେଶକ ରବିନ୍ଦ୍ର ରାଉତ ଏବଂ ନୀଳଗିରି ଉପଜିଲ୍ଲାପାଳ ହରିଶଚନ୍ଦ୍ର ଜେନା ଗଣଧାରଣା ସ୍ଥାନରେ ପହଂଚି ଧାରଣାଧାରୀଙ୍କ ସହ ଆଲୋଚନା କରିଥିଲେ। ଲାଂଚଖୋର ସହକାରୀ ନିର୍ବାହୀ ଯନ୍ତ୍ରୀ ଅନିଲ କୁମାର ପଣ୍ଡାଙ୍କୁ ଭିଜିଲାନ୍ସ ଇନ୍‌କ୍ୟାରି ହେଲା ପର୍ଯ୍ୟନ୍ତ ଶ୍ରୀ ପଣ୍ଡାଙ୍କ ଡି.ଆର.ଡି.ଏ. ରେ ଅବସ୍ଥାପିତ କରାଯିବା ନେଇ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୫୮୨ ତା.୦୧.୦୨.୨୦୨୧ରିଖରେ ଜିଲ୍ଲାପାଳ ପଂଚାୟତ ରାଜ ପ୍ରିନସପାଲ ସେକ୍ରେଟାରୀଙ୍କୁ ଚିଠି କରାଇଥିବାର ଧାରଣାକରୀ ଦେଖିଲା ପରେ ଧାରଣାକୁ ପ୍ରତ୍ୟାହୃତ କରିଥିଲେ । ଏହି ଅବସରରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ରାଧାଗୋବିନ୍ଦ ଖଟୁଆ, ମନୋରଂଜନ ବେହେରା, ଉପେନ୍ଦ୍ର ଦାସ, ରାଜୀବ ଦାସବାବୁ, ବିନୋଦ ମହାନ୍ତି, ଗଙ୍ଗାଧର ମିଶ୍ର, ଦୁର୍ଗାପ୍ରସାଦ ମହାନ୍ତି, କରୁଣାକର ପଣ୍ଡା, ଅସିତ ପରିଡା,କୃଷ୍ଣଚନ୍ଦ୍ର ପରିଡା, ନଟୁସରକାର. ଅଚ୍ୟୁତ ପ୍ରଧାନ, ଉପେନ୍ଦ୍ର ନାୟକ, ସମେତ ବହୁ ଧାରଣାକାରୀ ଉପସ୍ଥିତ ଥିଲେ । ଆସନ୍ତା ୨୦ ତାରିଖ ସୁଦ୍ଧା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରା ନ ଗଲେ ପୁନଃ ଆନ୍ଦୋଳନାତ୍ମକପନ୍ଥା ଅବଲମ୍ବନ କରିବେ ବୋଲି ଧାରଣାକାରୀମାନେ ଚେତାବନୀ ଦେଇଛନ୍ତି ।

# ଲୁଟ୍ ମାମଲାରେ ଫେରାର୍ ୨ ଅଭିଯୁକ୍ତ ଗିରଫ

ଗଞ୍ଜାମ,୦୩।୦୨ (ନି.ପ୍ର): ଗତ ବର୍ଷ ଅକ୍ଟୋବର ମାସ ୧୬ ତାରିଖରେ ଗଞ୍ଜାମ ଜିଲ୍ଲା ଗୋପାଳପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ହୋଇଥିବା ଲୁଟ୍ ମାମଲାରେ ପୋଲିସ ପୂର୍ବରୁ ୫ ଜଣଙ୍କୁ ଗିରଫ କରିଥିବା ବେଳେ ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇ ଜଣଙ୍କୁ ଗତକାଲି ରାତିରେ ବ୍ରହ୍ମପୁର ବଡ ବଜାର ଥାନା ଅଂଚଳରୁ ଗିରଫ କରାଯାଇଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ରାମ ଜେନା ଓ ଉଦ୍ଧବ ଜେନା । ପୋଲିସ ସେମାନଙ୍କ ନିକଟରୁ ଏକ ବାଇକ୍ ଓ ମୋବାଇଲ୍ ଜବତ କରି କୋର୍ଟ ଚାଲାଣ କରିଛି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ଟ୍ରକ ଧକ୍କାରେ ମୃତ୍ୟୁ

କେନ୍ଦ୍ରାପଡ଼ା,୦୩।୦୨ (ନି.ପ୍ର): ନିକଟରେ ଅବସର ଗ୍ରହଣ କରିଥିବା ଜଣେ ଶିକ୍ଷକ ଟ୍ରକ ଧକ୍କାରେ ପ୍ରାଣ ହରାଇଥିବା ଜଣାପଡିଛି। ମାର୍ଶାଘାଇ ଥାନା ଅଧିନ ବଡକୁଳ ଗ୍ରାମର ରବିନ୍ଦ୍ର କୁମାର ଲେଙ୍କା ନିଜ ବାଇକରେ ଗୋଗୁଆ ବନ୍ଧୁଘର କୁ ଯାଉଥିବା ବେଳେ ବୁଧବାର ସକାଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି । ଗଗୁଆ ଠାରେ ଏକ ଦ୍ରୁତଗାମୀ ଟ୍ରକ ତାଙ୍କୁ ପଛପଟୁ ଧକ୍କାଦେବା ଫଳରେ ତାଙ୍କର ମୃତ୍ୟୁ ଘଟିଥିବା ଜଣା ପଡିଛି । ଖବର ପାଇ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଁଚି ଟ୍ରକଟିକୁ ଜବତ କରିଥିବା ଜଣାପଡିଛି ।

## ମୁକୁଳା ଅମୃତିଆ ନାଳ ବନ୍ଦ ଦାବିରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ବାଲେଶ୍ୱର,୦୩।୦୨ (ନି.ପ୍ର): ବୁଢ଼ାବଳଙ୍ଗ ନଦୀକୁ ସଂଯୋଗ କରୁଥିବା ଅମୃତିଆ ନାଳର ମୁକୁଳା ମୁହଁକୁ ବନ୍ଦ କରିବା ଦାବିରେ ବାଙ୍କତୀରା ଜଳସେଚନ ପ୍ରକଳ୍ପ କ୍ରିୟାନୁଷ୍ଠାନ କମିଟି ବୁଧବାର ଦିନ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। କମିଟିର ସଭାପତି ଶୁଭଙ୍କର ମହାପାତ୍ର, ସାଧାରଣ ସଂପାଦକ ପ୍ରତାପ ଚନ୍ଦ୍ର ନାୟକ, ଉପ-ସଭାପତି ପ୍ରଭୁ ଚରଣ ରାଉତ, ପ୍ରଦୀପ ମହାନ୍ତି, ସଂଯୋଜକ ଚକ୍ରଧର ମହାନ୍ତି, ସମିତି ସଭ୍ୟ ରବିନାରାୟଣ ମହାପାତ୍ର, ସରପଞ୍ଚ ଶ୍ରୀକାନ୍ତ ମହାପାତ୍ର, ସର୍ବେଶ୍ୱର ମହାନ୍ତି, ଅମ୍ବିକା ବେହେରା, ପୂର୍ବତନ ସରପଞ୍ଚ ବୃନ୍ଦାବନ ବେହେରା, ଉତ୍ତମ ପ୍ରଧାନ ପ୍ରମୁଖ ବାଲେଶ୍ୱର ଅତିରିକ୍ତ ଜିଲାପାଳ ସମ୍ବିତ ନାୟକଙ୍କୁ ସାକ୍ଷାତ ସହ ବାଙ୍କତୀରା ଜଳସେଚନ ପ୍ରକଳ୍ପର ସ୍ଥିତିକୁ ନେଇ ଆଲୋଚନା କରିଥିଲେ। ବୁଢ଼ାବଳଙ୍ଗ ନଦୀର ସାମାନ୍ୟ ବନ୍ୟାରେ ପ୍ରତିବର୍ଷ ଅମୃତିଆ ନାଳ ମଧ୍ୟଦେଇ ବନ୍ୟାଜଳ ଚଷାଖଣ୍ଡ, ନିଜାମପୁର, ନଗ୍ରମ, ବୁଆଁଳ, ଓଲନ୍ଦା ସାରଗାଁ, ଓଡ଼ଙ୍ଗୀ, ସିନ୍ଧିଆ, ବଇଞ୍ଚା, ଗୋପୀନାଥପୁର ପ୍ରଭୃତି ଗ୍ରାମପଞ୍ଚାୟତର ହଜାରହଜାର ହେକ୍ଟର ଚାଷଜମିର ଫସଲ ନଷ୍ଟ କରିଦେଉଛି। ଏଥିପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ, ଜିଲ୍ଲା ପ୍ରଶାସନ ଓ ଜଳସଂପଦ ବିଭାଗକୁ ବାରମ୍ବାର ଦାବିପତ୍ର ପ୍ରଦାନ ପରେ ମଧ୍ୟ କୌଣସି ସୁଫଳ ଅଦ୍ୟାବଧି ମିଳିନାହିଁ। ୨୦୧୮ ମସିହା ଜୁନ ୩୦ ତାରିଖରେ ତତ୍କାଳୀନ ଜିଲାପାଳ ସର୍ବୋଚ୍ଚ ଯନ୍ତ୍ରୀ ଜଳସଂପଦ ବିଭାଗକୁ ଏଥି ନିମନ୍ତେ ଚିଠି ଲେଖିଥିବା ସଙ୍ଗେ ବହୁବାର ବୈଠକ କରିଥିଲେ ବୋଲି କମିଟି ସଭାପତି ଅତିରିକ୍ତ ଜିଲାପାଳଙ୍କୁ ଅବଗତ କରିଥିଲେ। ଅମୃତିଆନାଳର ମୁକୁଳାମୁହଁ ବର୍ଷାଦିନ ଆଗରୁ ବନ୍ଦ ନହେଲେ ଏବର୍ଷ ମଧ୍ୟ ଚାଷ ପରିସ୍ଥିତି ଭୟାବହ ହେବ ଓ ଚାଷୀ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।ଏହି ଅବସରରେ କମିଟି ପକ୍ଷରୁ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଶ୍ରୀ ନାୟକଙ୍କୁ ପ୍ରଦାନ କରାଯାଇଥିଲା।

### କେନ୍ଦ୍ର ସରକାରଙ୍କ ନୂତନ ଶ୍ରମ ଆଇନକୁ ବିରୋଧ

## କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ




ବାଲେଶ୍ୱର,୦୩।୦୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂତନ ଶ୍ରମ ଆଇନକୁ ବିରୋଧ କରି କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ପକ୍ଷରୁ ବାଲେଶ୍ୱର ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ଶ୍ରମିକ ସଂଗଠନ ସମନ୍ୱୟ ସମିତି (ଟିୟୁଏସିସି) ସଂପାଦକ ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ବିଭିନ୍ନ ସଂଗଠନର ପ୍ରତିନିଧି ସୁରେଶ ଚନ୍ଦ୍ର ବେହେରା, ଭାଗବତ ପ୍ରତିହାରୀ, ବିଜୟ ପାତ୍ର, ଅରୁଣ ସ୍ୱାଇଁ, ନିରାକାର ପାଣ୍ଡବ, ଇଷାଣୀ ଷଡ଼ଙ୍ଗୀ, ଶାନ୍ତନୁ ଦାସ, ସର୍ବେଶ୍ୱର ମିଶ୍ର ପ୍ରମୁଖ ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ନୂତନ ଶ୍ରମନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଶ୍ରମିକମାନଙ୍କ ଦୀର୍ଘବର୍ଷର ସଂଗ୍ରାମର ଫଳ ସ୍ୱରୂପ ତତ୍କାଳୀନ ସରକାର ପ୍ରଣୟନ କରିଥିବା ୪୪ଗୋଟି ଶ୍ରମ ଆଇନକୁ କେନ୍ଦ୍ର ସରକାର ସଂଶୋଧନ କରି ମାତ୍ର ୪ଟି କୋଡ୍‌ରେ ପରିଣତ କରିଛନ୍ତି ବୋଲି ଶ୍ରମିକନେତାମାନେ ପ୍ରକାଶ କରିଛନ୍ତି। ଦେଶର ପ୍ରମୁଖ ଶିଳ୍ପୋଦ୍ୟୋଗୀଙ୍କ ସ୍ୱାର୍ଥରକ୍ଷା ପାଇଁ ନୂତନ ଶ୍ରମ ଆଇନରେ ସରକାର ଶ୍ରମିକଙ୍କୁ କ୍ରୀତଦାସ କରିବାକୁ ପଛାଇ ନାହାନ୍ତି। ଏମିତିକି ନିଜର ହକ ପାଇଁ ପ୍ରତିବାଦ କରିବାର ଶ୍ରମିକଙ୍କ ଗଣତାନ୍ତ୍ରିକ ଅଧିକାରକୁ ବି ସରକାର ଛଡ଼େଇ ନେଇଥିବା ବକ୍ତାମାନେ କହିଛନ୍ତି। ତୁରନ୍ତ ଏହି ଆଇନକୁ ସରକାର ପ୍ରତ୍ୟାହାର ନକଲେ ଆଗାମୀ ଦିନରେ ଶ୍ରମିକମାନେ ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ପଛାଇବେ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ଶ୍ରମିକ ସଂଗଠନ ମିଳିତ ମଞ୍ଚ ପକ୍ଷରୁ ସରକାରଙ୍କ ନୂତନ ଶ୍ରମ ଆଇନ ସମ୍ବଳିତ ପ୍ରତିଲିପିକୁ ପୋଡ଼ି ପ୍ରତିବାଦ ପ୍ରଦର୍ଶିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନିକୁଞ୍ଜ ବସନ୍ତରାୟ, ବନ୍ଦନା ବିଶ୍ୱାସ, ଉମାକାନ୍ତ ଦାସ, ବାସନ୍ତୀ ସାମଲ, ପ୍ରଶାନ୍ତ ଦାସ, ଶରତ ଚନ୍ଦ୍ର ଦଳେଇ, ପ୍ରେମରଂଜନ ପାତ୍ର ଓ ଜତିନ୍ ପାତ୍ର ପ୍ରମୁଖ ଏଆଇଟିୟୁସି, ଆଇଏନ୍‌ଟିୟୁସି, ସିଆଇଟିୟୁ, ଏଚ୍‌ଏମ୍‌ଏସ୍, ଏଆଇଇଉଟିୟୁସି, ଏଡବ୍ଲ୍ୟୁ ଓ ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ଟିୟୁଏସିସିର କର୍ମକର୍ତ୍ତା ଏଥିରେ ଯୋଗଦେଇ ସରକାରଙ୍କ ଶମିକ ସ୍ୱାର୍ଥବିରୋଧୀ ଆଇନର ଦୃଢ଼ ପ୍ରତିବାଦ କରିଥିଲେ। ଶ୍ରମିକ ନେତା ବିକାଶ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୀଳଗିରି ଆଦିବାସୀ ସାର୍ନା ସୋସିଓ ଏଜୁକେସନ ଏବଂ କଲ୍ଚୁରାଲ ସଂଘ ପକ୍ଷରୁ ସ୍ମାରକ ପତ୍ର ପ୍ରଦାନ

ନୀଳଗିରି, ୦୩।୦୨ (ନି.ପ୍ର): ସାତଦଫା ଦାବୀ ସମ୍ବଳିତ ଏକ ସ୍ମାରକପତ୍ର ନୀଳଗିରି ଆଦିବାସୀ ସାର୍ନା ସୋସିଓ ଏଜୁକେସନ ଏବଂ କଲଚୁରାଲ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୀଳଗିରି ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ସାର୍ନା ଧର୍ମକୁ ସମ୍ବିଧାନରେ ସ୍ଥାନଦେବା, ୨୦୨୧ ଜନଗଣନାରେ ଉକ୍ତ ଧର୍ମକୁ ସ୍ଥାନିତ, ପ୍ରତିପଂଚାୟତରେ ଥିବା ଆଦିବାସୀଙ୍କ ପୂଜାସ୍ଥଳୀ 'ଜାହିରା' ସରକାରୀସ୍ତରରେ ରକ୍ଷଣାବେକ୍ଷଣ ସହ ପକ୍କା ବାଉଣ୍ଡରୀ ନିର୍ମାଣ, ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅଲଚିକି ଭାଷାର ଶିକ୍ଷକ ନିଯୁକ୍ତି ପାଇଁ ମାନ୍ୟବର ହାଇକୋର୍ଟ ଓଡ଼ିଶା ଓ.ଜେ.ସି. ନଂ. ୧୩୦୪୯, ତା. ୦୮.୧୦.୨୦୦୭ରିଖର ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ, ତେଲିପାଳ ମୌଜା ରାଇପାଳରେ ଥିବା ୩୪.୩୪ଡି. ଜାଗା ଉପରେ ବାବା ବିର୍ସାମୁଣ୍ଡାଙ୍କ ନାମରେ ଏକ ଷ୍ଟାଡିୟମ ନିର୍ମାଣ, ଆଦିବାସୀ ସଂସ୍କୃତି ଭବନ ପାଇଁ ବାଦ୍ୟଯନ୍ତ୍ର ପ୍ରଦାନ, ପେସା ଆକ୍ଟ ୧୯୯୬ ଅନୁସାରେ ଆଦିବାସୀ ବହୁଳ ଅଂଚଳରେ କାର୍ଯ୍ୟକାରୀ, ପୂର୍ବରୁ ଦଖଲକରି ରହିଆସୁଥିବା ଆଦିବାସୀ ଲୋକମାନଙ୍କର ଜାଗାକୁ ସଠିକ୍ ତଦନ୍ତ କରି ସେମାନଙ୍କର ଜାଗାକୁ ରେଜିଷ୍ଟ୍ରେସନ, ସଂଘର ସଂପାଦକ ଗୋପାଳ ଚରଣ ମାଝୀ, ସଭାପତି ଗୁରା ଟୁଡୁ, ମଦନ ମୋହନ ମାଝୀ, ନିମାଇଁ ଚରଣ ମାଝୀ, ସନାତନ ଟୁଡୁ, ଲକ୍ଷ୍ମୀଧର ମାଝୀ, ଭୀମା ବେସ୍ରା ସମେତ ୧୦୦ ରୁ ଉର୍ଦ୍ଧ୍ୱ ଲୋକ ନୀଳଗିରି ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ନୀଳଗିରି ଉପଜିଲ୍ଲାପାଳଙ୍କୁ ନିଜର ଦାବୀପତ୍ର ଦେଇଥିଲେ।

## ସର୍ବଭାରତୀୟ ରିଟେଲର ମହାସଂଘର ସାଧାରଣ ଅଧିବେଶନ



ଜଳେଶ୍ୱର, ୩/୨ (ନିପ୍ର) : କରୋନା ମହାମାରୀ ସମୟରେ ପିଡିଏସ୍ ସାମଗ୍ରୀ ସାଧାରଣ ଜନତାଙ୍କୁ ବଣ୍ଟନ କରିବାରେ ରିଲେରମାନେ ମୁଖ୍ୟଭୂମୀକା ଗ୍ରହଣ କରିଥିଲେ। ଫଳରେ ବହୁ ରିଲେଟର କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ବଣ୍ଟନ ହୋଇଥିବା ଖାଦ୍ୟ ସାମଗ୍ରୀର ପାରିଶ୍ରମିକ ରିଟେଲର ମାନଙ୍କୁ ଅଦ୍ୟାବଧି ମିଳିନାହିଁ। ପିଡିଏସ୍ ମେସିନ୍ ଖର୍ଚ୍ଚ ବାବଦ ଅର୍ଥରାଶି ଅଦ୍ୟାବଧି ମିଳିନାହିଁ। ପଶ୍ଚିମବଂଗ ରାଜ୍ୟ ସରକାର ରିଟେଲର ମାନଙ୍କ ପାରିଶ୍ରମିକ ତୁରନ୍ତ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଥିବା ବେଳେ ମୃତ୍ୟୁବରଣ କରିଥିବା ରିଟେଲର ପରିବାରକୁ ୨ଲକ୍ଷ ଟଙ୍କା ଅର୍ଥ ପ୍ରଦାନ ଓ ସେମାନଙ୍କର ଲାଇସେନ୍ସ ପ୍ରତି ୩ବର୍ଷରେ ନବୀକରଣ କରାଯିବାର ନିର୍ଦ୍ଦେଶ ଦିଆଯାଇଛି ବୋଲି ପଶ୍ଚିମବଂଗ ମୁଖ୍ୟମନ୍ତ୍ରୀ ନେତାଜୀ ଷ୍ଟାଡିୟମଠାରେ ଅନୁଷ୍ଠିତ ସାଧାରଣ ବୈଠକରେ ଯୋଗ ଦେଇ ପ୍ରକାଶ କରିଛନ୍ତି। ଏହି ସଭାରେ ସର୍ବଭାରତୀୟ ରିଟେଲର ମହାସଂଘର କାର୍ଯ୍ୟକାରୀ ସଭାପତି ଟି କ୍ରିଷ୍ଣା ପା ସଭାପତିତ୍ୱ କରିଥିବା ବେଳେ ସାଧାରଣ ସଂପାଦକ ବିଶ୍ୱମ୍ବର ବସୁ ସଂପାଦକକୀ ବିବରଣୀ ପାଠ କରିଥିଲେ। ରିଟେଲର ମହାସଂଘର ଓଡିଶା ରାଜ୍ୟ ସଭାପତି ନଗେନ୍ଦ୍ର ଜେନା ଉପସ୍ଥିତ ଥିଲେ।

## ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଟଙ୍କା ହଡ଼ପ ଅଭିଯୋଗ

ନୀଳଗିରି,୦୩।୦୨ (ନି.ପ୍ର): ବଣଭୂଇଁର ଏକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଜଣେ ସଭ୍ୟା ୩୦ହଜାର ଋଣ ଟଙ୍କାକୁ ପରିଶୋଧ କରିବା ପାଇଁ ସଭ୍ୟାମାନେ ମାଗିବାକୁ ଯାଇଥିବା ବେଳେ ସଭ୍ୟାର ସ୍ୱାମୀ ଓ ଦେଢ଼ଶୁର ମିଳିତ ଭାବେ ଅନ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ଅସତ୍ ବ୍ୟବହାର କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲୋଜ କରି ଏକ କଟୁରୀରେ ଜୀବନରୁ ମାରିଦେବାର ଧମକ ଦେଇଥିବା ନେଇ ମହିଳାମାନେ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ବଣଭୂଇଁର ମହିଳା ଗୋଷ୍ଠୀ ବନ୍ଧନ ବ୍ୟାଙ୍କରୁ ୩ଲକ୍ଷ ଟଙ୍କା ଲୋନ ଉଠାଇଥିଲେ। ଉକ୍ତ ଗ୍ରୁପରେ ୧୦ ଜଣ ସଦସ୍ୟା ଥିବାରୁ ମୁଣ୍ଡ ପିଛା ୩୦ହଜାର ଟଙ୍କା ଭାଗ କରିନେଇଥିଲେ। ଗତ ୨ ତାରିଖ ଦିନ ଗ୍ରୁପ ଟଙ୍କା ମାଗିବା ପାଇଁ ସଭ୍ୟା ସନ୍ଧ୍ୟା ସିଂ ଙ୍କ ଘରକୁ ଯାଇ ସଦସ୍ୟମାନେ ଋଣ ପରିଷଦ ପାଇଁ ଟଙ୍କା ମାଗିଥିଲେ। ମାତ୍ର ସନ୍ଧ୍ୟା ସିଂ, ସ୍ୱାମୀ ତୋଫାନ ସିଂ ୩୦ ହଜାର ଟଙ୍କା ସୁଝି ପାରିବି ନାହିଁ ବୋଲି ରୋକଠୋକ ମନା କରିଦେଲେ। ସଦସ୍ୟାମାନେ ସନ୍ଧ୍ୟା ସିଂ କୁ ବୁଝାସୁଝା କରୁଥିବା ବେଳେ କୁମୁଡିହା ଗ୍ରାମର ରାଜୁ ସିଂ ହଠାତ୍ ଟଣା ଓଟରା ଘୋଷରା କରିବା ସହ ସଭ୍ୟାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଯଦି ଋଣ ଟଙ୍କା ମାଗିବାକୁ କେବେ ଆସ ତେବେ ତମ ଜୀବନ ପାଇବା ନାହିଁ ବୋଲି ଧମକ ଦେଇଥିଲା। ସନ୍ଧ୍ୟା ସିଂ ର ଦେଢ଼ଶୁର ରାଜୁ ସିଂ ଉକ୍ତ ୩୦ ହଜାର ଟଙ୍କା ସନ୍ଧ୍ୟା ସିଂ ର ସ୍ୱାମୀଙ୍କ ଠାରୁ ନେଇଥିଲା। ଉକ୍ତ ୩୦ ହଜାର ଟଙ୍କାକୁ ଫେରସ୍ତ କରୁନ ଥିବାର ସଭ୍ୟା ଝରଣା ସିଂ, ଦୀପାଞ୍ଜଳି ମଳିକ, ତୁଳସୀଦେହୁରୀ, ନିରୁପମା ନାଏକ, ଗିଲି ପ୍ରଧାନ, ମାମି ଦେହୁରୀ, ରଶ୍ମିତା ଦେହୁରୀ, ନିନି ମଣିକ ମଳିକ, ପାନମଣୀ ସିଂ, ସୌଦାମିନି ମଳିକ, ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି।

## କରୋନାରୁ ଆଉ ୧୨୨ ସୁସ୍ଥ

ଭୁବନେଶ୍ୱର,୦୩।୦୨ (ନି.ପ୍ର): ରାଜ୍ୟରୁ ବୁଧବାର ଦିନ ୧୨୨ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ନୂଆ ସୁସ୍ଥଙ୍କୁ ମିଶାଇଲେ ରାଜ୍ୟରୁ ଏଯାବତ୍ ୩୩୨୪୯୯ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ କରି ସୂଚନା ଦେଇଛି। ଆଜି ସୁନ୍ଦରଗଡ଼ରୁ ୩୨ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ନୂଆପଡ଼ାରୁ ୧୯ଜଣ, ଯାଜପୁରରୁ ୧୦ଜଣ, ସମ୍ବଲପୁରରୁ ୧୦ଜଣ, କଟକରୁ ୭ଜଣ, ବାଲେଶ୍ୱରରୁ ୬ଜଣ, କଳାହାଣ୍ଡିରୁ ୫ଜଣ, ଝାରସୁଗୁଡ଼ାରୁ ୪ଜଣ, ପୁରୀରୁ ୪ଜଣ, ଅନୁଗୁଳରୁ ୩ଜଣ, ବଲାଙ୍ଗୀରରୁ ୩ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ମୟୂରଭଞ୍ଜରୁ ୩ଜଣ, ଦେବଗଡ଼ରୁ ୨ଜଣ,ଗଜପତିରୁ ୨ଜଣ, ଝାରସୁଗୁଡ଼ାରୁ ୨ଜଣ, କେନ୍ଦ୍ରାପଡ଼ାରୁ ୨ଜଣ, ଖୋର୍ଦ୍ଧାରୁ ୨ଜଣ, ଭଦ୍ରକରୁ ୨ଜଣ, ସୁବର୍ଣ୍ଣପୁରରୁ ଜଣେ ଓ ଷ୍ଟେଟପୁଲରୁ ଜଣେ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୂତନ ଆଇନ୍‌କୁ ପୋଡି ପ୍ରତିବାଦ



ଜଳେଶ୍ୱର, ୩/୨ (ନିପ୍ର) : ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧିନ ସୁଗୋ ଠାରେ ଆଜି ବୁଧବାର ଅପରାହ୍ନରେ ସି.ଆଇ.ଟି.ୟୁ ପକ୍ଷରୁ କେନ୍ଦ୍ରର ଶ୍ରମିକ ମାରଣ ନୂତନ ଆଇନ୍‌କୁ ପୋଡି ପ୍ରତିବାଦ କରାଯାଇଥିଲା। ସିଟୁର ସଭାପତି ଦିପ୍ତିମାନ ଆଚାର୍ଯ୍ୟ, ସଂପାଦକ ପଲ୍ଟୁ ଦାସ, ମଦନ ମାହାଲି, ସେକ୍ ଅବଦୁଲ ସାଦ୍ଦିକ, ସବିତା ଭୂୟାଁ, ସିଟୁର ପତାକା ଓ ପ୍ଲାକାର୍ଡ ଧରି କେନ୍ଦ୍ର ସରକାରଙ୍କୁ କଡା ସମାଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ୍‌କୁ ସମର୍ଥନ କରିବା ସହ ଭବିଷ୍ୟତରେ କୃଷକ ଓ ଶ୍ରମିକମାନେ ରାଜରାସ୍ତାକୁ ଓହ୍ଲାଇବାର ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜିତ୍ ଦାସ, ରୁହ୍ୟା ଟୁଡୁ, ଆରତୀ ମହାନ୍ତି, ଗୌରୀ କାନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପାତ୍ର, ବିଦ୍ୟାଧର ପାତ୍ର, ସପନ ମହାନ୍ତି, ଜୀବନ ପରିଡା, ଗଣେଶ ଜେନା, ଫୁଲ ଟୁଡୁ, ଜନ୍ମେଜୟ ଅଣ୍ଡିଆ, ସୁରଂଜନ ଆଚାର୍ଯ୍ୟ, ଇଷାନୀ ଷଡଙ୍ଗୀ, ରହିମ ଖାଁ ପ୍ରମୁଖ ଯୋଗ ଦେଇଥିଲେ।

## ଜିଲ୍ଲାପାଳଙ୍କ ଦ୍ୱାରା ନୀଳଗିରି ଆଇଟିଡିଏରେ ବିଭିନ୍ନ କାର୍ଯ୍ୟ ସମୀକ୍ଷା

ନୀଳଗିର,୦୩।୦୨ (ନି.ପ୍ର): ବାଲେଶ୍ୱର ଜଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତି ହଟାତ ପୂର୍ବାହ୍ନ ୧୧.୩୦ ମିନିଟ ରେ ନୀଳଗିରି ଆଇଟିଡିଏ କାର୍ଯ୍ୟାଳୟରେ ପହଂଚି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିବା ଜଣାପଡିଛି। ଏହି ସମୟରେ ପିଏ ଆଇଟିଡିଏ ବୀର କିଶୋର ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ପ୍ରଦିପ ସାମଲ, ଯନ୍ତ୍ରୀ ରତିକାନ୍ତ ମଢେଇ,ବଡବାବୁ ସୁବାସଚନ୍ଦ୍ର ମାଝି, ଶଶିକାନ୍ତ ପାଣିଗ୍ରାହୀ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ନେତାଜୀ ଯୁବ ସେବା ସମିତିର ବାର୍ଷିକ ଉତ୍ସବ



କଟକ,୦୩।୦୨ (ନି.ପ୍ର): ନେତାଜୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ନେତାଜୀ ଯୁବ ସେବା ସମିତିର ବାର୍ଷିକ ଉତ୍ସବ ପାଲାମଣ୍ଡପ ନିକଟସ୍ଥ ଭିଟୁ ମଣ୍ଡପରେ ଆୟୋଜିତ ହୋଇଥିଲା। ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ଓ ସ୍ୱାସ୍ଥ୍ୟଲେଖକ ଡାକ୍ତର ସମ୍ରାଟ କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭେଷଜ ବିଶେଷଜ୍ଞ ପ୍ରଫେସର ଡାକ୍ତର ଜୟନ୍ତ କୁମାର ପଣ୍ଡା, ଡାକ୍ତର ଶରତ ପରିଡ଼ା, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକ ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଅଭିନେତା ଅରିନ୍ଦମ୍ ରାଏ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜଣେ ପୂର୍ବତନ ଆର୍ମି ଅଫିସର ଉପସ୍ଥିତ ଥିବା ସମସ୍ତ ଡାକ୍ତର ଏବଂ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏକୋଇଶ ଗୋଟି ସିଲେଇ ମେସିନ ବଣ୍ଟନ କରାଯାଇଥିଲା। ସେବା ସମିତିର ସଭାପତି ପଙ୍କଜ ରାଉତ ମଞ୍ଚ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ପ୍ରତିଷ୍ଠାତା କାଳୀ ପ୍ରସନ୍ନ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶତାୟୁ ପୁରୁଷଙ୍କ ଜନ୍ମ ଜୟନ୍ତୀ

ଜଳେଶ୍ୱର, ୩/୨ (ନିପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁରାମଚନ୍ଦ୍ରପୁର ପଂଚାୟତ ଅଧିନ ମହାନ୍ତିସାହି ଗ୍ରାମର ଶତାୟୁ ପୁରୁଷ ସନାତନ ଦାସଙ୍କ ୧୦୦ତମ ଜନ୍ମ ଜୟନ୍ତୀ ପାଳନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଆଜି ପୂର୍ବାହ୍ନରେ ତାଙ୍କ ବାସଭବନରେ ଅନୁଷ୍ଠିତ ଉତ୍ସବରେ ପୁତ୍ର, କନ୍ୟା ଓ ନାତିନାତୁଣୀଙ୍କ ସହିତ ଜଳେଶ୍ୱର ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇ ତାଙ୍କର ଦୀର୍ଘାୟୁ କାମନା କରିଥିଲେ। ପୁତ୍ର ଦୁର୍ଗାଶଂକର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସମାଜସେବୀ ସୁବାସୀନି ଜେନା, ସମ୍ମାନୀତ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ଚରଣ ପାତ୍ର, ବିପିନ ବିହାରୀ ବିଶ୍ୱାଳ, ତହସିଲଦାର କ୍ଷିରୋଦ ପ୍ରସାଦ ପଣ୍ଡା, ଲେଲିନ୍ ପ୍ରଧାନ, ଭୂପତି ମିର୍ଦ୍ଧା, ଜିଲ୍ଲାପରିଷଦ ସଭ୍ୟା ସାବିତ୍ରୀ ଦାସ, ମଧୁସୂଦନ ସେନାପତି, ବିଧୁଭୂଷଣ କାନୁନ୍‌ଗୋ ପ୍ରମୁଖ ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କୁ ସମ୍ମାନ ଓ ସହାୟତା କରିବା ଆମର କର୍ତ୍ତବ୍ୟ ହେବା ଉଚିତ୍ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ରାମ ଦାସ, ପଂଚାୟତ ସମିତି ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ସମବାୟବିତ୍ ମାନସ କୁମାର ଜେନା, ଏଏସ୍ଆଇ ନରେନ୍ଦ୍ର ସେଠୀ, ଆର୍.କେ ସେଠୀ, ସମାଜସେବୀ କାଳିଚରଣ ଦାସ, ଶିକ୍ଷକ ନେତା ଶଶାଙ୍କ ଶେଖର ମହାନ୍ତି, ବସନ୍ତ ବାରିକ, ଦୁର୍ଜୟ ପାଣିଗ୍ରାହୀ, ସୁଜୟ କରଣ, ଜେଇ ବିଜୟ ଦାସ, ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ଆର୍ଶୀବାଦ ଭିକ୍ଷା କରିଥିଲେ।

## ଜଗନ୍ନାଥ ମନ୍ଦିର ଚୂଡାକରଣ ଉତ୍ସବ



ଜଳେଶ୍ୱର, ୩/୨ (ନିପ୍ର) : ଜଳେଶ୍ୱର ବ୍ଲକ ନଚ୍ଛିମପୁର ପଂଚାୟତ ନଚ୍ଛିମପୁରଠାରେ ଶ୍ରୀଶ୍ରୀ ଗୌରାଙ୍ଗ ମହାପ୍ରଭୁ ଓ ରାଧାକୃଷ୍ଣ ଜିୟୁଙ୍କ ମଠ ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରର ଭଣ୍ଡାର ରତ୍ନମୋଦ ଚୂଡାକରଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ସକାଳ ୬ଟାରୁ ୧୧ଟା ପର୍ଯ୍ୟନ୍ତ ଶୁଭଲଗ୍ନରେ ପଂଚାୟତର ଆଖାପାଖ ଅଂଚଳର ଶତାଧିକ ଭକ୍ତ ଶଷ୍ୟ, ସୁନା, ରୂପା, ଧାତୁ, ଅର୍ଥରାଶି ମନ୍ଦିର ନିର୍ମାଣ ପାଇଁ ଦାନ କରିଥିଲେ। ବର୍ତ୍ତନା ମଠାଧିଶ ଶ୍ରୀଶ୍ରୀ ଅଦୈତ୍ୟ ମହାରାଜ ଦେବ ଓ ଶ୍ରୀ ରାଧାଶ୍ୟାମ ବାବା ଏବଂ ବିଭିନ୍ନ ଗ୍ରାମର ମନ୍ଦିର ସେବକ କାର୍ତ୍ତିକ ଚନ୍ଦ୍ର ଦାସ, ଗିରିଧାରୀ ରାଜ, ତ୍ରିଲୋଚନ ଦାସ ଅଧିକାରୀ, ନରୋତ୍ତମ ପ୍ରଧାନ, ସରପଂଚ ଦୀପାଳୀ ଜେନା, ସୁଦାମ ପାତ୍ର, ରାଜେଶ ଜେନା, ବାଳମୁକୁନ୍ଦ ଦେ, ପାର୍ବତୀ ଦାସ, ଜଗନ୍ନାଥ ରଣା, ଲକ୍ଷ୍ମୀଧର ଗିରି, ସଂଜୟ ରଣା, ଗଣେଶ ସିଂ, ପ୍ରଦୀପ ପ୍ରଧାନ, ଅଜୟ ଦାସ, କ୍ଷିତିଶ ବିଶ୍ୱାଳ, ଉତ୍ତମ ପ୍ରଧାନ ଏବଂ ମନ୍ଦିର ନିର୍ମାଣର ମୁଖ୍ୟ ରଣା ଶାଳିକୋଠା ଗ୍ରାମର ବସନ୍ତ କୁମାର ଦାସ ଏବଂ ଭ୍ରାତାଗଣ ନିର୍ମାଣରେ ସହାୟତା କରିଥିଲେ। ସକାଳ ଠାରୁ ଭଜନ କୀର୍ତ୍ତନ, ପ୍ରସାଦ ସେବନ ଚାଲୁ ରହିଥିଲା। ଭୂମୀଦାତା ନିତାଇ ଚରଣ ଗିରି, ଗୌରଚରଣ ଗିରି ଉତ୍ସବର ସଫଳ ରୂପାୟନ ଲାଗି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହିକାର୍ଯ୍ୟକ୍ରମକୁ ଦୁର୍ଗାଶଂକର ଗିରି, ଶଂକର ଦାସ, ସତ୍ୟବ୍ରତ ପ୍ରଧାନ, ସୁରେଶ ପ୍ରଧାନ, ବେଣୁଧର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ୧୯୮୮ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ



ଉଦଳା,୦୩।୦୨ (ନି.ପ୍ର): ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ କୁଆମରା ଉଚ୍ଚବିଦ୍ୟାଳୟର ୧୯୮୮ ମାଟ୍ରିକ ବ୍ୟାଚର ୪୦ଜଣ ବନ୍ଧୁ ବାନ୍ଧବୀକୁ ନେଇ ଏକ ବଣଭୋଜୀର ଆୟୋଜନ କରାଯାଇଥିଲା। ପଞ୍ଚଲିଙ୍ଗେଶ୍ୱରସ୍ଥିତ ସାଇ ଈଶ୍ୱର ହିଲ ଭିୟୁ ରିସୋର୍ଟ ଠାରେ ୪୦ ଜଣ ବନ୍ଧୁ ବାନ୍ଧବୀ ମାନଙ୍କୁ ନେଇ ଏହି ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଉତ୍ସବ ଆରମ୍ଭ ପୂର୍ବରୁ ପରଲୋକଗତ ଶିକ୍ଷକ ଓ ବନ୍ଧୁ ବାନ୍ଧବ ମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ଦୁଇ ବାନ୍ଧବୀ ସଙ୍ଗମିତ୍ରା ମଜୁଆଳ ଓ ନିହାରିକା ଭୋଳ କେକ କାଟି ଏହି ଉତ୍ସବକୁ ଶୁଭାରମ୍ଭ କରିଥିଲେ। ବନ୍ଧୁ କୃଷ୍ଣଚନ୍ଦ୍ର ମହାନ୍ତ, ମନୋଜ ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦିର୍ଘ ୧ ବର୍ଷ ପରେ ସାଙ୍ଗମାନେ ଏକତ୍ରିତ ହୋଇଥିବାରୁ ନାଚଗୀତରେ ନିଜକୁ କିଛି କ୍ଷଣ ପାଇଁ ହଜେଇ ଦେଇଥିଲେ। ପ୍ରତ୍ୟେକ ବନ୍ଧୁଙ୍କୁ ସ୍ମୃତି ସନ୍ତକ ଏକ କପ୍ ଦିଆଯାଇଥିଲା। ଉତ୍ସବକୁ ଉଦ୍‌ଜିବିତ କରାଯିବା ପାଇଁ ବନ୍ଧୁ ସୁକାନ୍ତ ଦାସ, ରାଜେନ୍ଦ୍ର ବେହେରା, ଜୟନ୍ତ ଦାସ, ଶିବାଜୀ ରଥ ଓ ପ୍ରଭାସ ମିଶ୍ରଙ୍କ ପ୍ରଚେଷ୍ଟା ସହିତ ଅନ୍ୟବନ୍ଧୁ ତପନ ମହାନ୍ତି, ବସନ୍ତ ସିଂ, ବସନ୍ତ ରାଉତ, କାଶିନାଥ ପୃଷ୍ଟି, ଦୁସ୍ମନ୍ତ ବେହେରା, ତାପସ ଘୋଷ, ବିଶ୍ୱଜିତ ମହାପାତ୍ର, ପ୍ରକାଶ ଦାସ, ସ୍ୱରୁପ ସ୍ୱାଇଁ ସନ୍ତୋଷ ରାଉତ, ଗୌରହରି ଜେନା, ସତ୍ୟନାରାୟଣ ଚୌଧୁରୀ, ପ୍ରମୋଦ ମହାନ୍ତି, ଗୋବିନ୍ଦ ମାଇତି ପ୍ରମୁଖ ଏହିକାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏଭଳି ବନ୍ଧୁମିଳନ ପ୍ରତ୍ୟେକ ବର୍ଷ ଆୟୋଜନ କରିବାକୁ ସମସ୍ତେ ସହମତି ପ୍ରକାଶ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo